

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୩ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 23 JANUARY 2022
Vol.No. 33 ■ No. 22 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ମୁମ୍ବାଇରେ ଅଗ୍ନିକାଣ୍ଡ: ୭ ମୃତ, ୨୨ରୁ ଅଧିକ ଆହତ

ନୂଆଦିଲ୍ଲୀ,୨୨/୦୧: ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ । ୨୦ ମହଲା ବିଲ୍ଡିଂର ୧୮ ନମ୍ବର ମହଲାରେ ଭୟଙ୍କର ନିଆଁଲାଗି ୭ ଜଣ ପ୍ରାଣ ହରାଇଛନ୍ତି ଏବଂ ୨୨ ଜଣ ଆହତ ହୋଇଛନ୍ତି । ଏଭଳି ଅଭାବନୀୟ ଘଟଣା ଘଟିଛି ମୁମ୍ବାଇର ତାରଦେଓ ଅଂଚଳରେ ଥିବା କମଲା ଆପାର୍ଟମେଂଟ୍ରେ । ମୁମ୍ବାଇରେ ତାରଦେଓ ଅଂଚଳରେ ଥିବା ଏକ ୨୦ ମହଲା ବିଲଡିଂରେ ଭିଷଣ ଅଗ୍ନିକାଣ୍ଡ । ବିଲଡିଂର ୧୮ ନମ୍ବର ମହଲାରେ ନିଆଁ ଲାଗିବା ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଝରକା ଫାଙ୍କରୁ ହୁ ହୁ ହୋଇ ନିଆଁ ଜଳୁଥିବାର ଦୃଶ୍ୟ ଆଖ ପାଖରେ ଥିବା ଲୋକଙ୍କୁ ଆତଙ୍କିତ କରିଛି । ବିଲଡିଂରୁ ଏତେ ଅଧିକ ମାତ୍ରାରେ ଧୂଆଁ ବାହାରିଛି ଯେ, ସାରା ଅଂଚଳକୁ ଧୁଆଁ ମୟ କରି ଦେଇଛି । ଅଗ୍ନିକାଣ୍ଡର ସୂଚନା ପାଇ ଦମକଳ ବାହିନୀର ୨୦ଟି ଗାଡି ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ କରିଛନ୍ତି । ଅଗ୍ନିକାଣ୍ଡରେ ୭ଜଣ ପ୍ରାଣ ହରାଇଥିବାବେଳେ, ୨୨ରୁ ଅଧିକ ଆହତଙ୍କୁ ନିକଟସ୍ଥ ଭାଟିଆ ହସ୍ପିଟାଲରେ ଭର୍ତି କରାଯାଇଛି । କମଲା ଆପାର୍ଟମେଂଟ୍ରେ ସବୁଦିନ ପରି ସବୁକିଛି ଠିକ ଠାକ ଚାଲିଥିଲା । ସକାଳୁ ଯେ ଯାହା କାମରେ ବ୍ୟସ୍ତ ଥିଲେ । କିଏ ଘର କାମରେ ବ୍ୟସ୍ତ ଥିଲା ତ କିଏ ଅଫିସ ବାହାରିବା ପାଇଁ ତରବର ହେଉଥିଲା । କିନ୍ତୁ ହଠାତ ▶▶ପୃଷ୍ଠା ୭



### ପ୍ରଧାନମନ୍ତ୍ରୀ ଘୋଷଣା କଲେ ୨ ଲକ୍ଷ ଟଙ୍କାର ଅନୁକଂପା ରାଶି

ନୂଆଦିଲ୍ଲୀ,୨୨/୦୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ମୁମ୍ବାଇରେ ଏକ ବିଶାଳ କୋଠାରେ ନଆଁ ଲାଗିବା ଘଟଣାରେ ବହୁ ଧନଜୀବନ କ୍ଷୟକ୍ଷତି ପାଇଁ ଗଭୀର ଦୁଃଖ ବ୍ୟକ୍ତ କରିଛନ୍ତି । ମୃତକ ପରିବାର ବର୍ଗ ଓ ଆହତ ମାଙ୍କ ପାଇଁ ଅନୁକଂପା ରାଶି ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଟ୍ୱିଟ କରି କହିଛନ୍ତି ମୁମ୍ବାଇରେ ନାରଦେବରେ କୋଠାରେ ନିଆଁ ଲାଗିବା ଘଟଣାରେ ମୁଁ ବହୁତ ଦୁଃଖି । ଶୋକ ସଂତପ୍ତ ପରିବାର ପ୍ରତି ମୋର ସମବେଦନା ଏବଂ ଆହତ ବ୍ୟକ୍ତିମାନେ ଆଶୁ ଆରୋଗ୍ୟ ପାଇଁ ମୋର କାମନା । ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ତରଫରୁ ସୁଚନା ଅନୁସାରେ ମୁମ୍ବାଇର ଏକ କୋଠାରେ ନିଆଁ ଲାଗି ମୃତ୍ୟ ହୋଇଥବା ଲୋକମାନଙ୍କ ପାଇଁ ଦୁଇ ଦୁଇ ଲକ୍ଷ ଲେଖାଁଏ ଓ ଆହତ ବ୍ୟକ୍ତି ମାନଙ୍କ ପାଇଁ ୫୦-୫୦ ହଜାର ଟଂକା ଲେଖାଁଏ ଅନୁକଂପା ରାଶି ଦିଆଯିବା ପାଇଁ ଘୋଷଣା କରାଯାଇଛି । ଖବର ନିଆ ଯିବାରୁ ଜଣା ପଡିଛି ଏହି ନିଆଁ ଲାଗିବା ଘଟଣାରେ ୭ ଜଣ ମରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି ।

## ବାଲେଶ୍ୱର ଓ ସୋନପୁରରେ ମର୍ମନ୍ତୁଦ ଦୁର୍ଘଟଣା
## ବାଲେଶ୍ୱରରେ ୬ ଓ ସୋନପୁରରେ ୫ ମୃତ

ବାଲେଶ୍ୱର,୨୨/୦୧ (ନି.ପ୍ର): ବାଲେଶ୍ୱର ଜିଲା ୧୬ ନଂ ଜାତୀୟ ରାଜପଥର ବିଦୁଛକଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୬ ବସଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ଆହତ ୨୦ରୁ ଅଧିକ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଉଦଳାରୁ ଫେରି ଭୁବନେଶ୍ୱର ଯାଉଥିବା ଓଡି୦୪କେ/୨୨୨୫ ନଂର ଶାନ୍ତିଲତା ବସ ୧୬ ନଂ ଜାତୀୟ ରାଜପଥର ବିଦୁଛକଠାରେ ଯାତ୍ରୀ ଉଠାଇବା ପାଇଁ ଅଟକିଥିଲା । ବସ ନିର୍ଦ୍ଧାରିତ ଷ୍ଟପେଜରେ ଛିଡ଼ା ହେବା ପରେ ଯାତ୍ରୀମାନେ ବ ଓହ୍ଲାଉଥିବା ବେଳେ ପଛରୁ କ୍ଷୀପ୍ର ବେଗରେ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ ଏହାକୁ ଧକ୍କା ଦେଇଥିଲା । ଏହି ଧକ୍କା ଏତେ ଶକ୍ତିଶାଳୀ ଥିଲା ଯେ ଉଭୟ ବସ ଓ ଟ୍ରକ ଜାତୀୟ ରାଜପଥରୁ ପ୍ରାୟ ୨୦ ଫୁଟ ତଳ ସର୍ଭିସ ରୋଡକୁ ଖସି ଓଲଟି ପଡ଼ିଥିଲା । ତେବେ ଦୁର୍ଘଟଣା ଘଟିବା ମାତ୍ରେ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଖବର ପାଇ ସୋର ପୁଲିସ ଓ ଅଗ୍ନିଶମ ବିଭାଗ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ । ବସରେ ୫୫ରୁ ଅଧିକ ଯାତ୍ରୀ ଥିବା ବେଳେ ସେଥିରେ ଚାପି ହୋଇ ରହିଯାଇଥିବା ବ୍ୟକ୍ତିଙ୍କୁ ସାମ୍ନା କାଚ ଭାଙ୍ଗି ଲୋକେ ଉଦ୍ଧାର କରିଥିଲେ । ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଦୁର୍ଘଟଣାରେ ଜଣେ ମହିଳା ଓ ଶିଶୁଙ୍କ ସମେତ ୬ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ସରକାରୀ ସୂତ୍ରରୁ ସୂଚନା ମିଳିଥିଲେ ବି ମୃତକଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଉଛି । ତେବେ ଏହି ଦୁର୍ଘଟଣା ସମ୍ପର୍କରେ ଜାଣିବା ପରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ଅତିରିକ୍ତ ଜିଲାପାଳ, ଆରଟିଓ, ଏମଭିଆଇ, ସୋର ବିଡିଓ ଓତହସିଲଦାର, ▶▶ପୃଷ୍ଠା ୭





### ସୋରୋ ଓ ସୋନପୁର ଦୁର୍ଘଟଣାରେ ମୃତକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୨ ଲକ୍ଷ ଟଙ୍କାର ସହାୟତା ଘୋଷଣା

ଭୁବନେଶ୍ୱର,୨୨/୦୧ (ନି.ପ୍ର): ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଦୁଇ ଲକ୍ଷ ଟଙ୍କା ର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଏତଦବ୍ୟତୀତ ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଅନ୍ୟ ବ୍ୟକ୍ତି ମାନଙ୍କୁ ଉତମ ଚିକିତ୍ସା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସୋମାନଙ୍କ ର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

### ବୁଲିବାଇ ଆପ୍ ମାମଲାରେ ଦୋଷୀ ବିଶାଲ ଝାଙ୍କ ଆଗୁଆ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ, ୨୨/୦୧: ଦିଲ୍ଲୀର ପଟିଆଲା ହାଉସ କୋର୍ଟ ବୁଲିବାଇ ଆପ୍ ମାମଲାରେ ଦୋଷୀ ବିଶାଳ ଝାଙ୍କ ଆଗୁଆ ଜାମିନ ଆବେଦନ ଖାରଜ କରିଦେଇଛନ୍ତି । ଆଡ଼ିସନାଲ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରଣା ଏହି ଆଦେଶ ଦେଇଛନ୍ତି । ଏବେ ଫଇସଲା କୋର୍ଟର ଆଧିକାରିକ ୱେବ୍‌ସାଇଟରେ ଅପଲୋଡ଼ କରାଯାଇ ନାହିଁ ।ଆଜି ସକାଳେ ଶୁଣାଣି ସମୟରେ ଓକିଲ ନୀତେଶ ରାଣେ ଇଡ଼ିରେ ହଜାର ହୋଇକୋର୍ଟଙ୍କୁ କହିଛନ୍ତି ଯେ, ସେତାଙ୍କ ଉତର ଦାଖଲ କରିଛନ୍ତି ଜାନୁଆରୀ ୨୧ରେ ବିଶାଲଙ୍କ ଗିରଫଦାରୀ ଉପରେ କୋର୍ଟ ମଧ୍ୟବର୍ତୀକାଳୀନ ରହିବାକୁ ଅନୁମତି ଦେଇଥିଲେ । ସମାନ ତଥ୍ୟ ଆଧାରରେ ଦୁଇଟି ସ୍ଥାନରେ କିପରି ଏଫଆଇଆର ପଂଜିକୃତ ହୋଇପାରିବ ସେ ନେଇ କୋର୍ଟ ଦିଲ୍ଲୀ ପୋଲିସକୁ ପଚାରିଥିଲେ ।

## ବିବାଦରେ ବିଶ୍ୱେଶ୍ୱର ଟୁଡୁ: ୨ ଅଧିକାରୀଙ୍କୁ ମାଡ ମାରିବା ଅଭିଯୋଗରେ ଦାୟର ହେଲା ମାମଲା

ବାରିପଦା,୨୨/୦୧(ନି.ପ୍ର): ମୟୁରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦୁଇ ଅଧିକାରୀଙ୍କୁ କେନ୍ଦ୍ରମନ୍ତ୍ରୀ ମାଡ ମାରିବା ଘଟଣାରେ ମାମଲା ରୁଜୁ କରିଛି ପୋଲିସ । ଗତକାଲି ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କେନ୍ଦ୍ରର ଦୁଇ କର୍ମଚାରୀ ଅଶ୍ୱୀନି କୁମାର ମଲ୍ଲିକ ଓ ଦେବାଶିଷ ମହାପାତ୍ରଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଥିଲା । ୫ଟି ଆଇପିସି ଧାରାରେ ମାମଲା ରୁଜୁ ହୋଇଛି । ଗମ୍ଭୀର ଆଘାତ ଦେବା, ଜୋରଜବରଦସ୍ତ ଅଟକାଇବା, ଅପଶବ୍ଦ ପ୍ରୟୋଗ ଏବଂ ଅପରାଧିକ ଆଭିମୁଖ୍ୟ ରଖି ଧମକାଇବା ଭଳି ଦଫା ଲଗାଇ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି ପୋଲିସ । ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପୁଲିସ କହିଥିବା ବେଳେ ଭାଇରାଲ ହେବାରେ ଲାଗିଛି କେନ୍ଦ୍ରମନ୍ତ୍ରୀ ଓ ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଫୋନକଲ୍ । ଫାଇଲ ଧରି ତାଙ୍କ ନିକଟକୁ ଆସିବାକୁ ଫୋନରେ ଚାପ ପକାଉଛନ୍ତି କେନ୍ଦ୍ରମନ୍ତ୍ରୀ । ଦୁଇ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିଥିବା ଅଭିଯୋଗରେ କେନ୍ଦ୍ରମନ୍ତ୍ରୀ ▶▶ପୃଷ୍ଠା ୭



## ବିଜେପି ଓ ବିଜେଡିରେ ଏକାଧିକ ଆଶାୟୀଙ୍କୁ ନେଇ ବଢିଲା ଅଡୁଆ

ନୂଆଦିଲ୍ଲୀ,୨୨/୦୧: ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ସରଗରମ ରାଜନୀତି । ବିଜେପି ଓ ବିଜେଡିରେ ଏକାଧିକ ଆଶାୟୀଙ୍କୁ ନେଇ ଦଳର ଅଡୁଆ ବଢିବାରେ ଲାଗିଛି । ଦଳୀୟ ଟିକେଟ ପାଇନଥିବା ଅସନ୍ତୁଷ୍ଟ ପ୍ରାର୍ଥୀ ସ୍ୱାଧିନ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏବେ ତାଙ୍କୁ ମନାଇବା ପାଇଁ ପ୍ରୟାସ ଚଳାଇଛନ୍ତି ନେତା । ଯଦି ସେମାନେ ସ୍ୱାଧିନ ଭାବରେ ନିର୍ବାଚନ ଲଢନ୍ତି ତେବେ ଏହା ଦଳ ମାନଙ୍କ ପାଇଁ କାଳ ହୋଇପାରେ । ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ଗାଁରେ ଏବେ ରାଜନୀତି ଜୋର ଧରିଛି । ନାମାଙ୍କନ ଦାଖଲ ହେବା ପରେ ଏହି ରାଜନୀତି ଏବେ ଆହୁରି ତିବ୍ର ହୋଇଛି । କାରଣ ଅସନ୍ତୁଷ୍ଟ ପ୍ରାର୍ଥୀ ଏବେ ବିଜେଡି ଓ ବିଜେପି ପାଇଁ କାଳ ହୋଇଛନ୍ତି । ଦଳ ପକ୍ଷରୁ ଟିକେଟ ନମିଳିବାକୁ ସେମାନେ ସ୍ୱାଧୀନ ଭାବରେ ଛିଡା ହେବାକୁ ଅଡି ବସିଛନ୍ତି ଯାହାକି ଦଳ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି ।

### ନିର୍ବାଚନୀ ରାଲି ଓ ରୋଡ ଶୋ’ ଉପରେ ଲାଗିଥିବା ବ୍ୟାନ ୩୧ ଯାଏ ବଢ଼ିଲା

ନୂଆଦିଲ୍ଲୀ,୨୨/୦୧: ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭାରତୀୟ ନିର୍ବାଚନ କମିଶନ ରାଜନୀତିକ ରାଲି, ରୋଡ ଶୋ’ ଓ ପଦଯାତ୍ରା ଉପରେ ଲଗାଇଥିବା ରୋକ ଅବଧିକୁ ଆଜି ପୁଣିଥରେ ବୃଦ୍ଧି କରିଛନ୍ତି । ଏହି କଟକଣାକୁ ଜାନୁଆରୀ ୩୧ ଯାଏ ବଢ଼ାଯାଇଥିବା କମିଶନ ପକ୍ଷରୁ ସୂଚନା ଦିଆଯାଇଛି । ଏହାର ଅର୍ଥ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ଉତ୍ତର ପ୍ରଦେଶ, ଗୋଆ, ଉତ୍ତରାଖଣ୍ଡ, ପଞ୍ଜାବ ଓ ମଣିପୁରରେ ପରବର୍ତ୍ତୀ ନିର୍ଦ୍ଦେଶ ଯାଏ କୌଣସି ପ୍ରକାରର ରୋଡ ଶୋ’, ରାଲି କିମ୍ବା ପଦଯାତ୍ରା ଅନୁଷ୍ଠିତ ହୋଇପାରିବ ନାହିଁ । ସେହିପରି ଭର୍ଚୁଆଲ ରାଲି ଓ ସଭା ଦ୍ୱାରା ଲୋକଙ୍କ ପାଖରେ ପହଞ୍ଚିବେ । ରାଲି ଓ ରୋଡ ଶୋ’ ଉପରେ ରୋକ ଲାଗିଥିଲେ ମଧ ନିର୍ବାଚନ କମିଶନ ଫେବୃଆରୀ ୧୦ ଓ ୧୪ ▶▶ପୃଷ୍ଠା ୭

## ଫେବୃଆରୀ ଶେଷସୁଦ୍ଧା ତୃତୀୟ ଲହରୀ ଶେଷ ହୋଇପାରେ

ଭୁବନେଶ୍ୱର,୨୨/୦୧(ନି.ପ୍ର): ପାଂଚ ଛଅ ଦିନ ପୂର୍ବରୁ ପିକ୍ ଅତିକ୍ରମ କରିଗଲା ଭଳି ଲାଗୁଛି । ରାଜ୍ୟରେ ଯେଉଁଭଳି ଦୈନିକ ସଂକ୍ରମଣ କମୁଛି, ସେଥିରୁ ଏହା ସ୍ପଷ୍ଟ ହେଉଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ନିରଜ ମିଶ୍ର । ଆଗକୁ ଯଦି କିଛି ବଢିବ ମାଇନର ସ୍ପାଇକ ହୋଇପାରେ । ବର୍ତମାନ ଟ୍ରେଣ୍ଡ ନିମ୍ନଗାମୀ ରହିଲା ଏବଂ ଏହା ଏହିଭଳି ଚାଲିବ, ଆଗାମୀ ସପ୍ତାହ ସୁଦ୍ଧା କେସ ଲୋଡ ବହୁତ କମି ଯାଇଥିବ । ଫ୍ରେବୃଆରୀ ପନ୍ଦର ସୁଦ୍ଧା ତୃତୀୟ ଲହର କମି ଆସିଥିବ ଏବଂ ଶେଷ ସୁଦ୍ଧା ଏହା ଶେଷ ହୋଇଯାଇପାରେ ବୋଲି ଡା. ମିଶ୍ର ପ୍ରତିକ୍ରିୟା ଦେଇଛନ୍ତି । ୟୁ କେ ସରକାର ଓମିକ୍ରନ ବିଏ -୨ କୁ ଭାରିଆଂଟ ଅଫ ଇଂଟରେଷ୍ଟ ଘୋଷଣା କରିଛି । ଡେନମାର୍କରେ ଏହା ଦ୍ରୁତ ଗତିରେ ସଂକ୍ରମଣ ହେଉଛି । ଏହି ସବ- ଭାରିଆଂଟ ଭାରତରେ ମଧ ଦେଖାଦେଇଛି । କୌଣସି ଲୋକକୁ ଯଦି ଓମିକ୍ରନ ବିଏ -୧ ହୋଇଥାଏ ତାକୁ ବିଏ -୨ ମଧ ହୋଇପାରେ । କିଛି ବିଶେଷଜ୍ଞଙ୍କ ମତରେ ବିଏ-୨ଲାଗି ଦ୍ୱିତୀୟ ସ୍ପାଇକ ଆସିପାରେ କିନ୍ତୁ ଭାରତରେ ଏହା ପୂର୍ବରୁ ଅଛି, ତେଣୁ ଦେଶରେ ସେଭଳି କୌଣସି ପ୍ରଭାବ ପଡି ନ ପାରେ । ଏହା ଏତେ ସାଙ୍ଘାତିକ ନୁହେଁ, ମୃତ୍ୟୁ ମଧ ହେଉ ନାହିଁ କେବଳ ପୁଣି ଥରେ ସଂକ୍ରମଣ କରାଇବ ।



## ଚୀନ ଏୟାରଲାଇନସ ଉପରେ ଆମେରିକାର କଟକଣା

ନୂଆଦିଲ୍ଲୀ,୨୨/୦୧: ଚୀନ ଏୟାରଲାଇନସ ଉପରେ ଆମେରିକା ପ୍ରଶାସନ ତରଫରୁ କଟକଣା । ଆମେରିକାରୁ ଚୀନକୁ ଉଡାଣ ଭରିବାକୁ ଥିବା ୪୪ ଟି ବିମାନ ଉଡାଣକୁ ବାତିଲ କରିବା ପାଇଁ ଘୋଷଣା କରିଛି ଆମେରିକା । ୩୦ ଜାନୁଆରୀରୁ ଏହି ନିୟମ ଲାଗୁ କରାଯିବ । ୨ ବର୍ଷ ତଳେ ଚୀନ ମଧ ସମାନ ନୀତି ଆମେରିକା ପାଇଁ ଆପଣେଇଥିଲା । କିଛି ଯାତ୍ରୀ ପଜିଟିଭ ଜଣାପଡିବା ପରେ କରୋନାକୁ କାରଣ ଦେଖାଇ ଚୀନ ତରଫରୁ ଆମେରିକା ଯିବାକୁ ଥିବା ବିମାନକୁ ବାତିଲ କରାଯାଇଥିଲା । ତେବେ ବେଜିଙ୍ଗ ପ୍ରଶାସନ ପକ୍ଷରୁ କିଛି ନିର୍ଦ୍ଧିଷ୍ଟ ଆମେରିକାନ ବିମାନକୁ ନିଷେଧ କରାଯାଇଥିଲା । ଆମେରିକାର ଏହି ଆପତି କୁ ଅନୁଚିତ ବୋଲି କହିଛି ଚୀନ ଦୂତବାସ । ୱାସିଙ୍ଗଟନରେ ଥିବା ଚୀନ ଦୂତବାସ ପ୍ରବକ୍ତା ଲିୟୁ ପେଙ୍ଗ୍ୟୁ ଆମେରିକାର ପ୍ରଶାସନକୁ ଅନୁରୋଧ କରିଛନ୍ତି । ଚୀନି ଏୟାରଲାଇନସର ପାସେଂଜର ଫ୍ଲାଇଟକୁ ବାତିଲ ନକରିବାକୁ ଅନୁରୋଧ କରିଛନ୍ତି ଲିୟୁ ପେଙ୍ଗ୍ୟୁ ।



## ଢିଙ୍କିଆରେ ପୁଲିସର ନିର୍ଯ୍ୟାତନା: ସ୍ଥିତି ପରଖିଲା କଂଗ୍ରେସ

ଭୁବନେଶ୍ୱର,୨୨/୦୧(ନି.ପ୍ର): ଜଗତସିଂହପୁର ଜିଲ୍ଲାର ଢିଙ୍କିଆରେ ସାଧାରଣ ଲୋକଙ୍କ ଉପରେ ପୁଲିସର ବର୍ବର ଆକ୍ରମଣ ଓ ନିର୍ଯାତନା ବିରୁଦ୍ଧରେ ଜାତୀୟ ମାନବାଧିକାର କମିଶନ(ଏନଏଚଆରସି)ଙ୍କ ପାଖରେ କଂଗ୍ରେସ ଫେରାଦ ହେବ । ଆଜି କଂଗ୍ରେସ ପ୍ରଭାରୀ ଏ ଚେଲାକୁମାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଢିଙ୍କିଆ ଗସ୍ତ କରି ସେଠାରେ ପୁଲିସର ଆକ୍ରମଣର ଶିକାର ହୋଇଥିବା ଲୋକଙ୍କୁ ଭେଟିବା ସହ ସମର୍ଥନ ଜଣାଇଥିଲେ । ଢିଙ୍କିଆରେ ସ୍ଥିତି ଅନୁଧ୍ୟାନ ପରେ କଂଗ୍ରେସ ପ୍ରଭାରୀ ଚେଲାକୁମାର କହିଛନ୍ତି ଯେ, ଜମି ମାଫିଆଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମ୍ପର୍କ ରହିଛି । ଶିଳ୍ପ ନାଁରେ ଜମି ଅଧିଗ୍ରହଣ କରି ଚଢ଼ା ମୂଲ୍ୟରେ ଅନ୍ୟକୁ ଦିଆଯାଉଛି । ଏମଓୟୁ ନକରି ମଧ ଜେଏସଡବ୍ଲ୍ୟୁ କିଭଳି ସମ୍ପୃକ୍ତ ଅଂଚଳରେ ପଶିଛି । ପୁଲିସର ବର୍ବରତାକୁ ନିନ୍ଦା କରିବା ସହ ଏହା ବିରୁଦ୍ଧରେ ଏନଏଚଆରସିକୁ କଂଗ୍ରେସ ଯିବ ବୋଲି କହିଛନ୍ତି । ଢିଙ୍କିଆ ଗ୍ରାମବାସୀମାନେ ପୁଲିସର ଆତଙ୍କରାଜ, ଦୌରାତ୍ମ୍ୟ ଅତ୍ୟାଚାର ମଧ୍ୟରେ ଅତିଷ୍ଠ ହୋଇପଡ଼ିଲେଣି । ଲୋକଙ୍କ ସ୍ୱଭାବିକ ଜୀବନ, ଜୀବିକା ଓ ରୋଜଗାର ଆଦି ସବୁକିଛି ବିପନ୍ନ ହୋଇପଡ଼ିଲାଣି । ପୋଲିସର ଅତ୍ୟାଚାର ସୀମା ପାର କରିଛି । ଶହ ଶହ ଲୋକଙ୍କ ଉପରେ ମିଥ୍ୟା ମକଦ୍ଦମା କରାଯାଇ ତାଙ୍କୁ ଜେଲରେ ପୁରାଯାଇଛି । ଗୋଟେ ପରିବାରର ୫ଜଣଙ୍କୁ ଗିରଫ କରାଯାଇଛି । ପୁଲିସର ଲୋମହର୍ଷଣକାରୀ ଘଟଣାବଳୀର ପ୍ରତ୍ୟକ୍ଷ ବର୍ଣ୍ଣନା ଶୁଣି ଚେଲା କୁମାର ଅତ୍ୟନ୍ତ ଭାବବିହ୍ୱଳ ହୋଇଥିଲେ ଏବଂ ଗୋଟିଏ ଗଣତନ୍ତ୍ର ରାଷ୍ଟ୍ରରେ ପୁଲିସର ଏପରି ବର୍ବରୋଚିତ ଆକ୍ରମଣର ନିନ୍ଦା କରିଥିଲେ । ଫୁଲଖାଇ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀଙ୍କ ଦ୍ୱାରା ଏକ ସଭାରେ ଚେଲା କୁମାର ଓ କଂଗ୍ରେସ ଟିମ୍ ସାମିଲ ହୋଇ ନିଜର ସମର୍ଥନ ଜଣାଇଥିଲେ । କଂଗ୍ରେସ ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ର ଢ଼ିଙ୍କିଆ ଅଂଚଳରୁ ଅବିଳମ୍ବେ ପୋଲିସ ପ୍ରତ୍ୟାହାର ସହ ଗାଁ ଲୋକଙ୍କୁ ତୁରନ୍ତ ଖଲାସ କରିବାକୁ ଦାବି କରିଥିଲେ । କଂଗ୍ରେସ ଦଳ ଶିଳ୍ପ ପ୍ରତିଷ୍ଠାକୁ ବିରୋଧ କରେ ନାହିଁ, ଶିଳ୍ପ ପ୍ରତିଷ୍ଠା ହେଉ କିନ୍ତୁ ଗ୍ରାମବାସୀଙ୍କୁ ଧମକାଇ, ଡରାଇ, ଜୋରଜବରଦସ୍ତ ତାଙ୍କର ଜମି ଛଡ଼େଇ ନେଇ ଶିଳ୍ପ ପ୍ରତିଷ୍ଠା କରାନଯାଉ ବୋଲି ସେ କହିଥିଲେ । ▶▶ପୃଷ୍ଠା ୭



## ପୂର୍ବତନ ମନ୍ତ୍ରୀ ଅଂଜଳି ବେହେରା ହେଲେ ସମିତି ସଭ୍ୟ ପ୍ରାର୍ଥୀ

ଭୁବନେଶ୍ୱର,୨୨/୦୧(ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଗତକାଲି ଥିଲା ପ୍ରାର୍ଥୀପତ୍ର ଦାଖଲର ଶେଷଦିନ । ଆଉ ଶେଷ ମୁହୂର୍ତରେ ନାମାଙ୍କନପତ୍ର ଦାଖଲ କରିବାକୁ ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟରେ ଭିଡ ଦେଖିବାକୁ ମିଳିଥିଲା । ବିଭିନ୍ନ ରାଜନୈତିକ ଦଳର ସମର୍ଥିତ ପ୍ରାର୍ଥୀଙ୍କ ଠାରୁ ଆରମ୍ଭ କରି ଅସନ୍ତୁଷ୍ଟ ପ୍ରାର୍ଥୀ ବି ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଏହାରି ଭିତରେ ଗାଁ ଗାଁରେ କିଛି ପାଠୁଆ ପ୍ରାର୍ଥୀ ଓ ପୂର୍ବତନ ମନ୍ତ୍ରୀଙ୍କ ପୁଅବୋହୂ ଓ ବିଧାୟକଙ୍କ ପତ୍ନୀ ପଂଚାୟତ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବାରୁ ସେମାନଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି । ପଂଚାୟତ ନିର୍ବାଚନ ମଇଦାନରେ ପୂର୍ବତନ ମନ୍ତ୍ରୀଙ୍କ ପୁଅ, ବୋହୂ । ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକ ଏବେ ରାଜନୀତିରୁ ସନ୍ୟାସ ନେଇ ଯାଇଛନ୍ତି । ହେଲେ ତାଙ୍କ ପୁଅ ସ୍ୱାଧୀନ କୁମାର ନାୟକ ପୁରୀ ଜିଲ୍ଲା ପରିଷଦ ଜୋନ ୮ରୁ ବିଜେଡି ଦଳ ସମର୍ଥନରେ ପ୍ରାର୍ଥୀ ପତ୍ର ହୋଇଥିବା ବେଳେ ବୋହୂ ନିବେଦିତା ନାୟକ ଅସ୍ତରଙ୍ଗ ବ୍ଲକ ଅଳଙ୍ଗପୁର ପଂଚାତୟରୁ ସମିତି ସଭ୍ୟ ଭାବେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ସମିତି ସଭ୍ୟ ପ୍ରାର୍ଥୀ ପାଇଁ ନାମଙ୍କନ ଦଖଲ କଲେ ବିଧାୟକଙ୍କ ପତ୍ନି । ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ପତ୍ନି ଶୁଭ୍ରାନ୍ତି ସାମନ୍ତରାୟ, କଣାସ ବ୍ଲକ ଦୋଛିଆ ପଂଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚନ ଲଢିବେ । ଏହାକୁ ନେଇ ଏବେ କଣାସ ରାଜନୀତି ବେଶ ସରଗରମ ହୋଇଛି । ତିନି ଥରର ବିଧାୟକ, ଦୁଇ ଥର ମନ୍ତ୍ରୀ ରହିସାରିଛନ୍ତି ଅଂଜଳି ବେହେରା । ବିଜେଡିରୁ ନିଲମ୍ବିତ ହୋଇ ବିଜେପିରେ ମିଶିବା ପରେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକର ଗିରିଧରପ୍ରସାଦ ପଂଚାୟତର ସମିତି ସଭ୍ୟ ପଦ ପାଇଁ ▶▶ପୃଷ୍ଠା ୭

# ୫୨୮୦ ବୋତଲ କଫ ସିରପ ଜବତ : ୩ ଗିରଫ

ବଲାଙ୍ଗିର,୨୨/୧ (ନି.ପ୍ର): ବିଭିନ୍ନ ନିଶାର ବେଆଇନ ବ୍ୟାପାରରେ ବଲାଙ୍ଗୀର ପେଣ୍ଠରେ ପରିଣତ ହୋଇଛି । ବେପାରୀ ମାନେ ତାଙ୍କର ସାମ୍ରାଜ୍ୟ ବିସ୍ତାର କରିଥିଲା ବେଳେ ପୁଲିସ ଦ୍ୱାରା ଧରାପଡି ଅନେକେ ଭିତରକୁ ଯାଉଥିଲା ବେଳେ ଏହା ଥମିବାର ନାମ ଧରୁ ନାହିଁ । ବଲାଙ୍ଗିର କଫ୍ ସିରପ୍ ଚୋରା ଚାଲାଣକାରୀ ମାନଙ୍କ ପାଇଁ ଭୂସ୍ୱର୍ଗ ପାଲଟିଥିବା ବେଳେ ବାରମ୍ବାର ଜିଲ୍ଲା ପୋଲିସର ଚଢ଼ଉରେ ଧରା ପଡୁଛନ୍ତି ଅନେକ କଫ୍ ସିରପ୍ ଚୋରା ଚାଲାଣକାରୀ । ଅନୁରୂପ ଭାବେ ବଲାଙ୍ଗିର ସଦର ପୋଲିସ ଦ୍ୱାରା ୫ ହଜାର ୨୮୦ ବୋତଲ କଫ୍ ସିରପ୍ ଜବତ ସହ ୩ ଜଣ ଗିରଫ ହୋଇଥିବା ବିଷୟରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସଡିପିଓ ତୋଫାନ ବାଗ । ଆଜି ପୂର୍ବାହ୍ନରେ ସ୍ଥାନୀୟ ସଦର ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ଟାଉନ୍ ଥାନା ଆଇଆଇସି କେ.ପ୍ରିୟଙ୍କା ରାଉତରାୟ ଏବଂ ସଦର ଆଇଆଇସି ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତିରେ ଏସଡିପିଓ ଶ୍ରୀ ବାଗ ଏ ସମ୍ପର୍କରେ ତଥ୍ୟ ରଖିଛନ୍ତି । ସୂଚନା ଅନୁସାରେ, କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସଦର ପୋଲିସର ଏକ ଟିମ୍ ସ୍ଥାନୀୟ ପଥରଚେପା ନିକଟରେ ଗତକାଲି ସଂଧ୍ୟାରେ ଏକ ଅଶୋକ ଲେଲ୍ୟାଣ୍ଡ ପିକଅପ୍ ଗାଡ଼ି (ନଂ.ଓଡ଼ି ୦୩ପି ୨୬୫୧)କୁ ଅଟକାଇ ସେଥିରେ ଅଖା ଢଙ୍କା ଯାଇଥିବା ୫୨୮୦ ବୋତଲ୍ କଫ୍ ସିରପ୍ ଜବତ କରିବା ସହ ଗାଡ଼ିରେ ଥିବା ଦୁଇ ଜଣ ମଘା ଓରଫ୍ କ୍ଷମାନିଧି ମେହେର (୩୧) ଏବଂ ପାଟଣାଗଡ଼ ବାବାଜୀପଡ଼ାର ସୁରେଶ ଦାଶ (୩୪)ଙ୍କୁ ଗିରଫ କରିଥିଲା । ପରେ ଏହି ପିକଅପ୍ ଗାଡ଼ିକୁ ଏସକର୍ଟ ଦେଇ ଆଗରେ ଯାଉଥିବା ଲରମ୍ବା ଥାନା ଅଧୀନସ୍ଥ ଲୁହାସିଂହାର ଗୋଲୁ ଓରଫ୍ ଲକ୍ଷ୍ମୀନାରାୟଣ ଅଗ୍ରୱାଲ (୪୨)ଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା । ତେବେ ୫,୨୮୦ ବୋତଲ କଫ୍ ସିରପ୍ ସହ ପିକଅପ୍ ଭ୍ୟାନ୍, ୩ ମୋବାଇଲ୍ ଫୋନ୍, ଗନି ବ୍ୟାଗ୍ ଓ ନଗଦ ୩୬୫୦ ଟଙ୍କା ଅଭିଯୁକ୍ତମାନଙ୍କ ଠାରୁ ପୋଲିସ ଜବତ୍ କରିଥିବା ଜଣାପଡିଛି । ଏହି ଚଢ଼ଉ ସମୟରେ ସଦର ଆଇଆଇସି ଶ୍ରୀ ସାହୁଙ୍କ ସମେତ ଏସଆଇ ୫ସକେତନ ଭୋଇ, ଏସଆଇ ବାସୁଦେବ ଭୋଇ, ଏସଆଇ ଅବିନାଶ ନାୟକ, ଏସଆଇ ଆକାଶ ସାମଲ, ଏଏସଆଇ ହେମନ୍ତ ମିଶ୍ରଙ୍କ ସହ ଅନ୍ୟ ପୋଲିସ କର୍ମଚାରୀମାନେ ସାମିଲ୍ ରହିଥିବା ଏସଡିପିଓ ଶ୍ରୀ ବାଗ ସୂଚନା ଦେଇଛନ୍ତି । ତେବେ ଜବତ କଫ୍ ସିରପର ବଜାର ମୂଲ୍ୟ ୯ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି ।

# ୭ମ ଶ୍ରେଣୀର ନାବାଳିକା ଛାତ୍ରୀକୁ ଦୁଷ୍କର୍ମ ଅଭିଯୁକ୍ତକୁ ୧୦ ବର୍ଷ ଜେଲ,୧୦ ହଜାର ଜରିମାନା

କନ୍ଧମାଳ,୨୨/୧ (ନି.ପ୍ର): ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବଚାରପତି ଭାସ୍କରଚନ୍ଦ୍ର ସାହୁ ଆଜି ଏକ ୭ମ ଶ୍ରେଣୀର ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଘଟଣାର ୧୪ ଜଣ ସାକ୍ଷୀ,ଡାକ୍ତରୀ ରିପୋର୍ଟ ଓ ପ୍ରମାଣ ଆଧାରରେ ଅଭିଯୁକ୍ତ ମୁକୁନ୍ଦ ମଲ୍ଲିକକୁ ୧୦ ବର୍ଷ ସଶ୍ରମ ଜେଲ ଏବଂ ୫୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ତାକୁ ଆଉ ୬ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି । ଘଟଣା ଅନୁସାରେ ଗତ ୧୬/ ୧୧/୨୦୧୬ ତାରିଖରେ ଅଭିଯୁକ୍ତର ଗ୍ରାମର ଜଣେ ଆଶ୍ରମ ସ୍କୁଲର ୭ମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା କୌଣସି କର୍ଯ୍ୟ ପାଇଁ ତାର ଆଧାର କାର୍ଡର ଆବଶ୍ୟକତା ପଡିବାରୁ ସେ ତାର ଘରକୁ ଆସି ଆଧାର କାର୍ଡ ନେଇ ସକାଳ ୮ଟା ବେଳେ ସ୍କୁଲକୁ ଯାଉଥିବାବେଳେ ଏକ ଜଙ୍ଗଲିଆ ଏବଂ ଘଂଚ ରାସ୍ତାରେ ପିଡିତାକୁ ଏକୁଟିଆ ପାଇ ଅଭିଯୁକ୍ତ ମୁକୁନ୍ଦ ମଲ୍ଲିକ (୨୫ବର୍ଷ ) ତାକୁ ଜଙ୍ଗଲ ଭିତରକୁ ଟେକି ନେଇ ତା ସହିତ ଦୁଷ୍କର୍ମ କରିଥିଲା । ପରେ ଏହି ବିଷୟରେ ଘରେ କିମ୍ବା ପୋଲିସ ନିକଟରେ ଅଭିଯୋଗ କଲେ ଜେଲରୁ ଫେରି ତାକୁ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲା ଅଭିଯୁକ୍ତ । ପିଡିତା ଘରକୁ ଫେରି ଏହି ବିଷୟରେ କହିବା ପରେ ପରିବାର ଲୋକେ ଗ୍ରାମର ସରପଂଚକୁ କହିଥିଲେ । ସରପଂଚଙ୍କ କହିବା ଅନୁସାରେ ପିଡିତାର ଭାଉଜ ୨୦/୧୧/୨୦୧୬ରେ କୋଟଗଡ ଥାନାରେ ଏକ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ କୋଟଗଡ ଥାନା ପୋଲିସ ଏକ ମାମଲା ୪୯/୨୦ ରୁଜୁ କରିବା ସହିତ ଅଭିଯୁକ୍ତ ମୁକୁନ୍ଦକୁ କୋର୍ଟରେ ହାଜର କରାଇଥିଲା । ଆଜି ସେହି ମାମଲାର ବିଚାରଣ କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି । ପିଡିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମାମଲାର ପରିଚାଳନା କରୁଥିଲେ ।

# ଆସିକା ଚିନିକଳରେ ଆଖୁପେଡ଼ା ଆରମ୍ଭ

ଗଞ୍ଜାମ,୨୨/୧ (ନି.ପ୍ର): ଗଞ୍ଜାମ ଜିଲ୍ଲାର ସର୍ବବୃହତ ଆସିକା ସମବାୟ ଚିନିଶିଳ୍ପରେ ବିଧିବଦ୍ଧ ଭାବେ ଆଖୁ ପେଡ଼ା ଆରମ୍ଭ ହୋଇଛି । ଗତ ୧୫ ତାରିଖରେ ବିଧି ମୁତାବକ ପୂଜାର୍ଚ୍ଚନା ପରେ ଆଖୁନାଳିରେ ଆଖୁ ପକାଯାଇଥିଲା । ଏହାପରେ ଚାଷୀଙ୍କୁ କ୍ଷେତରୁ ଆଖୁ କାଟିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଚାଷୀ ନିଜ ବ୍ୟବସ୍ଥାରେ ଓ ଚିନିଶିଳ୍ପ ତରଫରୁ ହୋଇଥିବା ପରିବହନ ବ୍ୟବସ୍ଥା ଅନୁସାରେ ଆଖୁ ଚିନିଶିଳ୍ପକୁ ଆଣୁଛନ୍ତି । ଚଳିତ ବର୍ଷ ୩୪ ହଜାର ୫୦୦ ମେଟ୍ରିକ୍ ଟନ୍ ଆଖୁ ପେଡିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । ଚଳିତ ବର୍ଷ ଆଖୁ ଦରରେ କୌଣସି ବୃଦ୍ଧି ହୋଇନଥିବା ବେଳେ ଚିନି ଶିଳ୍ପ କର୍ତୃପକ୍ଷ ପରିବହନ ବାବଦରେ ଟନ୍ ପିଛା ୬୧ ଟଙ୍କା ୫୦ ପଇସା ଚାଷୀଙ୍କୁ ପ୍ରଦାନ କରିଛନ୍ତି । ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନିଜ ଉଦ୍ୟମରେ ବିନା ଋଣରେ ଠିକ୍ ସମୟରେ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ କର୍ତୃପକ୍ଷ ସ୍ଥିର କରିଛନ୍ତି । ଅନ୍ୟପକ୍ଷରେ ଆଖୁପେଡା ଆରମ୍ଭ ହେବା ପରେ ଚାଷୀ ମାନେ ଟ୍ରକ୍, ଟ୍ରାକ୍ଟର, ପିକଅପ୍ ଭ୍ୟାନ୍ ଓ ଶଗଡ଼ରେ ଆଖୁ ଆଣିବା ଆରମ୍ଭ କରିଛନ୍ତି । ଚିନି ଶିଳ୍ପ ସଂଲଗ୍ନ ରାସ୍ତାରେ ଶତାଧିକ ଗାଡି ଲାଗିଥିବା ଦେଖିବାକୁ ମିଳିଛି । ଚଳିତ ବର୍ଷ ଠିକ୍ ସମୟରେ ଆଖୁପେଡା ଆରମ୍ଭ ହୋଇଛି । ଆସନ୍ତା ବର୍ଷ ୬୦ ହଜାର ଟନ୍ ଆଖୁ ଚାଷ ପାଇଁ ଶିଳ୍ପ କର୍ତୃପକ୍ଷ ଯୋଜନା ରଖିଛନ୍ତି ।

# ରାଉରକେଲାରେ ମୁନିସିପାଲ ଏଜୁକେଶନ ଅଫିସ ଖୋଲିବାକୁ କଂଗ୍ରେସର ଦାବି

ରାଉରକେଲା,୨୨/୧ (ନି.ପ୍ର): ରାଉରକେଲା ସହରରୁ ବିଶ୍ରାକୁ ଏଠାରେ ଥିବା ବ୍ଲକ ଏଜୁକେସନ ଅଫିସ ସ୍ଥାନାନ୍ତର ହେବା ପରେ ସହରାଂଚଳ ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା ଲାଗି ରାଉରକେଲାରେ ମୁନିସିପାଲ ଏଜୁକେଶନ ଅଫିସ (ଏମଇଓ) ଖୋଲିବାକୁ ସ୍ଥାନୀୟ କଂଗ୍ରେସ ନେତା ମାନେ ଦାବି କରିଛନ୍ତି । ଏନେଇ ଆଜି ରାଜ୍ୟ ବିଭାଗୀୟ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କୁ ଏକ ଦାବି ପତ୍ର ପଠାଯାଇଛି । ଏହି ଦାବି ପତ୍ରରେ କୁହାଯାଇଛି ଯେ, ଜିଲ୍ଲାରେ ଜଣେ ଡିଇଓଙ୍କ ସମେତ ୧୭ଟି ବ୍ଲକରେ ବିଇଓ ଅଫିସ ମାନ ଖୋଲାଗଲା । ପୂର୍ବରୁ ଏଠାରେ ଥିବା ଡିଆଇ ଅଫିସକୁ ବିଇଓ ବିଶ୍ରା କରାଯାଇ ଶେଷରେ ତାକୁ ବିଶ୍ରା ପଠାଗଲା, ବିଶ୍ରା ଗଲା ପରେ ସେହି ଅଫିସ ର ମାତ୍ର ୧୨୪ଟି ସ୍କୁଲ ସାଙ୍ଗକୁ ୮୫୯୮ ପିଲା ଓ ୧୯୮ ଶିକ୍ଷକ ଏହି ଅଫିସ ଅଧିନରେ ରହିବେ, ହେଲେ ରାଉରକେଲା ସହରାଂଚଳରେ ୧୯୩ଟି ସ୍କୁଲ ସାଙ୍ଗକୁ ୬୦ ହଜାର ପିଲା ଓ ୬୮୭ ଶିକ୍ଷକଙ୍କ କଥା କିଏ ବୁଝିବ ତାହାର ବ୍ୟବସ୍ଥା କରାଗଲା ନାହିଁ । ତେଣୁ ସହରାଂଚଳ ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା ଲାଗି ରାଉରକେଲାରେ ଏମଇଓ ଅଫିସ ଖୋଲାଯାଉ ବୋଲି ଦାବି କରାଯାଇଛି । ଖାଲି ସେତିକି ନୁହେଁ ସହରାଂଚଳରେ ଅନେକ ଘରୋଇ ବିଦ୍ୟାଳୟ ମଧ୍ୟ ରହିଛି, ଯାହାର ଦାୟିତ୍ୱ ମଧ୍ୟ ଏହି ଅଫିସ ବୁଝୁଥିଲା, ସେସବୁକୁ ମଧ୍ୟ ସହରାଂଚଳ ଅଫିସ ବୁଝିବ ଓ ମହାନଗର ଅଂଚଳରେ ଶିକ୍ଷା ବ୍ୟବସ୍ଥା ସଠିକ୍ ରାସ୍ତାରେ ଯିବ ବୋଲି ମତପ୍ରକାଶ ପାଇଛି । ଏହି ଅଫିସ ଏଠାରୁ ଉଠିବା ପରେ ରାଉରକେଲାରୁ ପ୍ରାୟ ୩୦ କି.ମି. ଦୂର ଯାଇ ପେନସନ ଭୋଗୀ, ଶିକ୍ଷକ ତଥା ଅଭିଭାବକ ଚିନ୍ତାରେ ପଡିଛନ୍ତି । ଚଳିତ ମାସ ୧ ତାରିଖ ଯାଗାରେ ୧୨ ତାରିଖ ପରେ ଦରମା ମଧ୍ୟ ଶିକ୍ଷକ ମାନେ ପାଇଲେ । ୧୦୦ ଜଣ ଶିକ୍ଷକଙ୍କର ଇଂକ୍ରିମେଂଟ ନେଇ ମଧ୍ୟ ଶିକ୍ଷକ ମାନେ ଚିନ୍ତାରେ । କାରଣ ଏଠାରୁ ଫାଇଲ ପତ୍ର, କମ୍ପ୍ୟୁଟର ଯାଇ ସେଠାରେ କାମ ଆରମ୍ଭ ହେବା ଭିତରେ ସେମାନଙ୍କର କାମ ସଠିକ୍ ସମୟରେ ହୋଇପାରିବ କି ନାହିଁ ତାହା ଏକ ପ୍ରଶ୍ନବାଚୀ ହୋଇଛି । ତେଣୁ ରାଉରକେଲା ଅଫିସ ଏଠାରୁ ଉଠିଜିବା ପରେ ଯେଉଁ ଅଫିସଟି ଖାଲି ପଡିଛି ସେହି ଠାରେ ସମସ୍ତ ସୁବିଧା ରହିଥିବାରୁ ସେହି ଅଫିସକୁ ସହରାଂଚଳ ଅଫିସ ଭାବରେ ବ୍ୟବହାର କରାଯାଉ ଓ ଏଥିଲାଗି ବିଭାଗୀୟ ମୁଖ୍ୟ ତୁରନ୍ତ ଏକ ଆଦେଶନାମା ଜାରୀ କରି ରାଉରକେଲାର ଛାତ୍ରଛାତ୍ରୀ, ଅଭିଭାବକ ଓ ସହର ବାସୀଙ୍କୁ ସହଯୋଗ କରିବାକୁ ଜିଲ୍ଲା କଂଗ୍ରେସ ପକ୍ଷରୁ କଂଗ୍ରେସ ନେତା ବୀରେନ ସେନାପତି, ଦେବ ବିହାରୀ, ସାବିର ହେସେନ, ମହିଳା କଂଗ୍ରେସର ନେତ୍ରୀ ମାନେ ଦାବି କରିଛନ୍ତି ।

# ବେଆଇନ ବାଲି ଚାଲାଣକୁ ବିରୋଧ କରିବାରୁ କଲେଜ ଛାତ୍ରଙ୍କୁ ହତ୍ୟା ଧମକ

କେନ୍ଦ୍ରାପଡ଼ା,୨୨/୦୧ (ହି.ସ.)- କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ତହସିଲର ମାର୍ଶାଘାଇ ଥାନା ଅଧିନ ଘୋଡାବନ୍ଧ ଗ୍ରାମର ଆଇନ ଛାତ୍ର ବୈକୁଣ୍ଠ ଦାସଙ୍କୁ ଚୋରା ବାଲି ଚାଲାଣକାରୀ ମାନେ ତାଙ୍କ ଘରେ ପଶି ନିସ୍ଥୁକ ମାଡ ମାରିବା ସହ ଅଧିକ ବିରୋଧ କଲେ ହତ୍ୟା କରାଯିବ ବୋଲି ଧମକ ଦେଇଥିବା ଅଭିଯୋଗ ହୋଇଛି । ଛାତ୍ର ବୈକୁଣ୍ଠ ଶୁକ୍ରବାର ଜିଲ୍ଲାପାଳ ଅମ୍ରିତ ଋତୁରାଜ ଓ ଏସପି ସନ୍ଦିପ ସମ୍ପଦ ମଡକରଙ୍କୁ ଲିଖିତ ଅଭିଯୋଗ କରି ସୁରକ୍ଷା ଲୋଡିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅଭିଯୋଗ ମୁତାବକ ଲୁଣା ନଦୀର ସୁବଳା ଗ୍ରାମରୁ ଦୈନିକ ଶତାଧିକ ହାଇୱା ଟ୍ରକ ବେଆଇନ ଭାବେ ବାଲି ଉଠାଇ ଗାଁ ଭିତର ଦେଇ ପାରାଦ୍ୱୀପକୁ ଚୋରା ଚାଲାଣ କରୁଛନ୍ତି । ଫଳରେ ଘୋଡାବନ୍ଧ ଗ୍ରାମରେ ଥିବା କଚ୍ଚାଘର ଗୁଡିକର କାନ୍ଥ ଫାଟି କେତେକ ଯାଗାରେ ଘୁଷୁଡି ପଡିବାରୁ ଗ୍ରାମାବସୀ ମାନେ ବିରୋଧ କରିଥିଲେ । ଏନେଇ ମଧୁସୁଦନ ଆଇନ ବିଶ୍ୱ ବିଦ୍ୟାଳୟର ଛାତ୍ର ବୈକୁଣ୍ଠ ଦାସଙ୍କ ନେତୃତ୍ୱରେ ପ୍ରତିବାଦ କରାଯିବାରୁ ତେରଗାଁ, ସାନ ତେରଗାଁ, ନୂଆଗାଁ ପ୍ରଭୃତି ଗ୍ରାମ ଗୁଡିକର ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ମିଳିତ ଭାବେ ବୈକୁଣ୍ଠଙ୍କ ଘରେ ପଶି ତାଙ୍କୁ ଓ ତାଙ୍କ ବାପାଙ୍କୁ ନିସ୍ଥୁକ ମାଡ ମାରିବା ସହ ହତ୍ୟା ଧମକ ଦେଇଛନ୍ତି । ଏନେଇ ବୈକୁଣ୍ଠ ଜିଲ୍ଲାପାଳ ଓ ଏସପିଙ୍କୁ ଠାରୁ ସୁରକ୍ଷା ସହ ଆକ୍ରମଣ କାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜନାଇଛନ୍ତି ।

# ଜିଲ୍ଲାରେ କିଶୋର କିଶୋରୀଙ୍କ ଟୀକାକରଣ ୫୦ ହଜାର ଟପିଲା

କେନ୍ଦ୍ରାପଡ଼ା,୨୨/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ୧୫ ରୁ ୧୮ ବର୍ଷ ବୟସ୍କ କିଶୋର କିଶୋରୀଙ୍କୁ କୋଭିଡ ଟୀକାକରଣ ୫୦ ହଜାର ଟପିଥିବା ସୂଚନା ମିଳିଛି । ଜିଲ୍ଲାରେ ମୋଟ୍ ୮୨ ହଜାର କିଶୋର କିଶୋରୀଙ୍କୁ ଟୀକାକରଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଥିବାବେଳେ ସେମାନଙ୍କ ଭିତରୁ ୫୦ ହଜାର ଜଣଙ୍କୁ ଆଜି ସୁଦ୍ଧା କରୋନାର ପ୍ରତିଷେଧକ ଟୀକା ଦିଆଯାଇ ଥିବା ସୂଚନା ମିଳିଛି । ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଂଚଳରେ ୬୦ଟି ଟୀକାକରଣ କେନ୍ଦ୍ର ଖୋଲାଯାଇ ଏହି ଅଭିଯାନ ଚଳା ଯାଉଥିବା ନୋଡାଲ ଅଫିସର ଡାକ୍ତର ସଚିଦାନନ୍ଦ ମିଶ୍ର ସୂଚନା ଦେଇଛନ୍ତି ।

# ପାର୍ଥ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଂଟ: ବଡଙ୍ଗୋମୁଣ୍ଡା ଚାମ୍ପିଆନ୍

ବଲାଙ୍ଗିର ,୨୨/୧ (ନି.ପ୍ର): ଦେଓଗାଁ ବ୍ଲକ ମହଲେଇ ଖେଳ ପଡିଆରେ ସତ୍ୟସାଇ କ୍ରିକେଟ କମିଟି ପକ୍ଷରୁ ଚାଲିଥିବା ୧୫ତମ ପାର୍ଥସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍ଯାପିତ ହୋଇଯାଇଛି । ଫାଇନାଲରେ ମହଲେଇ ସହିତ ବଡଙ୍ଗୋମୁଣ୍ଡା ଦଳ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ଏଥିରେ ବଡଙ୍ଗୋମୁଣ୍ଡା କ୍ରିକେଟ ଦଳ ଚମ୍ପିୟାନ ହୋଇଥିବା ବେଳେ ମହଲେଇ ଦଳ ରନର୍ସଅପ୍ ହୋଇଥିଲେ । ଉଦ୍ଯାପନି ଉତ୍ସବରେ ଆନ୍ତର୍ଜାତିକ କରାଟେ ସ୍ୱର୍ଣ୍ଣପଦକ ବିଜେତା ତଥା ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମାଜସେବୀ ଦିନେଶ ଦାସ ଓ ପୂର୍ବତନ ଦେଓଗାଁ ବ୍ଲକ ଚେୟାରମେନ କୈଳାସ ତାଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ । ଏସ୍ଏସ୍ସିସି କମିଟିର ସଭାପତି ରୋହିତ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ସୁନିଲ ବିଶ୍ୱାଳ, ଆଲୋକ ସାହୁ, ଲୋକେଶ ମେହେର, ବୁଲୁ ରଣା, ଅଭି ରଣା, ବିମଲ ପଧାନ, ବୈରାଗି ବାଙ୍କା ତଥା ଏସ୍ଏସ୍ସିସି କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଭାଙ୍ଗିଲା ଭୂଷଣ ପାଚେରୀ କାନ୍ଥ : କେମିକାଲ ଲୁହା ଗୁଣ୍ଡ ଜନବସତି ମୁହାଁ, ବ୍ୟାପକ କ୍ଷୟକ୍ଷତି

ସମ୍ବଲପୁର,୨୨/୦୧ (ନି.ପ୍ର): - ସମ୍ବଲପୁର ଠେଲକୁଲିସ୍ଥିତ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିମିଟେଡ଼ ତଥା ଭୂଷଣ କାରଖାନାର ପାଚେରୀ କାନ୍ଥ ଭାଙ୍ଗିଯିବା ଫଳରେ ବିଷାକ୍ତ ବର୍ଜ୍ୟ ତରଳ କେମିକାଲ ଲୁହା ଗୁଣ୍ଡ ଜନବସତି ମୁହାଁ ହୋଇଛି । ଏହି କେମିକାଲ ରେ ଅନେକ ଚାଷ ଜମି ନଷ୍ଟ ହୋଇଥିବା ବେଳେ ଲୋକଙ୍କ ଶହଶହ ସଂଖ୍ୟାରେ କୁକୁଡ଼ା ମାନେ ମଧ୍ୟ ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଛି । ସମ୍ବଲପୁର ରେଙ୍ଗାଲି ବ୍ଲକର ଠେଲକୁଲିସ୍ଥିତ ଜେଏସ୍ଡବ୍ଲ୍ୟୁ- ଭୂଷଣ କାରଖାନାରେ ବଡଧରଣର ଅଘଟଣ । କାରଖାନାର ପେଲେଟ୍ ପ୍ଲାଂଟର ସିଲରି ପଣ୍ଡ ଭୁଶୁଡିଯାଇଛି । ଫଳରେ ବହୁ ଅଂଚଳକୁ ଏହି ପଣ୍ଡ୍ ର ସିଲରି ବା ତରଳ ୱେଷ୍ଟେଜ୍ ଫାଇନ୍ସ ମାଡିଚାଲିଛି । ନିକଟରେ ଥିବା ବାଞ୍ଜିବେର୍ଣା ଗାଁକୁ ଏହି ବିଷାକ୍ତ ବର୍ଜ୍ୟ ମାଡି ଯାଇଛି । ଏପରିକି ଏଠାରେ କାର୍ଯ୍ୟରତ ଥିବା ଅନେକ ଶ୍ରମିକ ବି ଫସି ରହିଥିବା ନେଇ ଆଶଙ୍କା କରାଯାଉଛି । ଗୁରୁବାର ପ୍ରାୟ ରାତି ସାଢେ ୭ଟାରୁ ୮ଟା ମଧ୍ୟରେ ପେଲେଟ ପ୍ଲାଂଟର ସିଲରି ପଣ୍ଡ ପାଚେରୀ ଭାଙ୍ଗି ଯାଇଥିଲା । ଫଳରେ ଏଠାରେ ଜମାଟ ବାନ୍ଧିଥିବା ବିଷାକ୍ତ ତରଳ ଲୁହା ଫାଇନ୍ସ ନିକଟସ୍ଥ ବାଞ୍ଜିବେର୍ଣା ଗାଁ ଆଡ଼କୁ ମାଡିଯାଇଛି । ବ୍ୟାପକ ଚାଷ ଜମିକୁ ଏହା ଛାଇ ଯାଇଥିବା ବେଳେ ଗାଧୁଆ ପୋଖରୀକୁ ବି ଏହି ବିଷାକ୍ତ ପାଣି ପ୍ରବେଶ କରିସାରିଛି । ଫଳରେ ମାଛ ମାନେ ମରିବା ସହ ଭାସିବା ଆରମ୍ଭ କରିଛନ୍ତି । ସେହିପରି ନିକଟରେ ଥିବା ଏକ କୁକୁଡା ଫାର୍ମ ବି କ୍ଷତିଗ୍ରସ୍ତ ହୋଇଛି । ହୀରକୁଦ ଜଳଭଣ୍ଡାର ରେ ମଧ୍ୟ ବିଷାକ୍ତ କେମିକାଲ ମିଶି ଜଳ ପ୍ରଦୂଷଣ ହେବାର ସମ୍ଭାବନା ରହିଛି । ସେପଟେ ଗ୍ରାମବାସୀଙ୍କ ଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ସବୁଠାରୁ ଗୁରୁତ୍ୱପୂର୍ଣ କଥା ହେଉଛି ଯେ, ଏହାକୁ ଅଟକାଇବାରେ କର୍ତୃପକ୍ଷ ସଫଳ ହୋଇନଥିବାରୁ ଏହା କାରଖାନା ପଛପଟେ ଯାଇଥିବା ସମ୍ବଲପୁର- ଝାରସୁଗୁଡା ରେଳ ପଥ ଉପରକୁ ମାଡି ଯିବାର ଆଶଙ୍କା ସୃଷ୍ଟି ହେଇଛି । ଯେଉଁ ଜମି ରେ ଏଭଳି ବିଷାକ୍ତ ତରଳ କେମିକାଲ ଲୌହ ଗୁଣ୍ଡ ପଡିଛି ପରବର୍ତୀ ସମୟରେ ସେହି ଜମି ରେ ଆଉ ଚାଷ ମଧ୍ୟ ହେବ ନାହିଁ । ବାରମ୍ବାର ଭୂଷଣ କାରଖାନା ରେ ଏଭଳି ଅଘଟଣ ହେଉଥିଲେ ମଧ୍ୟ କର୍ତୃପକ୍ଷ ନିରବ ରହୁଥିବା ବେଳେ ପ୍ରଦୂଷଣ ବିଭାଗ ତଥା ଜିଲ୍ଲା ପ୍ରଶାସନ ଚୁପ ରହିଥିବାର ଦେଖିବାକୁ ମିଳୁଛି । ରେଙ୍ଗାଲି ବିଧାୟକ ଏଭଳି ଦୁର୍ଘଟଣା ବାବଦରେ ଦୁଃଖ ପ୍ରକାଶ କରିବା ସହ ଚାଷୀ ଓ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବି କରିଛନ୍ତି । ରେଙ୍ଗାଲି ବିଧାୟକ ନାଉରୀ ନାୟକ, ସ୍ଥାନୀୟ ବାସିନ୍ଦା ସୁଧୀର କୁମାର ଗୁପ୍ତା ଓ ଉତମ ବିଶ୍ୱାଳ ପ୍ରମୁଖ ଭୂଷଣ କାରଖାନାର ପ୍ରଦୂଷଣ ବର୍ଜ୍ୟ ବସ୍ତୁ ସହ ଆଖପାଖ ଅଂଚଳରେ ପକାଉଥିବା 'ଆସପଣ୍ଡ' ପାଇଁ ସ୍ଥାନୀୟ ବାସିନ୍ଦା ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ କରିଛନ୍ତି । ଏପରିକି ଲୋକଙ୍କ ଅଭିଯୋଗ ଉପରେ ପ୍ରଶାସନ କୌଣସି ପଦକ୍ଷେପ ନନେଇ ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟି ଯାଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି ।

# ସ୍ୱାମୀ ନାଥନ ଫାଉଣ୍ଡେସନର ପୋଷଣ ସଚେତନତା କାର୍ଯ୍ୟକ୍ରମ

ଜୟପୁର ,୨୨/୧ (ନି.ପ୍ର): କୁନ୍ଦୁରା ବ୍ଲକ ଅନ୍ତର୍ଗତ କୁସୁମଗୁଡା ଗ୍ରାମ ଠାରେ ଏମଏସ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଆନୁକୁଲ୍ୟରେ ଏକ ପୋଷଣ ଓ ସ୍ୱାସ୍ଥ୍ୟ ସଚେତନତା ଭିତିକ ତାଲିମ କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାଯ୍ୟକ୍ରମରେ କୁଷୁମଗୁଡା, ଆମ୍ବଗୁଡା, ବାନ୍ଧିଆଗୁଡା ଓ ବାମୁଣିପଦର ଗ୍ରାମରୁ ୪୦ ଜଣ ପ୍ରସୁତି ମା, ଓ ସେମାନଙ୍କ ନବଜାତ ଶିଶୁ ଏବଂ ଗର୍ଭବତୀ ମହିଳା ଯୋଗଦାନ କରିଥିଲେ । ଏହି ତାଲିମ କାଯ୍ୟକ୍ରମରେ ମୁଖ୍ୟ ପ୍ରଶିକ୍ଷିକା ଭାବେ ଜୟପୁର ଜିଲା ଚିକିତ୍ସାଳୟର ସେବିକା ହେମାଙ୍ଗିନି ପଣ୍ଡା ଓ ସଙ୍ଗିତାଂଚଳି ନାୟକ ଯୋଗଦେଇ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଗତ ସମସ୍ୟା ସେମାନଙ୍କ ଦୈନନ୍ଦିନ ପୋଷଣ ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ବୁଝାଇଥିଲେ । ଗର୍ଭ ଧାରଣ ଠାରୁ ଶିଶୁ ଜନ୍ମ ହେବାର ୩ ବର୍ଷ ଯାଏ ସେମାନର ଯତ୍ନ ଖାଦ୍ୟ ପ୍ରଣାଳି, ଟିକା କରଣ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଆଦି ଉପରେ ବୁଝାଇଥିଲେ । ଏହା ବ୍ୟତିତ ପ୍ରସୁତି ମା ଓ ଶିଶୁ ମାନଙ୍କ ନିମନ୍ତେ ଥିବା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସେବା ଓ ଯୋଜନା ସମ୍ପର୍କରେ ମଧ୍ୟ ଅବଗତ କରାଇଥିଲେ । କୈଣସି ସ୍ୱାସ୍ଥ୍ୟ ଗତ ସମସ୍ୟା ଦେଖା ଦେଲେ ତୁରନ୍ତ ଆଶା କର୍ମିଙ୍କ ସହାୟତାରେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ଡାକ୍ତରଙ୍କ ପରାମର୍ଶ ଦେବାକୁ ବୁଝାଇଥିଲେ । ଏହି କାଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନ ବୈଜ୍ଞାନିକ କାତିକ ଚରଣ ଲେଙ୍କା, ସ୍ୱାଗତ ଭାଷଣ ଦେବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କୁମାର ପରିଡା ଏହି କାଯ୍ୟକ୍ରମର ଉଦ୍ଦେଷ୍ୟ ସମ୍ପର୍କରେ ସୁଚନା ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଜିତ ସାହୁ, ରଞ୍ଜିତ ଦଳେଇ ପ୍ରମୁଖ କାଯ୍ୟକ୍ରମ ସହାୟତା କରିଥିଲେ ।

# କେନ୍ଦୁଝର ଜିଲ୍ଲା ତେଲକୋଇରେ ଫଳିଛି ଅଦିନିଆ ପଣସ

ତେଲକୋଇ,୨୨/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଭୀମକାଣ୍ଡ ପଞ୍ଚାୟତ ଗୋଳାଗାଡିଆ ଗ୍ରାମରେ ଫଳିଛି ଅଦିନିଆ ପଣସ । ଗ୍ରାମର ମୁଣ୍ଡା ସାହିର କଳାକାର ମୁଣ୍ଡାଙ୍କ ବାଡ଼ିରେ ଥିବା ପଣସ ଗଛରେ ଫଳ ଫଳିଥିବା ଦେଖିବାକୁ ମିଳିଛି । ପଣସଟିର ଓଜନ ୧୫ କିଲୋରୁ ଉର୍ଦ୍ଧ୍ୱ ହେବ । ଗଛଟିର ବୟସ ୩୫ ବର୍ଷ । ୨୦୨୧ ଜୁଲାଇ ମାସରେ ପ୍ରଥମେ ପଣସ ଗଛରେ ଫୁଲ ଓ କଷି ଧରିବା ଆରମ୍ଭ ହୋଇଥିଲା । ୬ ମାସ ତଳେ ଫଳିଥିବା ଏହି ପଣସ ଏବେ ପାକଳ ହୋଇଗଲାଣି । ଆଉ ଅଳ୍ପ ଦିନ ମଧ୍ୟରେ ପଣସଟି ପାଚିବା ସମ୍ଭାବନା ସୃଷ୍ଟି ହୋଇଛି । ସାଧାରଣତଃ ଡିସେମ୍ବର ଶେଷ ଓ ଜାନୁଆରି ମାସରେ ପଣସ ଗଛରେ ଫୁଲ ଓ ଫଳ ଧରିବା ଆରମ୍ଭ ହୋଇଥାଏ । ତେବେ ଏହି ଅଦିନିଆ ପଣସ ଫଳିବା ନେଇ ସ୍ଥାନୀୟ ଲୋକମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଏନେଇ ସ୍ଥାନୀୟ ବାସିନ୍ଦା ଦୁବେଇ ମୁଣ୍ଡା କହିଛନ୍ତି ଅଦିନିଆ ପଣସ ଫଳିବା ନେଇ ଆମେ ବିସ୍ମିତ । ଗଛରେ ପଣସଟି ପାଚିବା ପର୍ଯ୍ୟନ୍ତ ରଖିବାକୁ ଚେଷ୍ଟା କରୁଥିବା ସେ କହିଛନ୍ତି । ଏନେଇ ତେଲକୋଇ ବ୍ଲକ୍ ? ଉଦ୍ୟାନ କୃଷି ଅଧିକାରୀ ଅରୁଣାରାଣୀ ଓରାମଙ୍କୁ ପଚାରିବାରୁ ପାଣି ପାଗରେ ପରିବର୍ତ୍ତନ ସହିତ ପରାଗ ରେଣୁ ଦ୍ୱାରା ସ୍ୱଭାବିକ ଭାବରେ ଗଛରେ ବେଳେ ବେଳେ ଫଳ ଆସେ ବୋଲି ସେ କହିଛନ୍ତି ।

# ଭେଡା ବିକାଶ ପରିଷଦ ପକ୍ଷରୁ ପ୍ରାର୍ଥୀ ହେଲେ ସଂଯୁକ୍ତା ଦାସ

ବାସୁଦେବପୁର,୨୨/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମେଦ ପଂଚାୟତ ର ତ୍ରିସ୍ତରୀୟ ନିର୍ବାଚନ ପାଇଁ ଭେଡା ବିକାଶ ପରିଷଦ ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ସରପଞ୍ଚ ପ୍ରାର୍ଥୀ ସଂଯୁକ୍ତା ଦାସ । ଏହା ସହିତ ସମିତି ସଭ୍ୟ ପ୍ରାର୍ଥୀ ଭାବେ ସୁଶାନ୍ତ ସେଠୀ ମଧ ପରିଷଦ ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଆଗାମୀ ନିର୍ବାଚନ ରେ ଏହି ପ୍ରାର୍ଥୀ ଦ୍ୱୟ ବିଜୟ ଲାଭ କଲେ ନିର୍ଶ୍ଚିତ ପଂଚାୟତ ର ଉନ୍ନତି ମୂଳକ କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ କରିଥିଲେ । ଏହି ନାମାଙ୍କନ ପତ୍ର ଦାଖଲ ସମୟରେ ବାଲିମେଦ ପଂଚାୟତ କାର୍ଯ୍ୟାଳୟ ରେ ଉପସ୍ଥିତ ଥିଲେ ବରିଷ୍ଠ ସମାଜସେବୀ ରଶ୍ମିରଞ୍ଜନ ମହାନ୍ତି, ଧନେଶ୍ୱର ସେଠୀ ଓ ପରିଷଦର ର କର୍ମକର୍ତ୍ତା । ଭେଡା



ବିକାଶ ପରିଷଦ ର ମୁଖ୍ୟ ଦାୟିତ୍ୱ ନେଇ ଥିବା ରଶ୍ମିରଞ୍ଜନ ମହାନ୍ତି ଗୁଟୁ ଭାଇ ପଂଚାୟତ ର ଅନେକ ସମସ୍ୟା ରହିଛି ବୋଲି କହି ଦୁଃଖ ଓ କ୍ଷୋଭ ପ୍ରକାଶ କରିଥିଲେ ।

# ଆଇଏନ୍ଏସ୍ ଚିଲିକାର ଶିକ୍ଷାନବିଶଙ୍କୁ ପଦକ ପ୍ରଦାନ

ବାଲୁଗାଁ ,୨୨/୧ (ନି.ପ୍ର): ଭାରତ ସରକାରଙ୍କ ନୌସେନା ତାଲିମ ସଂସ୍ଥା ଆଇଏନ୍ଏସ୍ ଚିଲିକାରୁ ଉତ୍ତୀର୍ଣ୍ଣ ହୋଇଥିବା ୨୯୨୯ ଜଣ ଶିକ୍ଷାନବିଶଙ୍କର ଏକ ପରେଡ୍ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ପରେଡ୍ରେ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜର କମାଣ୍ଡାଣ୍ଟ ତଥା ଲେଫ୍ଟନାଣ୍ଟ ଜେନେରାଲ ସତିନ୍ଦର ସିଂହ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ମେଧାବୀ ଶିକ୍ଷାନବିଶମାନଙ୍କୁ ଜେନେରାଲ ସତିନ୍ଦର ସିଂହ ପଦକ ପ୍ରଦାନ କରିଥିଲେ । ପୂର୍ବରୁ ଏକ ବିଦାୟକାଳୀନ ସଭାରେ ଆୟୋଜିତ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିକ୍ଷାନବିଶମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ । ଆଇଏନ୍ଏସ୍ ଚିଲିକା ଶିକ୍ଷାନବିଶ ପତ୍ରିକା 'ଅଙ୍କୁର'ର ଶୀତକାଳୀନ ସଂସ୍କରଣକୁ ଉନ୍ମୋଚନ କରାଯାଇଥିଲା ।

# କୋଇଲା ବୋଝେଇ ଟ୍ରେନ୍ର ୬ବଗିରେ ନିଆଁ

ମୁରିବାହାଲ ,୨୨/୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଳ ଷ୍ଟେସନ ଦେଇ ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନ୍ର ୬ଟି ବଗିରେ ଗୁରୁବାର ରାତିରେ ନିଆଁ ଲାଗି ଧୂଆଁ ଉଠୁଥିଲା । ଟ୍ରେନ୍ଟି ଟିଟିଲାଗଡ଼ ପଟରୁ ମୁରିବାହାଲ ଷ୍ଟେସନରେ ପହଞ୍ଚିବା ପରେ ଦାୟିତ୍ୱରେ ଥିବା ଷ୍ଟେସନ ମାଷ୍ଟର ମୁରିବାହାଲ ଦମକଳ ବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀ ଷ୍ଟେସନରେ ପହଞ୍ଚି ଟ୍ରେନର ବିଭିନ୍ନ ୬ଟି ବଗିରେ ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ । ଏଥିରେ ମୁରିବାହାଲ ଦମକଳ ବିଭାଗ ଓଆଇସି ରଞ୍ଜିତ କେର୍କେଟାଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୩ ଜାନୁଆରୀ, ୨୦୨୨
email :
rabibarachayan2015@gmail.com

# ରବିବାରଚୟନ



.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୫୯**
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ପୋଲିଟିକେଲ ଏଜେଣ୍ଟ ତାଙ୍କ ଏହି କାର୍ଯ୍ୟକୁ କଦାପି କ୍ଷମା କରିବେ ନାହିଁ । କେତେକ ଦିନ ପରେ ଏହି ମର୍ମରେ ପୋଲିଟିକେଲ୍ ଏଜେଣ୍ଟଙ୍କଠାକୁ ପତ୍ର ଲେଖିଲି- "ପୋଲିସ ଇନ୍‌ସପେକ୍ଟରଙ୍କଠାରୁ ପ୍ରାପ୍ତ କେତେକ ଗସ୍ତ ଡାଏରିରୁ ଦେଖିଲି ଯେ, ମୋ ନାମରେ କେତେକ ମିଥ୍ୟା ଅଭିଯୋଗର କଥା ଉଲ୍ଲେଖ କରି ଆଜିକୁ ତିନିମାସ ହେବ ଆପଣଙ୍କଠାକୁ ଉକ୍ତ ଡାଏରି ସବୁର ନକଲ ପଠାଇ ଆସୁଛନ୍ତି । ମୁଁ ମନେ କରୁଥିଲି ଯେ ଆପଣ ଅନ୍ତତଃ ସେହି ବିଷୟରେ ମୋତେ କିଛି ପଚାରିବେ କିମ୍ବା ସେ ଅଭିଯୋଗର ତଦନ୍ତର ବ୍ୟବସ୍ଥା କରିବେ । କିନ୍ତୁ ଏ ପର୍ଯ୍ୟନ୍ତ କିଛି କରା ହୋଇନାହିଁ । ପୋଲିସ୍ ଇନସ୍‌ପେକ୍ଟର ନିଜ କର୍ତ୍ତବ୍ୟ କାର୍ଯ୍ୟରେ ତ୍ରୁଟି କରି ମୋ ବିରୁଦ୍ଧରେ କେବଳ ଷଡ଼ଯନ୍ତ୍ର କରିବାରେ ଲାଗିଛନ୍ତି । ପୋଲିସ ବିଭାଗରେ ଭୟଙ୍କର ବିଶୃଙ୍ଖଳା ଘଟିଅଛି । ତାଙ୍କ କାର୍ଯ୍ୟ ନିୟମ ଓ ଶୃଙ୍ଖଳା ବିରୁଦ୍ଧ । ପୋଲିସ କର୍ମଚାରୀ ପକ୍ଷରେ ଶୃଙ୍ଖଳା ଓ ନିୟମାନୁବର୍ତ୍ତିତା ପ୍ରତି ସମ୍ମାନ ଓ ତାହାର ପାଳନ ସର୍ବତୋଭାବେ କର୍ତ୍ତବ୍ୟ । ଯେଉଁ ସମସ୍ତ ଅଭିଯୋଗ ମୋ ବିରୁଦ୍ଧରେ ପୋଲିସ୍ ଇନ୍‌ସ୍‌ପେକ୍ଟର ଆଣିଅଛନ୍ତି ସେ ସବୁର ତଦନ୍ତ ମୁଁ ଦାବି କରୁଅଛି । ଏଥିରେ ବିଳମ୍ବ ହେଲେ ଷ୍ଟେଟ୍ ଶାସନରେ ବ୍ୟାଘାତ ଜାତ ହେବ ।" ସାତଦିନ ପରେ ହୁକୁମ ଆସିଲା- ପୋଲିସ ଇନ୍‌ସପେକ୍ଟର କାର୍ଯ୍ୟରୁ ବରଖାସ୍ତ ହେଲେ ଓ ଏହି ହୁକୁମ ପାଇବା ୨୪ ଘଣ୍ଟା ମଧ୍ୟରେ ସେ ବଣେଇ ତ୍ୟାଗ କରିବେ । ଯଥା ସମୟରେ ତାଙ୍କୁ ଏହି ହୁକୁମ ଜଣାଇଦେଲି । ଗଡ଼ଜାତ ଚାକିରି, ତାଳଗଛର ଛାଇ । ନିୟମ ଅଛି ନା ଆଇନ କାନୁନ କିଏ ମାନୁଛି । ପଦରୁ ବରଖାସ୍ତ ହେଲେ, ଅଥଚ ତାଙ୍କ ବିରୁଦ୍ଧରେ ମୁଁ ଯାହା ଲେଖିଥିଲି ବରଖାସ୍ତ ହୁକୁମ ହେବା ପୂର୍ବରୁ ତାଙ୍କ କୈଫିୟତ୍ ସୁଦ୍ଧା ନିଆହେଲା ନାହିଁ । ହୁକୁମ ପାଇବା ମାତ୍ରକେ ବସାରୁ ଜିନିଷପତ୍ର ସୁଦ୍ଧା ସଙ୍ଗେ ନନେଇ ସେ ଚାଲିଗଲେ । କେହି ଜାଣିଲେ ନାହିଁ । ତତ୍ପରେ ସବ୍‌ଇନସ୍‌ପେକ୍ଟର, ହେଡ୍ କନେଷ୍ଟବଳ, କନେଷ୍ଟବଳ ସମସ୍ତଙ୍କୁ ଏକତ୍ରିତ କରି ନିଜ ନିଜ କର୍ତ୍ତବ୍ୟ ବିଷୟରେ ଉପଦେଶ ଦେଲି । ପୋଲିସ ଇନସ୍‌ପେକ୍ଟର ଚାଲିଯିବା ପରେ ସୁଶୃଙ୍ଖଳ ଭାବରେ ପୋଲିସ କାର୍ଯ୍ୟ ଚାଲିଲା । କିଛିଦିନ ଉତ୍ତାରେ ଜଣେ ସରକାରୀ ସବ୍‌ଇନସ୍‌ପେକ୍ଟର ଇନସ୍‌ପେକ୍ଟର ପଦରେ ନିଯୁକ୍ତ ହୋଇ ଆସିଲେ । ସେ ନିକଟବାସୀ । ତାଙ୍କ ଅଧୀନରେ ପୋଲିସରେ ଆଉ କୌଣସି ପ୍ରକାରେ ବିଶୃଙ୍ଖଳ ଦେଖାଗଲା ନାହିଁ ।

୧୯୨୬ ମସିହା ଡିସେମ୍ବର ମାସରେ ମୁଁ ଡେପୁଟି କଲେକ୍ଟର ପଦକୁ ଉନ୍ନତି ପାଇଥିବା ସମ୍ବାଦ ପୋଲିଟିକେଲ୍ ଏଜେଣ୍ଟଙ୍କ ପତ୍ରରୁ ଏବଂ ସରକାରୀ ଗେଜେଟ୍‌ରୁ ଦେଖିଲି । ସର୍ବପ୍ରଥମରେ ସ୍କୁଲ ଶିକ୍ଷକମାନେ ଓ ତତ୍ପରେ ସ୍ଥାନୀୟ କେତେକ ଭଦ୍ରବ୍ୟକ୍ତି ମୋତେ ଅଭିନନ୍ଦନ କଲେ । କିନ୍ତୁ କେତେକଙ୍କ ମନରେ ଏଥିରେ ବିପରୀତ ଭାବ ଲକ୍ଷିତ ହେଲା । କଥାବାର୍ତ୍ତାରୁ ଜାଣିଲି, କାହିଁ ମୋର ପତନ ପରିବର୍ତ୍ତରେ କ୍ରମୋନ୍ନତି ହେଉଅଛି । ପୁଣି ଷଡ଼ଯନ୍ତ୍ରର ସୂଚନା ପାଇବାକୁ ଲାଗିଲି । ଏଥର କିନ୍ତୁ ଅତି ଗୋପନରେ । ମୋ ବିରୁଦ୍ଧରେ ଅଭିଯୋଗପୂର୍ଣ୍ଣ ଖଣ୍ଡକେତେ ଦରଖାସ୍ତ ପୋଲିଟିକେଲ୍ ଏଜେଣ୍ଟଙ୍କଠାରୁ ଆସିଲା । ସେ ସବୁର ଯଥାଯଥ ଉତ୍ତର ଦେଲି । ପୋଲିଟିକେଲ୍ ଏଜେଣ୍ଟ ମୋ ଠାକୁ ଚିଠି ଲେଖି ମୁଁ ବିଚାର କରୁଥିବା କେତେକ ମୋକଦ୍ଦମାର ନଥିମାନ ମଗାଇନେଲେ ଓ ସେ ସବୁରେ କିଛି ମନ୍ତବ୍ୟ ସୁଦ୍ଧା ନଲେଖି ଫେରାଇ ଦେଲେ । ଗୋଟିଏ ଜୁଆଖେଳ ମୋକଦ୍ଦମାରେ ମୁଁ କେତେକ ଲୋକଙ୍କୁ ଜୋରିମାନା କରିଥିଲି । ରାଜାସାହେବ ଦଣ୍ଡିତ ଆସାମୀମାନଙ୍କ ଅପିଲ୍ ଅଗ୍ରାହ୍ୟ କରିଥିଲେ । ଯେତେକ ଅପିଲ୍ ହୁଏ ସେ ସମସ୍ତ ଡିସ୍‌ମିସସ୍ ହୁଏ । କାରଣ, ସରକାରଙ୍କ ହୁକୁମ ଅନୁସାରେ ଦେଓ୍ୱାନଙ୍କ ରାୟକୁ ପରିବର୍ତ୍ତନ କରିବାକୁ ହେଲେ ପୋଲିଟିକେଲ୍ ଏଜେଣ୍ଟଙ୍କ ମତ ଗ୍ରହଣ କରିବାକୁ ହେବ ଓ ତାଙ୍କ ମତାନୁଯାୟୀ କାର୍ଯ୍ୟ କରିବାକୁ ହେବ । ଏହା ଅପିଲ୍ ଅଦାଲତ ପକ୍ଷରେ ଘୋର ଅବମାନନାସୂଚକ । ତେଣୁ ରାଜାସାହେବ ସମସ୍ତ ଅପିଲ୍ ନାମଞ୍ଜୁର କରନ୍ତି । ପ୍ରୋକ୍ତ ଜୁଆଖେଳ ମୋକଦ୍ଦମାରେ ପୋଲିଟିକେଲ୍ ଏଜେଣ୍ଟଙ୍କଠାରେ ଅପିଲ୍ ହେଲା । ସେତେବେଳେ ମୁଁ ଦେଖିଲି ଯେ, ଇଂରେଜଶାସିତ ଭାରତବର୍ଷରେ ପ୍ରଚଳିତ ଯେଉଁ କେତୋଟି ଆଇନ ବଣେଇ ଷ୍ଟେଟ୍‌ରେ ପ୍ରବର୍ତ୍ତିତ ହୋଇଥିଲା ତନ୍ମଧ୍ୟରେ ଜୁଆଖେଳ ଆଇନର ନାମ ନଥିଲା । ଏହି ବିଷୟ ଗୋଟିଏ ଗୁପ୍ତ ପତ୍ରରେ ପୋଲିଟିକେଲ୍ ଏଜେଣ୍ଟଙ୍କୁ ଜଣାଇଦେବା ସଙ୍ଗେ ସଙ୍ଗେ ଲେଖିଲି ଯେ, ଭୁଲରେ ଆସାମୀମାନଙ୍କ ପ୍ରତି ଦଣ୍ଡବିଧାନ ହୋଇଥିଲେ ହେଁ ଯଦି ଆଇନ କାରଣରେ ଆସାମୀମାନଙ୍କୁ ଦଣ୍ଡମୁକ୍ତ କରି ଦିଆହୁଏ ତାହାହେଲେ ବଣେଇରେ ଜୁଆଖେଳ ଆହୁରି ପ୍ରବଳ ହେବ । ଶାସନ ଦୃଷ୍ଟିରେ କେବଳ ଇଂରେଜଶାସିତ ଉନ୍ନତ ଅଞ୍ଚଳର ଆଇନ ଧରିବସିଲେ ଚଳିବ ନାହିଁ । ପୋଲିଟିକେଲ୍ ଏଜେଣ୍ଟ ଅପିଲ ନାମଞ୍ଜୁର କଲେ । ଏହି ସମୟରେ ମୁଁ ମନେକଲି, ଗଡ଼ଜାତ ଶାସନରେ କେବଳ ଅନ୍ୟ ଉନ୍ନତ ଅଞ୍ଚଳରେ ପ୍ରବର୍ତ୍ତିତ ଆଇନ ଚଳାଇଲେ ଚଳିବ ନାହିଁ । କୌଣସି ଗଡ଼ଜାତ ରାଜ୍ୟରେ ସେହି ସମୟରେ ବିଧିବଦ୍ଧ ଆଇନ ନଥିଲା । ଇଂରେଜଶାସିତ ଅଞ୍ଚଳରେ ପ୍ରବର୍ତ୍ତିତ ଆଇନମାନଙ୍କ ମଧ୍ୟରୁ କେତେକ ଇଂରେଜଶାସକଙ୍କ ନିର୍ଦ୍ଦେଶରେ ପ୍ରଚଳିତ ହେବା ନିୟମ ହୋଇଥିଲା । ଏଥିରୁ ବା ସ୍ୱୟଂ ପୋଲିଟିକେଲ୍ ଏଜେଣ୍ଟ ବା ଇଂରେଜ ସରକାର କେତେ ମାନି ଚଳୁଥିଲେ ? କଥା କଥାରେ ଆଇନଭଙ୍ଗ ନିତ୍ୟ ଦର୍ଶନୀୟ ବିଷୟ ହୋଇଥିଲା । ଇଂରେଜ ଯେତେବେଳେ ଯାହା ଚାହୁଁଥିଲେ, ଗଡ଼ଜାତ ରାଜ୍ୟମାନଙ୍କରେ ତାହା କରୁଥିଲେ । ରାଜା ଓ ପ୍ରଜା ଉଭୟଙ୍କୁ ଦଳିତ କରି ରଖିଥିଲେ । ସରକାରୀ ପତ୍ରମାନଙ୍କରେ ରାଜାଙ୍କୁ ପୋଲିଟିକେଲ ଏଜେଣ୍ଟ ଓ ସରକାର 'My esteemed friend' ବୋଲି ସମ୍ବୋଧନ କରିବା ଓ ନିଜ ସ୍ୱାକ୍ଷର ଉପରେ 'Your sincere friend(ଆପଣଙ୍କ ପ୍ରକୃତ ବନ୍ଧୁ) ବୋଲି ଲେଖିବା ନିୟମ କରିଥିଲେ । ଅଥଚ କେଉଁ ନ୍ୟାୟ ବଳରେ ରାଜାଙ୍କ ହାତଗୋଡ଼ ବାନ୍ଧି ତାଙ୍କ ପ୍ରଜାଙ୍କ ଆଗରେ ତାଙ୍କୁ କ୍ଷମତାଚ୍ୟୁତ କରି ରଖିଥିଲେ ? ଅନେକ ରାଜ୍ୟରେ ଏହି ପରିସ୍ଥିତି ହିଁ ଶାସନର ବିଶୃଙ୍ଖଳାର କାରଣ ହୋଇଥିଲା । ବଣେଇର ଅଧିକାଂଶ ପ୍ରଜା ଅଶିକ୍ଷିତ ଓ ଅନୁନ୍ନତ । ଇଂରେଜ ଶାସିତ ଅଞ୍ଚଳର ଆଇନର ସାରମର୍ମ କେବଳ ପ୍ରୟୋଗକଲେ ସେମାନଙ୍କ ନୈତିକ ଓ ଆର୍ଥିକ ଉନ୍ନତି ସାଧିତ ହେବ । ଏମାନଙ୍କୁ ଶିକ୍ଷାଦେବା ସକାଶେ ଦେଓ୍ୱାନ ଛଡ଼ା ରାଜ୍ୟରେ କେହି ନାହାଁନ୍ତି କହିଲେ ଚଳେ । ଥାଇପାରନ୍ତି କେତେକ; କିନ୍ତୁ ଯାହାକୁ ଭୟ କରିବେ, ଯାହାର ଦଣ୍ଡଦେବା କ୍ଷମତା ଅଛି କେବଳ ତାହାଠାରୁ ଶିକ୍ଷାଗ୍ରହଣ କରିବେ । ଦେଓ୍ୱାନଙ୍କ କ୍ଷମତା ପ୍ରତି ଭୟ ଲୋକଙ୍କ ଉନ୍ନତିମୂଳକ କାର୍ଯ୍ୟାବଳୀର ସଂଶ୍ଳିଷ୍ଟ ନରହିଲେ ଏମାନେ ଗଡ଼ଜାତର ବାତାବରଣରେ ନିର୍ମୂଳ ହୋଇଯିବେ । ସୁତରାଂ ଦେଓ୍ୱାନଙ୍କ କାର୍ଯ୍ୟ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ । ଗଡ଼ଜାତ ଶାସନରେ ଆଇନ ସହ ନ୍ୟାୟ ଓ ବିବେକପୂର୍ଣ୍ଣ ନୀତି ପ୍ରୟୋଗ ମୂଳମନ୍ତ୍ର ହେବା ବିଧେୟ । ଏହା ମନେକରି ମୁଁ ମୋର କାର୍ଯ୍ୟ ସମ୍ପାଦନରେ ଯଥାସାଧ ଚେଷ୍ଟା କରୁଥିଲି ଓ ବହୁପରିମାଣରେ ସାଫଲ୍ୟ ଲାଭ କରିଥିଲି ।

୧୯୨୬ ମସିହା ଦୁର୍ଗାପୂଜାର କିଛିଦିନ ପୂର୍ବେ ମଧ୍ୟ ଇଂରାଜୀ ସ୍କୁଲର ହେଡ୍‌ମାଷ୍ଟର ଶ୍ରୀ ଜୟକୃଷ୍ଣ ମହାପାତ୍ରଙ୍କଠାରୁ ଶୁଣିଲି, ଗୋଟିଏ କୁମାରୀକୁ ଆଣି ଗଡ଼ରେ ଖୁଆଇ ପିଆଇ ଅତି ଗୋପନରେ ରଖା ହୋଇଅଛି ଓ ମହାଷ୍ଟମୀ ରାତ୍ରିରେ ଦେବୀଙ୍କଠାରେ ତାକୁ ବଳି ଦିଆହେବ । ଏ ସମ୍ବନ୍ଧରେ ଗଡ଼ରେ କୁହାକୁହି ମଧ୍ୟ ହେବାକୁ ଲାଗିଲେ । ଜନରବ ସତ୍ୟ ହେଉ ଅଥବା ମିଥ୍ୟା ହେଉ ବଳିଦେବା ପରେ ଅପରାଧୀଙ୍କୁ ଧରିବା ସକାଶେ ଅପେକ୍ଷା କରି ରହିବା ପରିବର୍ତ୍ତେ ବାଳିକାଟିର ପ୍ରାଣରକ୍ଷା କରିବା କର୍ତ୍ତବ୍ୟ ମନେକରି ଗଡ଼ ଓ ନିକଟବର୍ତ୍ତୀ ଅଞ୍ଚଳରେ ଏହି କଥା ପ୍ରଚାର କରାଇଦେଲି ଓ ଦେବୀମନ୍ଦିରର ଚତୁଃପାର୍ଶ୍ୱରେ କଡ଼ା ପୋଲିସ ଜଗାଇଦେଲି । ଆଉ ଏ ସମ୍ବନ୍ଧରେ କିଛି ଶୁଣାଗଲା ନାହିଁ । (କ୍ରମଶଃ)

## ପର୍ଦ୍ଦା ପଛର କଥା

ଭାଗ- ୩୩

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।



### ।। ବଡ଼ କଠିନ ସେ ପ୍ରୀତି ପାଳିବା ।।

ପୂର୍ବରୁ କହିଛି ୨୦୦୮ ମସିହାରେ ମୋର ଚାରିଗୋଟି ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା । ଏତେବେଳକୁ ମୁଁ ଫୁଲ୍‌ଦମ୍‌ରେ ଜଣେ ଗୀତିକାର ଓ ସଂଳାପ ଲେଖକ । ଫକୀରମୋହନଙ୍କ ଉପରେ ଲିଖିତ ଛଅ ଅଧ୍ୟାୟ ବିଶିଷ୍ଟ 'ଅନ୍ୱେଷଣ' ଜାତୀୟ ସ୍ତରରେ ପୁରସ୍କୃତ ହୋଇ ମତେ ଅନ୍ୟ ଏକ ଗୌରବ ଆଣି ଦେଇଥାଏ । ଏବେ ଚଳଚ୍ଚିତ୍ରଟିଏ ନିର୍ମାଣ କରାଗଲେ ମୋ କଥା ନିର୍ଦ୍ଦେଶକ ଓ ପ୍ରଯୋଜକ ଚିନ୍ତା କରୁଥାନ୍ତି, କିନ୍ତୁ ଗୋଷ୍ଠିବାଦର ଅନୁଭବ ହେଉଥାଏ ।

ମୁଁ କିନ୍ତୁ ଗୋଟିଏ କଥା ମୋ ବୃତ୍ତିଗତ ଜୀବନ ହେଉ ଅବା ସାଧାରଣ କ୍ଷେତ୍ରରେ ହେଉ ବିଶ୍ୱାସ କରେ, ତାହାହେଲା ନିଜେ ନିଜର ପରିଚୟ ସୃଷ୍ଟି କରିବା । ଯଦି ତମ ଭିତରେ ପ୍ରତିଭା ଅଛି ତାହାଲେ ନିଶ୍ଚୟ ଦିନେ ନା ଦିନେ ତମର ଗୁରୁତ୍ୱ ଅନ୍ୟମାନେ ଉପଲବ୍ଧି କରିବେ ।

୨୦୦୮ ମସିହାର ଚତୁର୍ଥ ଚଳଚ୍ଚିତ୍ରଟି ଥିଲା 'ଆରେ ସାଥୀ ଆ' । ଏନ୍. ପାଢ଼ୀଙ୍କ ନିର୍ଦ୍ଦେଶନାରେ ଏହି ଚଳଚ୍ଚିତ୍ରଟିର ପ୍ରାରମ୍ଭିକ କାର୍ଯ୍ୟ 'ମୁନା ଲଭ ଷ୍ଟୋରି' ବେଳୁ ପ୍ରାୟତଃ ଆରମ୍ଭ ହୋଇଯାଇଥିଲା । ପ୍ରଯୋଜକ ଏନ.ଏମ ରାଓଙ୍କ ଅଫିସ ଥିଲା ସି.ଆର.ପି ଛକ ସ୍ଥିତ ଏକ ବିଲଡିଙ୍ଗରେ । ତା' ପାଖରେ ବିଜୟଙ୍କ ଫୋନିକ୍ସ, ଅବଶ୍ୟ ସେତେବେଳେ ତା'ର ନା ଭିନ୍ନ ଥିଲା । 'ମୁନ୍ନା'ର କାମ ସମୟରେ ଅନେକ ବେଳେ ମୁଁ ପ୍ରାୟ ବିଜୟଙ୍କ ଷ୍ଟୁଡିଓରେ ବସୁଥିଲି । ଏଡିଟିଂ, ମିକ୍ସିଂ କାମ ଚାଲିଥାଏ ଓ ବେଶ୍ କେତୋଟି ଚଳଚ୍ଚିତ୍ରର ପୋଷ୍ଟ ପ୍ରଡକ୍ସନ କାମ ଚାଲିଥାଏ । ଏଇଠି ହିଁ ପରିଚୟ ହେଲା ପ୍ରଯୋଜକ ରାଜେଶ ମଲ୍ଲିକଙ୍କ ସହ । ଇଞ୍ଜିନିୟରିଂ ପାଶ୍ କରି ଚଳଚ୍ଚିତ୍ର ନିର୍ମାଣ ନିମନ୍ତେ ଆଗ୍ରହ ପ୍ରକାଶ କରୁଥାନ୍ତି । ସାଥିରେ ଅନ୍ୟ କେତେଜଣ ଉତ୍ସାହୀ ଯୁବବଂଧୁ । ଚଳଚ୍ଚିତ୍ର ନିର୍ମାଣର ପ୍ରସ୍ତୁତିପର୍ବ ଆରମ୍ଭ ହୋଇଗଲା । ପ୍ରଥମ କରି ସିଦ୍ଧାନ୍ତଙ୍କୁ ନିର୍ଦ୍ଦେଶନା ଦେବାର ସୁଯୋଗ ଦେବାପାଇଁ ଯୁବବଂଧୁ ମାନେ ସ୍ଥିର କଲେ ।

ସିଦ୍ଧାନ୍ତଙ୍କ ସହ ମୋର ପରିଚୟ ଢେର ଆଗରୁ । ଗୋଟିଏ ଫିଲ୍ମରୁ 'ମୋ ଭାଇ ଜଗା'ରୁ ଆମେ ଦୁହେଁ କ୍ୟାରିୟର ଆରମ୍ଭ କରିଥିଲୁ । ଅବଶ୍ୟ ମାତ୍ର କେଇଦିନ ସୁଟିଂ ପରେ ସେ ସେ ଫିଲ୍ମଛାଡ଼ି ଦେଇଥିଲେ । ତା' ପରେ ସିଦ୍ଧାନ୍ତ ତାଙ୍କ ପତ୍ନୀ ମାମାଙ୍କ ଦିଗରୁ ମୋର ଦୂର ସମ୍ପର୍କୀୟ । ତେଣୁ ଆମ ସଂପର୍କ ଭଲ ଜମେ । ସିଦ୍ଧାନ୍ତଙ୍କ ସହ କାହାଣୀ ସଂପର୍କରେ ଆଲୋଚନା ହେଲା । ଗୋଟାଏ ସୁନ୍ଦର କାହାଣୀର ପରିକଳ୍ପନା କରିଥିଲେ ସିଦ୍ଧାନ୍ତ । କାହାଣୀର ନାମ ରଖିଥିଲେ "କାହାର କେତେ ଦମ୍", ଦୁଇଟି ଗାଁର ବିଭେଦକୁ ନେଇ କାହାଣୀ ଗତିଶୀଳ । ସିଦ୍ଧାନ୍ତଙ୍କ ଘରେ ବସି ମୁଁ ସ୍କ୍ରିପ୍ଟ କାମରେ ଲାଗି ପଡ଼ିଲି । ସ୍କ୍ରିପ୍ଟ ଲେଖା ସମୟ ଛଡ଼ା ଅନ୍ୟ ଯେତେବେଳେ ସିଦ୍ଧାନ୍ତ ନୂଆ କିଛି ଚିନ୍ତା କରୁଥିଲେ ମତେ ଫୋନ୍ କରି ଜଣାଉଥିଲେ । ଘଣ୍ଟା ଘଣ୍ଟା ଧରି ଆଲୋଚନା, ଖୁସି ଲାଗୁଥିଲା ସିଦ୍ଧାନ୍ତଙ୍କ ଇନ୍‌ଭଲବ୍‌ମେଣ୍ଟ ଦେଖି । ଗୁଡୁଲି ରଥ ମ୍ୟୁଜିକ୍ କରିବା ପାଇଁ ସ୍ଥିର ହୋଇଥିଲା ।

ତେବେ କେଜାଣି କାହିଁକି ପ୍ରଯୋଜକମାନେ ଏ ପ୍ରୋଜେକ୍ଟରୁ ଓହରିଗଲେ । ସ୍କ୍ରିପ୍ଟ କାମ ଅଧା ରହିଗଲା । ଏଭଳି ଏକ ଭଲ କାହାଣୀ ଅଧାରୁ ବନ୍ଦ ହୋଇ ଯାଇଥିବାରୁ ମତେ ଦୁଃଖ ଦେଇଥିଲା । ସିଦ୍ଧାନ୍ତ ନିର୍ଦ୍ଦେଶକ ହୋଇ ପାରିଲେ ନାହିଁ । ସିଦ୍ଧାନ୍ତଙ୍କ ଅନୁଭୂତି ଥିଲା ପ୍ରଚୁର । ଅନେକ ସମୟରେ ସୁଟିଂ ବେଳେ ସଟ୍ ଟେକିଜ୍ ନେଇ ସେ ନିର୍ଦ୍ଦେଶକ ମାନଙ୍କୁ ସଜେସନ୍ ଦିଅନ୍ତି । ତେବେ ପରବର୍ତ୍ତୀ ସମୟରେ ସିଦ୍ଧାନ୍ତଙ୍କ ସୁଯୋଗ ଆସିଥିଲେ ବି ନିର୍ଦ୍ଦେଶନା ପ୍ରତି ସେ ଆଉ ଆଗ୍ରହ ପ୍ରକାଶ କରି ନାହାନ୍ତି ।

ମୋର କିନ୍ତୁ ଗୋଟିଏ ଲାଭ ହୋଇଥିଲା । ଗୁଟ୍‌କା ସେବନ ଭଳି ବାଜେ ଅଭ୍ୟାସରୁ ମୁକ୍ତି ପାଇଯାଇଥିଲି ଖାସ୍ ସିଦ୍ଧାନ୍ତଙ୍କ ତାଗିଦ୍ ପାଇଁ । ଯେଉଁ କେତେଦିନ ସିଦ୍ଧାନ୍ତଙ୍କ ଘରେ ମୁଁ ସ୍କ୍ରିପ୍ଟ କାମରେ ବ୍ୟସ୍ତ ଥିଲି, ସିଦ୍ଧାନ୍ତ ବାଧ କରି ମତେ ଏଭଳି ଏକ ଭୟଙ୍କର ଅଭ୍ୟାସ ଛଡ଼ାଇ ଦେଇଥିଲେ ।

ପ୍ରଯୋଜକ ରାଜେଶ ମଲ୍ଲିକ ଓ ମୁଁ ତଥା ଅନ୍ୟାନ୍ୟ ବଂଧୁମାନେ ବସି ସ୍ଥିର କଲୁ ନିର୍ଦ୍ଦେଶନା ପାଇଁ ଏନ୍.ପାଢ଼ୀଙ୍କୁ ନେବୁ । କାହାଣୀ ଆଲୋଚନା ହେଲା । ସନ୍‌ପେନ୍ସ ସହ ପ୍ରେମକୁ କାହାଣୀରେ ଗୁରୁତ୍ୱ ଦିଆଗଲା । ଶୀର୍ଷକ ରହିଲା "ଆରେ ସାଥୀ ଆ" ସିଦ୍ଧାନ୍ତ ଏଥିରେ ଲିଡ୍‌ରୋଲ୍‌ରେ । ନୈନାଙ୍କ ସହ ଅନ୍ୟଜଣେ ବଙ୍ଗୀୟ ନାୟିକାଙ୍କୁ ନିଆଗଲା । ଏନ୍.ପାଢ଼ୀଙ୍କ ପୁରୁଣା ଟିମ୍ ଏଥିରେ ପ୍ରାୟ ରିପିଟ୍ ହେଲେ । ଚଳଚ୍ଚିତ୍ରର ସୁଟିଂ ଚାଲିଲା ଆର୍ଥିକ ସଂକଟ ଭିତରେ । ତଥାପି ଯୁବ ପ୍ରଯୋଜକ ରାଜେଶ କୌଣସି କ୍ଷେତ୍ରରେ ଚଳଚ୍ଚିତ୍ରଟିରେ କମ୍ପ୍ରମାଇଜ କରିବାକୁ ଚେଷ୍ଟା କରୁନଥାନ୍ତି । ତାଙ୍କ ସାଥିରେ ଅମର ମହାନ୍ତି ପ୍ରଯୋଜନାରେ ଥାନ୍ତି । ଏହି ଚଳଚ୍ଚିତ୍ରରେ ମଜା କଥାଟିଏ ଘଟିଥିଲା ଏହାର ସଂଗୀତକୁ ନେଇ । ଗୁଡ଼୍‌ଲି ରଥ ମ୍ୟୁଜିକ୍ କମ୍ପୋଜ ବେଳେ ମତେ କହିଲେ କ୍ଲାଇମାକ୍ସ ଗୀତ ଲେଖିବାକୁ । ନିର୍ଦ୍ଦେଶକ ବଂଧୁ ଏନ୍.ପାଢ଼ୀ ମଧ୍ୟ ଜିଦ୍ କଲେ ମୁଁ ସେ ଗୀତଟିକୁ ଲେଖେ । ଗୀତଟି କ୍ଲାଇମାକ୍ସ ପଏଣ୍ଟରେ ଆସୁଛି । ପ୍ରେମର ଡେଫିନେସନ୍ ଉପରେ ଲେଖାଯିବ । ସାଧାରଣତଃ ଶୀର୍ଷକ ଗୀତ ଗୋଟିଏ ଥାଏ । ବାପୁ ଗୋସ୍ୱାମୀ ଅନ୍ୟ ଏକ ଲିରିକ୍‌ରେ ଶୀର୍ଷକ ବ୍ୟବହାର କରୁଥାନ୍ତି । ନିଜାମ୍ ଭାଇ ଅନ୍ୟତମ ଗୀତିକାର, ଆମର ବି ଇଚ୍ଛାଥାଏ ଶୀର୍ଷକ ଗୀତ ଲେଖିବା ପାଇଁ । (କ୍ରମଶଃ)

## କବିତା.... ଆମ ସମୟର

### ।। ଜହ୍ନରାତି ।।

**ପୂର୍ଣ୍ଣଚନ୍ଦ୍ର ମହାରଣା**



ଛଳଛଳ ନଈ ପାଣି
ବାଉଳା ପବନ
ଚିକିମିକି ସୁନାଖରା
ବାସ୍ନା ଫୁଲବଣ !!

ଫଡ଼ଫଡ଼ ତାଳପତ୍ର
ପଚାକଞ୍ଚା ଫଳ
କିଚିରି ମିଚିରି ପକ୍ଷୀ
ରତରତ ବେଳ !!

କଳା ହାଣ୍ଡିଆ ବଉଦ
ଭସାଭସା ମେଘ
କେତେବେଳେ ଛିନାଛିନା
କେବେ ଓଦା ପାଗ !!

ମହମହ ମହୁଝର
ମହୁଲି ଝରଣା
ମିଠାଭାବ ଦିଆନିଆ
କେବେ ଗୁଡ ପଣା !!

ଖିଲିଖିଲି ଜହ୍ନରାତି
ଅଗଣନ୍ତି ତରା
ପାହାନ୍ତି ତରା ଉଇଁଲେ
ରାତିମାରେ ଚିରା !!

ରହ ରହ ଜହ୍ନରାତି
ଆଉଟିକେ ରହ
ସାରାରାତି ପଖାଳିବି
ମୋ ଝାଲୁଆ ଦିହ !!

ଫିକା ଆକାଶ ତଳରେ
ପୁଙ୍ଗୁଳା ଶୋଇବି
ଆଜିର ସପନ କଥା
କାଲିକି କହିବି !!

♥ ବାଳକାଟି, ଖୋର୍ଦ୍ଧା-୭୫୨୧୦୦
(ମୋ)୯୯୩୭୭୭୭୬୫୨

### ।। ମୁଁ ଅସଭ୍ୟ ।।

**ମୂଳ ହିନ୍ଦୀ : ଭବାନୀ ପ୍ରସାଦ ମିଶ୍ର**



**ଓଡ଼ିଆ ଅନୁବାଦ : ଶୈଳବାଳା ମହାପାତ୍ର**



ମୁଁ ଅସଭ୍ୟ
କାହିଁକି ନା ମୁଁ ଲଙ୍ଗଳା ପାଦରେ ଚାଲେ
ମୁଁ ଅସଭ୍ୟ
କାହିଁକି ନା ମାଟିର କୋଳରେ ମୁଁ ବଢ଼େ
ମୁଁ ଅସଭ୍ୟ
କାହିଁକି ନା ଧରଣୀର ବୁକୁ ଚିରି ଧାନ ଫଳାଏ
ମୁଁ ଅସଭ୍ୟ
କାହିଁକି ନା ଢୋଲ ବଜେଇ ଜୋର୍‌ରେ ଗୀତ ଗାଏ

ତମେ ସଭ୍ୟ
କାରଣ ତମେ ହାଓ୍ୱାରେ ଉଡ଼ିପାର
ତମେ ସଭ୍ୟ
କାରଣ ତମେ ପୃଥିବୀରେ ନିଆଁ ବର୍ଷିପାର
ତମେ ସଭ୍ୟ
କାରଣ ଧାନରେ ଭରାଥାଏ ତମ କୋଠି
ତମେ ସଭ୍ୟ
କାରଣ ତମେ ବଡ଼ ପାଟିରେ ପଢ଼ିପାର ପୋଥି

ବଡ଼ ବ୍ୟଥିତ ତମେ ମୋ ପଛୁଆ ପଣରେ
ତମେ ଭାବ ଯେ ଇଏ ବି ବଞ୍ଚିବା ଶିଖନ୍ତା ଆମରି ଢଙ୍ଗରେ

ମୁଁ କିନ୍ତୁ ଚାହେଁନା ଓହ୍ଲେଇ ଦେବାକୁ ମୋର ଏଇ ଅପାଠୁଆ ଚେହେରା
କାନ୍ଧରେ ଗାମୁଛା
ଜୋର୍‌ରେ ବାନ୍ଧିଛି ଧୋତି ଆପଣା ଅଣ୍ଟାରେ ।

♥ ମଧୁବନ ଷଷ୍ଠ ଗଳି, ଟିକରପଡା ରୋଡ଼, ପୁରୀ
(ମୋ) ୭୦୦୮୫୮୬୫୦୧

### ।। ଗହନ ଦୁଃଖ ।।

**ଦୁର୍ଗାଚରଣ ଷଡ଼ଙ୍ଗୀ**



କେମିତି ଦିନୁଁ ଦିନ ବଦଳି ଯାଉଛି ଏ ପୃଥିବୀ
ଦେଖୁନ ।
ବଦଳି ଯାଉଛି ସ୍ୱର, ଶବ୍ଦ, ଚମକ
ଦେହର ରଙ୍ଗ ଦିନୁଁ ଦିନ ।
ବେଳୁଁ ବେଳ ବଦଳି ଯାଉଛି
ମଣିଷର ଛାତିର ସ୍ପନ୍ଦନ, କାନ୍ଦ
ଓଠର କଥା, ଭଲ ପାଇବାର ଭାଷା
କେମିତି ସବୁକିଛି ବଦଳି ଯାଉଛି ।

ଆକାଶକୁ ଆଜି ଘଡ଼ିଏ ନରେଖି ଦେଖିଲି
ତାରା ଭର୍ତ୍ତି ନିଶୁନ୍ ମେଘର ଆକାଶ
ସେମିତି ହିଁ ଆତଯାତ ସେମାନେ
ଠିକ୍ ପୂର୍ବ ପରି
କିଛି ହିଁ ଓଜର ନାହିଁ କି ଦୁଃଖ
ସନ୍ତାପ ନାହିଁ କି ବିଷାଦ
କେଉଁ ମନ୍ୱନ୍ତରକୁ
ସେଇ ଗୋଟିଏ ହିଁ ପ୍ରକାଶ ।

ଅଥଚ ଏବେ ବଦଳି ଯାଉଛି ମୁଁ
ମୋ ମୁହଁ ମୋ ଛାତିର କମ୍ପନ
ଠିକ୍ ଶୈଶବରୁ ଜରା
ଯେମିତି ମରଣ ଭୟରେ କାକୁସ୍ଥ ମଣିଷ
କେଜାଣି କାହିଁକି,
ବୋହି ବୋହି ଦୁଃଖର ଅବାଞ୍ଛିତ ବୋଝ,
ଦେଖୁନ
କେମିତି ସରି ସରି ଯାଉଛି ନିତିଦିନ
ସେ ଅବୋଲକରା ।

ଜୀବନକୁ ଅଧାଜାଳି, ଏ ଯାଏଁ ଆସିଲି
ପାରିହୋଇ ଗହନ ଜଂଜାଳ
କେତେକେତେ ଭୋଗ ଦୁର୍ଭୋଗର ଦିନସବୁ
କେମିତି ସ୍ୱପ୍ନ ଦେଲେ, ଦେଲେ ବି ରୋମାଞ୍ଚ
ଆଶିଷ-ଅଭିଶାପର କୁଢ଼କୁଢ଼ ଶବ୍ଦଝୁଲ
ଓଜାଡ଼ି ଦେଇ ମଥାରେ
ଚାଲିଗଲେ ଯେ ଯୁଆଡ଼େ ଦେଖୁନ
ଏବେ ଏକା ଏକା ମୁଁ ଆଉ ମୋ ନିସଙ୍ଗ ଜୀବନ ।

ଏମିତି ହିଁ ଏକାଏକା ଆମେ ସଭିଏଁ କାଳକ
ଏ ଆକାଶ, ତାରା, ସୂର୍ଯ୍ୟ, ଚନ୍ଦ୍ର ପରି
ଖୁବ୍ ଏକାଏକା
ନାହି କଟିଗଲେ ନାଡ଼ରୁ ଯେମିତି
ମା'ଠୁ ଅଲଗା ହୋଇଯାଏ ଶିଶୁ
ରାହା ଧରି କାନ୍ଦୁଥାଏ ଯେ କାନ୍ଦୁଥାଏ
କେହି ନଥାଏ ସେଠି ଆପଣାର ହୋଇ
ଥାଏ କେବଳ ମୃତ୍ୟୁର ନାଦ ବ୍ରହ୍ମସ୍ୱର
ନିରବ ଆତଙ୍କ କିଛି କୋଳାହଳ ଅଥଚ
କେବଳ ହସୁଥାନ୍ତି ମନେ ମନେ ଅଦୃଶ୍ୟ ଈଶ୍ୱର ।

♥ ମୋ: ୯୪୩୮୫୩୫୫୬୭

### ।। ଯୋଗୀ ।।

**ଦେବାଶିଷ ମହାପାତ୍ର**



ସର୍ଜପାରେ ସୃଷ୍ଟି ମୁଁହି
କାଳସର୍ପ ସମୟକୁ ଆଭୂଷଣ କରି
ରଚିପାରେ ପ୍ରଳୟ ପୁଣି
ବିଶ୍ୱଶାନ୍ତି ମୂର୍ତ୍ତିମନ୍ତ ବିଗ୍ରହଟେ ହୋଇ
ମୁଁ ଯୋଗୀ !
ଏ ତମାମ୍ ଜୀବନ ପାଇଁ ।

ସ୍ୱଇଚ୍ଛାରେ ଅକ୍ଳେଶରେ
ଆକଣ୍ଠ ପାନ କରିପାରେ ସବୁତକ ବିଷ
ମୋର ଅନେକ ଦିନର ତୃଷ୍ଣାକୁ
ତୃପ୍ତି ଦେବା ପାଇଁ
ପୁଣି କେବେ ଅବିଳମ୍ବେ
ଉଚ୍ଚାରିପାରେ ମୃତ୍ୟୁସଞ୍ଜିବନୀ
ଜୀବନରେ ମୃତ୍ୟୁରସ
ଅସ୍ୱାଦି ନେବା ପାଇଁ
ମୁଁ ଯୋଗୀ
ଏ ତମାମ୍ ଜୀବନ ପାଇଁ !

♥ ଅତିଥି ଅଧ୍ୟାପକ, ଗଣିତ ବିଭାଗ
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର
ମୋ - ୯୭୭୬୩୪୯୭୨୨

### ।। ରଙ୍ଗ ।।

**ପ୍ରଶାନ୍ତ ଚନ୍ଦନ**



ଆକାଶର ରଙ୍ଗ ନୀଳ,
ସମୁଦ୍ରର ରଙ୍ଗ ନୀଳ
ପୁଣି ଦୁଃଖର ରଙ୍ଗ ବି ନୀଳ...

ତ କୁହ କେମିତି କହିବନି
ତା'ପରେ ସୁଖର ରଙ୍ଗ କ'ଣ
କେମିତି ପୁଣି ଛିନ୍ ଭିନ୍ ହୋଇଯାଏ
ତା'ପରେ ତା'ର ବି
ଏକ ଛୋଟ ସଂସାର...

ନା ସେତେବେଳକୁ ପୁଣି ଭୁଲି
ହୋଇଯାଏ ପାର୍ଥକ୍ୟର ରଙ୍ଗ
ଠିକ୍ ତା'ପରି ତା'ର
ପ୍ରଶ୍ନରେ ଯେ ମିଳିତ ହୋଇଗଲେ

ବଡ ସଂସାର ବୋଲି
ପରିଣତ କି ବିବେଚିତ
ହୋଇଯାଆନ୍ତି ଖୁବ୍ ସହଜରେ
ଉତ୍ତର ବି ତା'ର !!

♥ ଇରିଗେସନ୍ କଲୋନୀ, ଲେନ୍ ୩
ଭବାନୀପାଟଣା, କଳାହାଣ୍ଡି
(ମୋ) ୮୦୧୮୨୩୬୭୨୦

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୩ ଜାନୁଆରୀ, ୨୦୨୨




## ପ୍ରେମରେ ପ୍ରେମରେ ଗୀତି ....(୩୧)



### ॥ ରହିଛି ଅପେକ୍ଷା କରି ॥

ଏଇ ଜନମରେ ତୁମକୁ ଟିକିଏ
ଛୁଇଁବା ପାଇଁ ମୁଁ ଗୋରୀ,
ଦୁବ ଘାସ ହୋଇ ତୁମ ବଗିଚାରେ
ଜିଉଛି ନିତି ମୁଁ ମରି ।

ପ୍ରତିଟି ସକାଳେ ତୁମ ପାଦ ତଳେ
ଦିଅ ସିନା ତୁମେ ଦଳି,
ତୁମ ପ୍ରୀତି ପାଇଁ ଏ ଦେହକୁ ସହୀ
ଦେଇଚି ମୁଁ ଜଳାଞ୍ଜଳି,
ଆଗାମୀ ସକାଳେ ଜିଇ ଉଠେ ପୁଣି
ନୂତନ ଜୀବନ ଧରି ।

କରିଛି ମୁଁ ଆଶା ତୁମଠି ଭରସା
ଦିନେ ନାହିଁ ଦିନେ ଗୋରୀ,
ତୁମରି ନିଷ୍ଠୁର ହୃଦୟରୁ ପ୍ରେମ
ବାରିଧି ପଡ଼ିବ ଝରି,
ଗୋଟିଏ କାହିଁକି ସାତ ଜନମ ମୁଁ
ରହିଛି ଅପେକ୍ଷା କରି ।


■ ବିପିନ ମହାନ୍ତି

♥ ୩୩,
ଗଡ ମହାବୀର
ବିହାର,
ଗ୍ୟାରେଜ
ଛକ,
ଭୁବନେଶ୍ୱର-୨
(ମୋ)
୯୮୬୧୧୪୪୯୯୧





## ■ ସ୍ମରଣୀୟେଷୁ ■

## ଶୋଭନୀୟ ପରଂପରା ବନାମ ଅଶୋଭନୀୟ ଆଚରଣ



ଯେଉଁମାନଙ୍କୁ ଆମେ ମହାପୁରୁଷ , ପ୍ରବାଦ ପୁରୁଷ ଅଥବା ମହାନ୍ ବ୍ୟକ୍ତିତ୍ୱ ବୋଲି ଗ୍ରହଣ କରିଛୁ ସେମାନଙ୍କର ଦିବଂଗତରେ ଆମେ ତାଙ୍କ ଲାଗି କ'ଣ କରୁ ବା ନକରୁ , ଅନ୍ତତଃ ଦୁଇଟି କଥାକରୁ । ପ୍ରଥମତଃ ତାଙ୍କ ଜୟନ୍ତୀ ପାଳନ ଏବଂ ଦ୍ୱିତୀୟତଃ ତାଙ୍କ ଶ୍ରାଦ୍ଧ ବାର୍ଷିକୀ ମାନଙ୍କରେ ଶ୍ରଦ୍ଧାଂଜଳି ଜ୍ଞାପନ। ତେବେ ଜୟନ୍ତୀ ପାଳନଟି ଉଭୟ ଜୀବଦଶା ଏବଂ ଦିବଂଗତରେ ପାଳନ ହେଉଥିବା ବେଳେ ଶ୍ରଦ୍ଧାଂଜଳି ଜ୍ଞାପନଟି କେବଳ ଦିବଂଗତରେ ହୋଇଥାଏ। ପୃଥିବୀ ଇତିହାସରେ ବୋଧହୁଏ ଏକମାତ୍ର ବ୍ୟକ୍ତିତ୍ୱ ହେଉଛନ୍ତି ନେତାଜୀ ସୁବାଷ ଚନ୍ଦ୍ର ବୋଷ ଯାହାଙ୍କର ଏଯାବତ୍ କେବଳ ଜୟନ୍ତୀ ପାଳନ ହୁଏ, ମାତ୍ର ଶ୍ରଦ୍ଧାଂଜଳି ନୁହେଁ।

ନେତାଜୀ ଏଯାବତ୍ ଜୀବୀତ ନା' ମୃତ ତାହାର କିଛି ଠୋସ୍ ପ୍ରମାଣ ନାହିଁ । ସେ ଏକ ବିତର୍କିତ ବ୍ୟକ୍ତିତ୍ୱ ଯାହାର ମୃତ୍ୟୁ ଯଦି ହୋଇଥାଏ ଏକ ରହସ୍ୟାବୃତ । ଏଇଥିପାଇଁ ତାଙ୍କ ନେଇ ତାଙ୍କର ଶ୍ରଦ୍ଧାଞ୍ଜଳି ଦିବସ ପାଳନ କରାଯାଏ ନାହିଁ ଯଦିଓ ଏଭିତରେ ତାଙ୍କ ଜନ୍ମଠୁ ତାଙ୍କୁ ଶତାଧିକ ବୟସ ଅତିକ୍ରମ କରି ଗଲାଣି । ଏମିତି ବି ଯଦି ମୃତ୍ୟୁ ହୋଇଥାଏ, ତାହାବି ସ୍ୱାଭାବିକ ହୋଇପାରିଥାଏ ଅଥଚ କେବେ ଓ କେଉଁଠି , ତାହାର ପ୍ରମାଣ କାହାପାଖରେ ନାହିଁ।

ଜାନୁୟାରୀ ୨୩ରେ ପ୍ରତିବର୍ଷ ନେତାଜୀଙ୍କ ଜନ୍ମ ଜୟନ୍ତୀ ପାଳନ ହୁଏ। ସେଦିନ ଶ୍ରଦ୍ଧାଳୁମାନେ ତାଙ୍କ ଚିତ୍ର ପ୍ରତିମା ଅଥବା ତୈଳ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ଭକ୍ତିପୂତ ସମ୍ମାନ ପ୍ରଦାନ କରନ୍ତି କାରଣ ସେ ଆମ ଭାରତୀୟ ମାନଙ୍କ ପାଇଁ ଜଣେ ମହାପୁରୁଷ ଯିଏକି ଇଁରେଜ ହସ୍ତରୁ ଭାରତର ମୁକ୍ତି ପାଇଁ ସଂଗ୍ରାମୀ ପୁରୁଷ ଥିଲେ ଏବଂ ଯିଏ କହୁଥିଲେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି। ସେ ଥିଲେ ଭାରତର ମୁକ୍ତି ସଂଗ୍ରାମର ଜଣେ ପଦାତିକ ଯୋଦ୍ଧା ଯାହାର ସ୍ୱରଥିଲା 'ଦୀଲ୍ଲୀ ଚଲୋ' ।

ଅନେକ ମହାପୁରୁଷଙ୍କ ଜନ୍ମ ଦିବସକୁ ସରକାରୀ ବା ବେସରକାରୀ ଦପ୍ତରମାନଙ୍କରେ ଛୁଟି ଦିବସ ରୂପେ ଘୋଷଣା କରାଯାଇଛି। ଏହା ଅର୍ଥ ନୁହେଁ ଏଛୁଟି ଦିବସରେ ଘରେ ବସି ମଉଜ ମଜଲିସ୍ କରିବା ବା କୋଉ ଭିନ୍ନ ଢଙ୍ଗରେ ଜୀବନ ବିତାଇବା। ଏହାର ଅର୍ଥ ବ୍ୟକ୍ତିଗତ ସ୍ତରରେ ଅଥବା ସମବେତ ଭାବେ ତାଙ୍କ ସଂପର୍କରେ ସଭାସମିତି କରିବା , ଭାଷଣ ଦେବା, ଆଲୋଚନା କରିବା ଅଥବା ତାଙ୍କ କାର୍ଯ୍ୟାବଳୀ ଉପରେ ଦୃଷ୍ଟିପାତ୍ କରାଇ ନିଜକୁ ତାଙ୍କ ଆଦର୍ଶରେ ତୋଳିବା ପାଇଁ ଚେଷ୍ଟା କରିବା।

ଆନ୍ତର୍ଜାତିକ, ଜାତୀୟ ଅଥବା ସ୍ଥାନୀୟ ବିଶେଷତ୍ୱ ନେଇ ଏ ପ୍ରକାର ବ୍ୟକ୍ତିତ୍ୱମାନଙ୍କୁ କାହାକୁ ଆନ୍ତର୍ଜାତିକ ସ୍ତରରେ, କାହାକୁ ଜାତୀୟ ବା କାହାକୁ ରାଜ୍ୟସ୍ତରରେ ପ୍ରାଧାନ୍ୟ ଦିଆଯାଇଥାଏ। ଯେମିତି ଏକାଦିନରେ ଜନ୍ମ ହୋଇଥିବା ନେତାଜୀଙ୍କୁ ଜାତୀୟ ସ୍ତରରେ ସମ୍ମାନ ଦେଲାବେଳେ. ସୁରେନ୍ଦ୍ର ସାଏଙ୍କୁ ରାଜ୍ୟସ୍ତରରେ ଗୁରୁତ୍ୱ ଦିଆଯାଇଥାଏ; ମହାତ୍ମା ଗାନ୍ଧି ଓ ଲାଲବାହାଦୂର ଶାସ୍ତ୍ରୀଏ ଦୁହେଁ ଏକା ତାରିଖରେ ଜନ୍ମ ହେଲେହେଁ, ମହାତ୍ମା ଗାନ୍ଧି ବିଶ୍ୱସ୍ତରରେ ବ୍ୟକ୍ତିତ୍ୱ ବେଳେ, ଶାସ୍ତ୍ରୀଜୀ ଜାତୀୟ ସ୍ତରର ବ୍ୟକ୍ତିତ୍ୱ ଅଟନ୍ତି।

ଏମାନଙ୍କୁ କେନ୍ଦ୍ର ସ୍ତରରେ ସଂସଦ ଭବନରେ ଏବଂ ରାଜ୍ୟ ସ୍ତରରେ ବିଧାନ ଭବନରେ ଜନ୍ମ ଦିବସର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଏ। ଏଥିପାଇଁ ନିର୍ଦ୍ଦିଷ୍ଟ ସମୟଥାଏ ଯେଉଁଠି ଉଭୟ ସରକାରୀ ଓ ବିରୋଧି ଦଳର ସଦସ୍ୟ ଏବଂ ଉଚ୍ଚପଦସ୍ତ ବ୍ୟକ୍ତିତ୍ୱ ମାନେ ସମବେତ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରନ୍ତି। ଏହାହିଁ ପୂଜ୍ୟପୂଜାର ପରମ୍ପରା।

ଗତ ଜାନୁୟାରୀ ୨୩, ୨୦୧୪ ତାରିଖ ଥିଲା ନେତାଜୀଙ୍କ ଜୟନ୍ତୀ ଦିବସ। ଅନ୍ୟାନ୍ୟ ବ୍ୟକ୍ତିତ୍ୱ ମାନଙ୍କ ପରି ନେତାଜୀଙ୍କର ତୈଳ ଚିତ୍ରଟିଏ ସଂସଦର କେନ୍ଦ୍ରୀୟ କକ୍ଷରେ ରଖାଯାଇଛି। ଏହାକୁ ୨୩ଜାନୁୟାରୀ ୧୯୭୮ ଦିନ ତତ୍କାଳୀନ ରାଷ୍ଟ୍ରପତି ନୀଲମ୍ ସଂଜୀବ ରେଡିଙ୍କ ଦ୍ୱାରା ଅନବୀକରଣ କରାଯାଇଥିଲା। ପରମ୍ପରା ଅନୁଯାୟୀ ସମସ୍ତ ସାଂସଦ, ମନ୍ତ୍ରୀ, ଓ ରାଷ୍ଟ୍ରପତି ତଥା ଉଚ୍ଚ ରାଜକର୍ମଚାରୀ ମାନେ ସେଠାରେ ତାଙ୍କ ଜନ୍ମଦିନରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉପସ୍ଥିତି ରହି ତାଙ୍କ ପ୍ରତି ଭକ୍ତି ସୁମନ ଅର୍ପଣ କରିବା କଥା; କିନ୍ତୁ ଦୁଃଖ ଏହିଯେ ଚଳିତ ବର୍ଷ ମାତ୍ର ସେଠାରେ ଜଣେ ସାଂସଦ, ଲାଲ କୃଷ୍ଣ ଆଡ଼ଭାନୀଙ୍କ ସହ ୨/୩ ଜଣ ଅବସରପ୍ରାପ୍ତ ସାଂସଦ ଉପସ୍ଥିତ ଥିଲେ । ଏଠାରେ ସୂଚାଇ ଦେଉଯେ ଲୋକସଭାର ସଦସ୍ୟ ସଂଖ୍ୟା ୫୪୭ ଏବଂ ରାଜ୍ୟ ସଭାର ସଦସ୍ୟ ସଂଖ୍ୟା ୨୫୦। ତେବେ ଆଡ଼ଭାନିଙ୍କ ବ୍ୟକ୍ତିତ୍ୱ, ଅନ୍ୟମାନେ ଗଲେ କୁଆଡ଼େ ? ଆହୁରି ହାସ୍ୟାସ୍ପଦ କଥା ଏହିଯେ ସୁବାଷ ବୋଷଙ୍କୁ ଆମ "ମାଟିର ମଣିଷ" ବୋଲି ଦାବୀ କରୁଥିବା ତୃଣମୂଳ କଂଗ୍ରେସ ଏବଂ ଫରୱାର୍ଡ ବ୍ଲକର ଜଣେ ବି କେହି ଉପସ୍ଥିତି ନଥିଲେ। ଏଣୁ ଏପରି ଦାବି କରିବାର ମାନେ କ'ଣ ?

ଏହାକ'ଣ ପୂଜ୍ୟ ମାନଙ୍କ ପ୍ରତି ପୂଜାର ଏକ ନଜିରୀ ? କଥାରେ ଅଛି: ରାଜ ଧର୍ମ ହିଁ ପ୍ରଜାଧର୍ମ। ମହତ୍ମାନେ ଯାହା ଆଚରନ୍ତି, ଇତର ମାନେ ତାହାହିଁ କରନ୍ତି। ଏବେ ଆମେ ଏମାନଙ୍କୁ କେଉଁ ଶ୍ରେଣୀଭୁକ୍ତ କରିବା ? ଏମାନେ ପୁଣି ଲୋକପ୍ରତିନିଧି , ଏ ଜାତିର ନିୟନ୍ତ୍ରକ ଓ ପଥପ୍ରଦର୍ଶକ। ଏ ନେତାମାନଙ୍କର ଏତାଦୃଶ ଉଲଂଘନୀୟ କାର୍ଯ୍ୟ ଆଦୌ କ୍ଷମଣୀୟ ନୁହେଁ। ସେମାନେ କାହିଁକି ଏକଥା କଲେ, ସେ ନେଇ ଜନତା ଦରବାରେ ତା'ର କୈଫୟତି ଦିଅନ୍ତୁ ଏବଂ ଗଣମାଧ୍ୟମର ଜରିଆରେ କ୍ଷମାପ୍ରାର୍ଥନା କରନ୍ତୁ। ଖାଲି ସେତିକି ନୁହେଁ ସଂସଦ ଭବନରେ ନିଜ ବିରୁଦ୍ଧରେ ନିଜେ ନିନ୍ଦା ପ୍ରସ୍ତାବ ଆଣନ୍ତୁ।

ଏହା ଏକ ଜଘନ୍ୟ ଅପରାଧ। ଏହାଏକ ସୁସ୍ଥ ପରମ୍ପରାର ପରିପନ୍ଥୀ। ଅବଶ୍ୟ ସେମାନେ ଏ ନେଇ ଦୁଃଖପ୍ରକାଶ ନକଲେ ହେଁ, ଆମେ ଦେଶ ବାସୀ ଏହାର ତୀବ୍ରନିନ୍ଦା କରୁଅଛୁ ଏହା ସାସଂଦ ମାନଙ୍କର ଏକ ଅଶୋଭନୀୟ ଆଚରଣ ବୋଲି ଘୋଷଣା କରୁଛୁ ଏବଂ ଏ ପ୍ରକାର ହୀନ ପ୍ରୟାସ, ଯେପରି ପରବର୍ତ୍ତୀ ସମୟରେ ନଘଟେ, ସେଥିପାଇଁ ସୂଚାଇ ଦେଉଛୁ। ଜାଣ ଯେ ସମ୍ମାନ ଦେଇ ଶିଖିଲେ ସମ୍ମାନର ଅଧିକାରୀ ହେବା କଥାଟି ନିଶ୍ଚିତ ସତ୍ୟ ।




ଆଲେଖ୍ୟ : ବିପିନ ବିହାରୀ ମହାନ୍ତି
ଅଧ୍ୟକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର, ଜଟଣୀ
(ମୋ)୯୯୩୮୩୪୪୧୩୮


## ଧାରାବାହିକ ଉପନ୍ୟାସ

# ରାଜନୀତି


ସୃଷ୍ଟିଧର ପରିଡା
♥ ଦେବଶ୍ରୁତି ନିବାସ, ଜେଲରୋଡ,
ବାଲେଶ୍ୱର, (ମୋ)୯୪୩୭୦୬୩୭୦୫




ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ , ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇ ଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଭାଗ-୨୦
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଏହାହିଁ ତାର ଦୁଃଖର କାରଣ । କ୍ଷମତା ଆଉ ସ୍ୱାର୍ଥ ପାଇଁ ବାପାଙ୍କ ପରି ରାଜନେତାମାନେ ନିମିଷକରେ ବନିଯାଉଛନ୍ତି ଭିନ୍ନ ଏକ ଅମଣିଷ । କ୍ଷମତା ଓ ସ୍ୱାର୍ଥ ପାଇଁ ସେମାନେ ଏହି ଦେଶ ପାଇଁ ସର୍ବନାଶକୁ ଡାକି ଆଣବା ପାଇଁ କୁଣ୍ଠିତ ନୁହଁନ୍ତି। ସେମାନଙ୍କର ରାଜନୀତି ଓ ସେଭଳି ରାଜନେତା ଠାରୁ ଦେଶକୁ ରକ୍ଷା କରିବ କିଏ ? ଖାଲି ସେମାନଙ୍କଠାରୁ ଦୂରେଇ ରହିଲେ ତ ହେବନାହିଁ, କିପରି ଏହି ବ୍ୟାଧିରୁ ସମାଜକୁ ମୁକ୍ତ କରିବାକୁ ପଡିବ । କହେ ପ୍ରାଚୀ ।

: କିନ୍ତୁ କେମିତି ?

: କେମିତି କଣ ? ତୁମେ କଣ ଜାଣିନାହଁ ଅଭିଷେକ, ସିଧା ଆଙ୍ଗୁଳିରେ କେବେ ଘିଅ ଉଠେନା । ତା' ପାଇଁ ଆଙ୍ଗୁଳି ତେଢା କରିବାକୁ ପଡେ । ତେଣୁ ଏମାନଙ୍କ ବିରୁଦ୍ଧରେ ବିଦ୍ରୋହକୁ ଯଦି ମାଓବାଦର ଆଖ୍ୟା ଦିଆଗଲା ତେବେ କ୍ଷତିନାହିଁ । ଯେକୌଣସି ପ୍ରକାରେ ସେମାନଙ୍କୁ ପ୍ରତିହତ କରିବାକୁ ପଡିବ !

ପ୍ରାଚୀ କଥାରେ ଆଷ୍ଚର୍ଯ୍ୟାନ୍ୱିତ ହୋଇଥିଲା ଅଭିଷେକ ।

: ତମେ କ'ଣ ଭାବୁଛ ପ୍ରାଚୀ ? ବର୍ତ୍ତମାନ ସାମ୍ୟବାଦ ନାଁରେ ଯେଉଁ ପ୍ରକାର ତାଣ୍ଡବଲୀଳା ଚାଲିଛି ତାହା କ'ଣ ସମାଧାନର ଶେଷ ଅସ୍ତ୍ର ? କିନ୍ତୁ ତମେ ସ୍ୱୀକାର କର ବା ନକର, ଏଥିରେ ଦମନ କରିବା ନାଁରେ କେବଳ କେତେକେ ନିରୀହ ଜବାନମାନଙ୍କୁ ଆଉ କେତେକ ସରଳ ଲୋକଙ୍କୁ ଦମନ କରାଯାଉଛି । ନିରୀହ ଜବାନମାନଙ୍କର ଦୋଷ କଣ ? ସେମାନେ କଣ ନିଜ ଇଚ୍ଛାରେ ମାଓଦମନ କୁମ୍ବିଂରେ ସାମିଲ୍ ହେଉଛନ୍ତି ? କାହିଁକି ଭ୍ରଷ୍ଟାଚାରୀ ନେତାଙ୍କୁ ଦମନ କରିବାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁନାହାନ୍ତି ତଥାକଥିତ କ୍ରାନ୍ତି ସଂଗ୍ରାମୀଗଣ ? ଆଧୁନିକ ଶୈଳୀକୁ ଆପଣଉଥିବା ମାଓବାଦୀମାନେ କଣ ଏପରି ନେତାଙ୍କ କାର୍ଯ୍ୟକଳାପ ବିଷୟରେ ଅଜ୍ଞ ? ଆଜିର ଅବ୍ୟବସ୍ଥା ଆଉ ବିପର୍ଯ୍ୟୟ ପାଇଁ ଏହି ନେତାମାନେ ହିଁ ଦାୟୀ । ସେକଥାକୁ ସେମାନେ ଭଲଭାବେ ବୁଝି ମଧ ସେମାନଙ୍କୁ ଟାର୍ଗେଟ୍ ନକରି ସାଧାରଣ ଜନତା ନିରୀହ ପୁଲିସ୍‌କୁ ମାରିବା କ'ଣ ଯଥାର୍ଥ କି ?

ପ୍ରାଚୀପ୍ରଭାକୁ ଏମିତି କହିଉଲିଥାଏ ଅଭିଷେକ।

ସମ୍ବିଧାନରେ ଥିବା ନୀତିନିୟମର ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇଥିବା ବେଳେ କେବଳ ନିଜପାଇଁ ବାଧକ ସାଜୁଥିବା ନୀତିର ମୂଲ୍ୟାୟନ କରାଯାଇ ଆବଶ୍ୟକ ସଂଶୋଧନ କରୁଛନ୍ତି ଏ ଦେଶର ମତଲବୀ ନେତାମାନେ । ଦେଶ ପାଇଁ, ଦେଶବାସୀଙ୍କ ପାଇଁ କିଏ ଭାବୁଛି ? ଗୋପବନ୍ଧୁ ସିନା କହିଥିଲେ ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ, ପୁରୁ ତହିଁ ପଡି ମୋର ମାଂସ ହାଡ । ହେଲେ ଏବେ ତ ନେତାମାନଙ୍କ ପାଇଁ ବଦଳି ଗଲାଣି ସେଦିନର ଦର୍ଶନ । ଏବେ ଗୋଳିଆ ପାଣି ହିଁ ରାଜନୀତି କରୁଥିବା କଙ୍କଡାମାନଙ୍କୁ ସୁହାଉଛି । କାହିଁକି ବ୍ୟବସ୍ଥାରେ ସୁଧାର ଆଣିବେ ? ସୁଧାର ହିଁ ତାଙ୍କ ପାଇଁ ଅସୁବିଧା । ସେମାନେ ଭଲଭାବେ ଜାଣିଛନ୍ତି ଯେ ଆମ ସମ୍ବିଧାନ ଆଇନର ଏକ ଦଲିଲ, ମାତ୍ର ଆଇନର ଉତ୍ସ ନୁହଁ ।

ପ୍ରାଚୀପ୍ରଭା କହିଥିଲା ତେଣୁ ସାମ୍ୟବାଦ ହିଁ ଏକମାତ୍ର ରାସ୍ତା । ଯାହା ଆଜିର ଅବ୍ୟବସ୍ଥାକୁ ସୁଧାରି ପାରିବ । ତୁମେ ସାମ୍ୟବାଦକୁ ଥରେ ଗ୍ରହଣ କରିନିଅ ଦେଖିବ ଅଭିଷେକ ତୁମ ସମ୍ମୁଖରେ ସବୁକିଛିର ସମାଧାନ ଆପଣାଛାଏଁ ହୋଇଯିବ ।

ନେତାମାନେ ଆଇନ ଓ ସମ୍ବିଧାନକୁ ଢ଼ାଲ କରି ଏ ଦେଶକୁ ଲୁଟିବାରେ ଲାଗିଛନ୍ତି । ଏମାନଙ୍କ ଉପରେ ଲୋକଙ୍କର ଆସ୍ଥା ନାହିଁ । ତଥାପି ଅନାସ୍ଥା ପ୍ରତିପାଦିତ ହୋଇପାରୁନି । ଯାହା ବି ହେଉ, ଯେମିତି ବି ହେଉ ସେମାନେ ଦଖଲ କରିନେଉଛନ୍ତି ଭୋଗବାଦର ସାମ୍ରାଜ୍ୟ ।

ପାଖରେ ବସିଥିବା ଅଭିଷେକକୁ ଚାହିଁଲା ପ୍ରାଚୀ । ତା' ହାତ ଉପରେ ହାତ ରଖିଲା । କହିଲା, ସେଇଥିପାଇଁ ତ କହୁଛି ଆସ ଆମେ ସାମ୍ୟବାଦୀ ଆନ୍ଦୋଳନରେ ସାମିଲ ହୋଇଯିବା । ଅନ୍ୟମାନଙ୍କ ସହ ମିଶି ଗରିବ ସାଧାରଣ ଲୋକଙ୍କର ସେବା କରିବା । ଆଉ ଏକ କ୍ରାନ୍ତିକାରୀ ବିପ୍ଳବ ସୃଷ୍ଟି କରିବା । ଯେଉଁ ବିପ୍ଳବ କି ସମାଜରେ ଗୋଟେ ପରିବର୍ତ୍ତନ ଆଣିପାରିବ । ନୂତନ ବ୍ୟବସ୍ଥା ତିଆରି କରିପାରିବ ।

ଅଭିଷେକକୁ ବି ଲାଗୁଥିଲା ଏହି କ୍ରାନ୍ତିକାରୀ ସାମ୍ୟବାଦୀ ଆନ୍ଦୋଳନ ଦିନେ ନା ଦିନେ ନୂଆ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିବ, ଏକ ଯୁଗାନ୍ତକାରୀ ବ୍ୟବସ୍ଥା ସୃଷ୍ଟି କରିପାରିବ। କିନ୍ତୁ ସାମ୍ୟବାଦର ପ୍ରକୃତ ଉଦ୍ଦେଶ୍ୟକୁ ନବୁଝି କିଛି ନଜାଣି ସେ ତତ୍ତ୍ୱକୁ ସମର୍ଥନ କରିବା ଅର୍ଥ ଅନ୍ଧଭାବେ ନିଆଁକୁ ଡେଇଁ ପଡିବା ସହ ସମାନ ।

ସନ୍ଦେହ ଦୃଷ୍ଟିରେ ଅଭିଷେକ ପଚାରିଲା ପ୍ରାଚୀପ୍ରଭାକୁ ।

ପ୍ରାଚୀପ୍ରଭା ଅନୁଭବ କରୁଥିଲା ମାଓ ତତ୍ତ୍ୱକୁ ନେଇ ଏବେବି ଅଭିଷେକ ମନରେ ଅନେକ ସଂଶୟ ।

ପ୍ରାଚୀପ୍ରଭା କହିଲା, ଠିକ୍ ଅଛି, ମୋର ଜଣେ ଦୂର ସମ୍ପର୍କୀୟ ଏବେ ଏହି କ୍ରାନ୍ତି ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛନ୍ତି। ଜଣେ ବରିଷ୍ଠ କେଡର ଭାବେ ତାଙ୍କର ଯଥେଷ୍ଟ ସୁନାମ ଅଛି। ତାଙ୍କ ସହ ତୁମକୁ ସମ୍ପର୍କ କରାଇ ଦେବି। ସେ ତୁମକୁ ବୁଝାଇଦେବ ଏ ଅନୁଷ୍ଠାନର କାର୍ଯ୍ୟକଳାପ ଓ ବିଭିନ୍ନ ଦିଗ ସମ୍ପର୍କରେ। ତାଙ୍କ ନାମ ଏମ୍. ସୁବାସ।

ମାନେ ?

ହସିଲା ପ୍ରାଚୀପ୍ରଭା । କହିଲା, ମାନେ ସୁବାସ ମହାନନ୍ଦ । ଭିତରେ ଭିତରେ ଭାଙ୍ଗି ଯାଇଥିଲା ମୌସୁମୀ ।

ବିଜୟାନନ୍ଦର ବ୍ୟବହାର ଆଉ ପ୍ରାଚୀପ୍ରଭାକୁ ନେଇ ଅଭିଷେକ ଘର ଛାଡିଦେବା ଘଟଣାକୁ ସହଜରେ ସ୍ୱୀକାର କରିପାରୁନଥିଲା ସେ । ଅଭିଷେକର ସଂସ୍କାର ତ ଏପରି ନଥିଲା । ଝିଏ ଗୋଟିଏ ଝିଅ ପାଇଁ ତା' ବାପାମା'ଙ୍କ ମତକୁ ପଛ କରିଦେବ !

ତାର ମାନସିକ ଅବସ୍ଥାକୁ ବୁଝିବା ପାଇଁ ଓମ୍ ପାଖରେ ସମୟ ନଥିଲା । କେମିତି ଏମିତିକା ପ୍ରତିକ୍ରିୟାହୀନ ହୃଦୟଟେ ପାଇଛନ୍ତି ଓମ୍ ? ଥରେ ତ ଚେଷ୍ଟା କରିପାରନ୍ତେ ଜାଣିବାକୁ ଯେ କୋଉଠି ଅଛି ଅଭିଷେକ ? କେମିତି ସେ ଫେରି ଆସିବ ଘରକୁ ? ପ୍ରାଚୀପ୍ରଭା ସହ ତାର ବିବାହ ସମ୍ପନ୍ନ କରାଇଦେଲେ ସିଏ କାହିଁକି କୁଆଡେ ଯାଆନ୍ତା ? ପ୍ରାଚୀପ୍ରଭା ଯେମିତି ହେଉ, ସିଏ ଅଭିର ପସନ୍ଦ । ତାକୁ ନେଇ କୌଣସି ତର୍କର ଆବଶ୍ୟକତା ନାହିଁ । ଏ ଘର ଅଭିର । କାହିଁକି ସେ ଘରଛଡା ପରି ଏଣେତେଣେ ବୁଲିବ ? ଏହାର ଏକ ସ୍ଥାୟୀ ସମାଧାନ ଜରୁରୀ ।

ଏ ବାବଦରେ କଥା ହେବା ପାଇଁ ବାଧହୋଇ ଓମ୍‌ଙ୍କୁ ଫୋନ୍‌କଲା ମୌସୁମୀ । ମାତ୍ର ଏ କଥାକୁ ବେଶ୍ ନିର୍ଲିପ୍ତ ଢଙ୍ଗରେ ଆଡେଇଗଲେ ଓମ୍ । ବରଂ କହିଲେ, ଏ ପ୍ରସଙ୍ଗକୁ ଗୁରୁତ୍ୱ ଦେଲେ ମିଡିଆବାଲା ତିଳକୁ ତାଳ କରି ବିଭିନ୍ନ ପ୍ରକାର ସମ୍ବାଦ ଛାପିବେ । ସେମାନଙ୍କୁ ଛାଡିଦିଅ ସେମାନଙ୍କ ବାଟରେ। ସେମାନେ ତ ଆଉ ଛୋଟପିଲା ହୋଇ ନାହାନ୍ତି । ଯାହା କରିବା କଥା କରନ୍ତୁ । ବଳେ ଆପେଆପେ ଘରକୁ ଫେରିବେ । ମୋତେ ତ ଲାଗୁଛି ଏଇଟା ବିରୋଧୀ ଦଳର ଗୋଟିଏ ଷଡ଼ଯନ୍ତ୍ର । ଆମ ଦୁଇଜଣଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଏଭଳି କାଣ୍ଡ ଘଟାଇଛନ୍ତି। ଅଭିକୁ ଜାଣିଶୁଣି ଫସେଇ ଦେଇ ଆମ ପ୍ରତିଷ୍ଠାରେ ଆଞ୍ଚ ଆଣିବା ପାଇଁ ଏହା ଏକ ରୀତିମତ୍ ଷଡଯନ୍ତ୍ର।

ମୌସୁମୀ ବୁଝି ପାରୁନଥିଲା ଇଏ କି ପ୍ରକାର ଷଡଯନ୍ତ୍ର । ବିରୋଧୀଦଳ ହେଲେ ବୋଲି ତାଙ୍କର କିଛି କାମ ନାହିଁ ଯେ ସେମାନେ ତା ପୁଅକୁ ଗୋଟିଏ ଝିଅକୁ ନେଇ ଘରୁ ପଳେଇଯିବାକୁ ପ୍ରବର୍ତ୍ତେଇବେ ! ପୁଣି ଅଭି ପରି ପୁଅକୁ ? ଭଲପାଇବା କଣ କାହା କଥାରେ ହୁଏ ନା କେହି କାହାକୁ ଶିଖେଇ ଦିଏ ! କାହିଁକି ଏମିତିକା ମାନସିକତା ଓମ୍‌ଙ୍କ ଭିତରେ ? ରାଜନୀତି କରିବା ବୋଲି ସାଧରଣ ଭାବେ ଯାହା ଘଟୁଛି ତାକୁ ରାଜନୀତିର ରଂଗଦେବା ? ଏଇ ରଂଗ ଦେବା କାମ ଭିତରେ ଆମେ ଯେ ପରସ୍ପରଠାରୁ ଦୂରେଇ ଯାଉଛୁ ଏକଥ କୋଉଦିନ ବୁଝିବେ ଓମ୍ ? ଏବେ ଓମ୍‌ଙ୍କ ଭିତରେ ଯୋଉ ପରିବର୍ତ୍ତନର ଝଲକ ସେ ଦେଖିବାକୁ ପାଉଛି ତାହା କଣ ତାଙ୍କୁ ଆଉ କୌଣସିଦିନ ସାଧାରଣ ମଣିଷ କରିବାକୁ ଦେବ ?

ଏଣିକି ଓମ୍‌ଙ୍କ ଚେହେରାରେ ଗର୍ବ ଓ ଅହଂକାରର ଛାପ ଫୁଟି ଉଠିଲାଣି । ଚାହାଣୀରେ ଅସମ୍ଭବ ଔଦ୍ଧତ୍ୟ । ଯୋଉ ସରଳତା ଦିନେ ତାଙ୍କୁ ଲୋକଙ୍କ ପ୍ରତିନିଧି କରିଥିଲା ତାହା ହଜିଗଲାଣି ମାତ୍ର ଥରକ ବିଜୟରେ ।

ଅତ୍ୟଧିକ କ୍ଷମତା ଓ ଅର୍ଥଲିପ୍ସାରେ ଧରାକୁ ସରା ମଣୁଛନ୍ତି ସେ । ଅର୍ଥ ଯେ ମଣିଷର ସବୁକିଛି ଆବଶ୍ୟକତା ନୁହେଁ ସେ କଥା ଆଉ ମନେ ରଖୁନାହାନ୍ତି ଓମ୍ । ଲକ୍ଷ୍ମୀ ଚଞ୍ଚଳା, ସେ ସବୁଦିନ ଜଣକ ପାଖରେ ସ୍ଥିର ହୋଇ ରହନ୍ତିନି । ଏହା ଜାଣି ମଧ ସେ ଅଜଣା । ଅନ୍ୟାୟର ପ୍ରତିବାଦ କରି ରାଜନୀତିରେ ପ୍ରବେଶ କରିଥିବା ଓମ୍ ଏବେ ନ୍ୟାୟ ଠାରୁ ବହୁ ଦୂରରେ । ସାଧୁତା ହଜିଗଲାଣି ଜୀବନରୁ । ଏମିତି କେମିତି ସମ୍ଭବ ?

କେମିତି ବଦଳିଯାଏ ଏମିତି ଗୋଟେ ମଣିଷ ଚରିତ୍ରର ଚିତ୍ର !

ଏବେ ତ ଯାବତୀୟ ନୀତିହୀନ କାର୍ଯ୍ୟରେ ସେ ବ୍ୟସ୍ତ । କାହାର କୋଉଠିକୁ ବଦଳି ହେବ, କାହାର କ୍ୟାନସଲ ହେବ ଏଇ ବେପାରରେ ଓମ୍ ବ୍ୟସ୍ତ । ମୌସୁମୀକୁ ଲାଗେ ଓମ୍ ବିଜୟାନନ୍ଦର ଦଲାଲ୍ । ଏଇ ସବୁ ବେପାରରେ ବିଜୟାନନ୍ଦର ପର୍ସେଣ୍ଟେଜ୍ ଆଗୁଆ । ଅର୍ଥ, କ୍ଷମତା ଓ ବିଜୟାନନ୍ଦ ଓମ୍‌ଙ୍କୁ ଏତେ ମୋହିତ କରିଦେଇ ସାରିଲେଣି ଯେ ପାପପୁଣ୍ୟର ବିଚାର କରିବାର ଶକ୍ତି ଆଉ ଓମ୍‌ଙ୍କ ପାଖରେ ନାହିଁ। ଅମାନବିକତାର ଦୃଷ୍ଟାନ୍ତ ପାଲଟିଗଲେଣି ଓମ୍ । କାହା ପ୍ରତି ଡରଭୟ ନାହିଁ । କିଏ କଣ କହିବ, କିଏ କଣ ଭାବିବ କୌଣସିଟି ପ୍ରତି ଆଉ ତାଙ୍କର ନଜର ନାହିଁ । ଏହି ସ୍ୱେଚ୍ଛାଚାରୀ ଗୁଣ ଯୋଗୁଁ ପରିବାରର ବି ସମସ୍ତେ ଦୂରେଇ ଗଲେଣି ।

ତାର ଅନୁପସ୍ଥିତିର ସୁଯୋଗ ନେଇ ଏବେ ଓମ୍ ନିଜ ସରକାରୀ ବାସଭବନରେ ପ୍ରତିଦିନ ମଦମାଂସର ଆସର ବସେଇ ସାରିଲେଣି । କେବଳ ଚାଟୁକାର, ଅନୁଗତ ଶିଳ୍ପପତି ବା ନିଜର ବନ୍ଧୁ ଏମ୍.ଏଲ.ଏ ନୁହଁନ୍ତି, ସରକାରୀ ନୀତିନିୟମ ଉଲଙ୍ଘନକାରୀ, ମାଫିଆ ଡନ୍ ଚୋରା ବେପାରୀ ବି ସାମିଲ ହେଉଛନ୍ତି।

ଏସବୁ ଜାଣି ମଧ ପ୍ରତିବାଦ କରିପାରେ ନାହିଁ ମୌସୁମୀ । ସେ ଯେମିତି ଶକ୍ତିହୀନା ! କେବଳ ଶୁଣେ । ଦିନେ ତା' ବିନା ଆଲୋଚନାରେ କିଛି କରୁନଥିବା ଓମ୍ ଏଣିକି ତା' ସହିତ ବିଚାର ବିମର୍ଷ କରିବାକୁ ବି ଉଚିତ୍ ମନେକରନ୍ତିନି । ଉପରୁ ନିର୍ଦ୍ଦେଶ ଆସେ ଏବଂ କାର୍ଯ୍ୟକାରୀ କରେଇ ନିଅନ୍ତି ଓମ୍ । ଯେମିତି ଚାହାନ୍ତି ଅନ୍ୟମାନଙ୍କୁ ସେମିତି ନଚାନ୍ତି। ଅଥଚ ନିଜର କାହା ପାଇଁ କିଛି ଉପକାର କରିବାର ସୁଯୋଗ ବି ଦିଅନ୍ତିନି ମୌସୁମୀକୁ । ଯେମିତି ହେଲେ କଥା ଟାଳି ଦିଅନ୍ତି । ସାଧାରଣ ଘଟଣାଟିଏକୁ ଏମିତି ଅସାଧାରଣ କରିଦିଅନ୍ତି ଯେ ଅଣନିଶ୍ୱାସୀ ହୋଇଯାଏ ମୌସୁମୀ । ଆଉ ଅସାଧାରଣ ଘଟଣାଟିକୁ ଛାଡି ଦିଅନ୍ତି ପବନରେ ମିଳେଇ ଦେବାକୁ । ମୌସୁମୀ ସାନଭାଇ ମନୋଜର ସ୍ତ୍ରୀ ହେଡ୍‌ମିଷ୍ଟ୍ରେସ୍ ଥିବା ସ୍କୁଲରେ ଗୋଟେ ପିଲା ଗଛରୁ ଖସି ପଡିବା ଘଟଣାକୁ ଏମିତି ଦୀର୍ଘ କରିଦିଆଗଲା ଯେ ତା' ସ୍ତ୍ରୀକୁ ସସ୍‌ପେଣ୍ଡ କରିବା ପର୍ଯ୍ୟନ୍ତ କଥାଗଲା । କିନ୍ତୁ ରିଟାୟାର୍ଡ ଏସ୍ ଆଇଙ୍କ ବୋହୂଯୌତୁକ ପାଇଁ ନିର୍ଯ୍ୟାତନା ଦିଆଯାଇ ମାରି ଗଛରେ ଝୁଲେଇ ଦିଆଯିବା ଘଟଣାରେ ତାଙ୍କ ଘରଲୋକେ ଜାମିନ ପାଇ ଆରାମରେ ବୁଲିଲେ ।

ଏ ବାବଦରେ ଓମ୍‌ଙ୍କୁ ପଚାରିବାରେ ଓମ୍ କହିଲେ ଏସବୁ ବିରୋଧୀ ଦଳର କାମ । ଆମ ଦଳର ଲୋକଙ୍କୁ ଫସେଇବାରେ କୌଣସି ମଉକା ସେମାନେ ଛାଡନ୍ତିନି । (କ୍ରମଶଃ)

## ଅଣୁ ଗଳ୍ପ

# ଶ୍ରାପିତ ନଗର






ନିକିତା ମେହେର


ବହୁଦିନ ତଳର କଥା ସେତେବେଳେ ଓଡ଼ିଶାରେ କାରୁଣ୍ଡ ମଣ୍ଡଳ ନାମକ ଏକ ଛୋଟ ନଗରଟେ ଥିଲା। ନଗରରେ ଆଗରୁ ଯେତେ ବି ଶାସକ ଥିଲେ ସମସ୍ତଙ୍କ ସୁଶାସନ ଦ୍ୱାରା ନଗର ବାସୀ ବେଶ୍ ଆନନ୍ଦରେ ରହୁଥିଲେ। ଚାଷ ବାସ କରି ନିଜ ଉଦର ପୋଷଣ କରୁଥିଲେ। କେତେକ ବେପାର ବଣିଜ କରି ଜୀବିକା ନିର୍ବାହ କରୁଥିଲେ। ଏମିତି ନଗରଟି ବେଶ୍ ଉନ୍ନତିର ପଥକୁ ଧୀରେ ଧୀରେ ଆଗେଇ ଯାଉଥିଲା। ହଠାତ୍ କେଉଁ ବୁଢ଼ୀ ଅସୁରୁଣୀର ନଜର ପଡ଼ିଗଲା ପରି ନଗର ଉପରେ କଳା ବାଦଲର ଛାୟା ଘେରି ଗଲା। ନଗର ଉପରେ ବିପଦର ଘନଘୋଟା ମାଡ଼ି ଆସିଲା। ବିପଦଟି କେଉଁ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ ବରଂ ସେ ନଗରର ତତ୍କାଳୀନ ଶାସକ ଉଦିତ ପ୍ରତାପ ଦେଓ। ପିତୃ ପୁରୁଷ ମନେ ଯେଉଁ ଖ୍ୟାତି ଯଶ ଅର୍ଜନ କରିଯାଇଥିଲେ ସେଥିରେ ଉଦିତ ପ୍ରତାପ ଦେଓ ନିର୍ଯାତନା ଓ ଦୁର୍ନୀତିରେ ପଶି ପାଣି ପକେଇ ଦେଲେ।

କଥାଟି ଆରମ୍ଭ ହୁଏ ରାଜାଙ୍କ ନଗର ପରିକ୍ରମାରୁ, ଦିନେ ରାଜା ନଗର ପରିକ୍ରମାରେ ବାହାରିଥାନ୍ତି ସାଙ୍ଗରେ ଥାନ୍ତି ମନ୍ତ୍ରୀ ସେନାପତି ଓ ଅନ୍ୟାନ୍ୟ ରାଜ କର୍ମଚାରୀ। ଏମିତି ଅନେକ ସମୟ ରାଜା ନଗର ପରିକ୍ରମା କରି କରୁ ଗୋଟିଏ ଘର ପାଖରେ ଯାଇ ପହଞ୍ଚିଲେ ଦେଖିଲେ ଘରଟି ମଧୁ ମଖମଲି ରେ ସଜ୍ଜିତ ହୋଇଛି, ରାଜା ଯାଇ ସେ ଘର ବାରଣ୍ଡାରେ ଠିଆ ହେଲେ । ଯେତେବେଳେ ରାଜାଙ୍କ ଆଗମନର ଖବର ପାଇ ଘରର ସମସ୍ତ ଲୋକ ବାହାରକୁ ଆସିଲେ ସେତେବେଳେ ସେ ଘରର ନବବିବାହିତା ବଧୂଟିଏ ମଧ ଆନନ୍ଦରେ ବାହାରକୁ ଧାଇଁ ଆସିଲା। ସେତେବେଳେ ତ ନଗର ର ସମସ୍ତ ଅଧିବାସୀ ରାଜାଙ୍କୁ ଭଗବାନଙ୍କ ଠାରୁ ମଧ ଅଧିକ ସମ୍ମାନ ଦେଉଥିଲେ ଓ ଭଗବାନଙ୍କ ସରି ମଣୁଥିଲେ କିନ୍ତୁ ସେ ନିରୀହ ନଗର କେମିତି ଜାଣିବେ ଯାହାକୁ ସେମାନେ ଭଗବାନ ବୋଲି ଭାବୁଛନ୍ତି ସେ ଭଗବାନ ନୁହେଁ ବରଂ ଜଣେ ଦେହ ପିପାସୁ ରାକ୍ଷସ। ଯେତେବେଳେ ସେ ନବବଧୂଟି ରାଜାଙ୍କ ସମ୍ମୁଖକୁ ଧାଇଁ ଆସିଲା ରାଜା ତା ରୂପ ଓ ସୌନ୍ଦର୍ଯ୍ୟ ଦେଖି ମୁଗ୍ଧ ହୋଇଗଲେ ଓ ନଗରକୁ ଫେରି ଆସି ରାଜା ସେ ନବବଧୂର ସ୍ୱାମୀକୁ ରାଜ ଦରବାରକୁ ଡକେଇ ପଠେଇଲେ । ବଧୂଟିର ସ୍ୱାମୀ ଜଣେ ସରଳ ନିରୀହ ଚାଷୀଟେ ସେ କେମିତି ବା ରାଜାଙ୍କ ଛଳ ବୁଝି ପାରିଥାନ୍ତା ! ରାଜା ତାକୁ ଅର୍ଥର ଲୋଭ ଦେଖାଇ ନିଜ ଅଧୀନରେ ରଖିଲେ। ଏମିତି ଅନେକ ଦିନ ଚାଲିଲା ଦିନେ ରାଜା ଏକାନ୍ତ ରେ ସେ ଚାଷୀଟିର ଘରକୁ ଗଲେ। ସମୟ ହୋଇଥାଏ ମଧ ରାତ୍ରିର ସେତେବେଳେ ସମସ୍ତେ ନିଘୋଡ଼ ନିଦ୍ରାରେ ଶୋଇଥାନ୍ତି ରାଜା ଧୀରେ ଧୀରେ ନବବଧୂ ପାଖକୁ ଯାଇ ଖରାପ ଆଚରଣ କରି ବଧୂଟି ସାଙ୍ଗରେ ଦୁଷ୍କର୍ମ କରିଥିଲେ। ନବବଧୂଟି ସବୁ ଜାଣିପାରିଲା ଓ ଚୁପ୍ ରହିଥିଲା ପରଦିନ ଯେତେବେଳେ ରାଜାଙ୍କ ନଗର ପରିକ୍ରମାର ସମୟ ଆସିଲା ଓ ରାଜା ତା ଦୁଆର ମୁହଁରୁ ହାତୀ ପିଠିରେ ବସି ଯାଉଥାନ୍ତି ସେତେବେଳ ନବବଧୂଟି ଚିଲ୍ଲେଇ କହିଲା 'ଇଏ ରାଜା ନୁହଁ, ନୁହେଁ ଇଏ ଭଗବାନ! ଇଏ ଜଣେ ନାରୀ ପିପାସୁ ରାକ୍ଷସ।

ଏଇ ପଦଟି କଥା ଶୁଣି ରାଜା ରକ୍ତ ଚାଉଳ ଚୋବାଇଲେ। କିନ୍ତୁ ନଗର ବାସୀ ଚୁପ୍ ହେଇ ସବୁ ଦେଖୁଥାନ୍ତି ହେଲେ କାହା ମୁହଁରୁ ପଦୁଟେ କଥା ବାହାରୁ ନଥାଏ କାରଣ ସେମାନେ ଘଟଣାଟି ଜାଣି ନଥିଲେ। ଏପଟେ ରାଜା ରାଗରେ ଲାଲ୍ ହୋଇ ଯାଇଥିଲେ କିଛି ସମୟ ନିରବ ରହିବା ପରେ ବଧୂଟିକୁ ଦଣ୍ଡ ଦେବାକୁ ଆଦେଶ ଦେଲେ। ଦଣ୍ଡଟି ମଧ କଠୋରରୁ କଠୋର ଦଣ୍ଡ ଥିଲା। ବଧୂଟିକୁ ଏକ ଧାରୁଆ ଲୁହାର କଣ୍ଟା ଉପରେ ବସାଇ ଦିଆ ଯାଇଥିଲା। ନଗର ବାସୀ ଏହା ଦେଖି ଭୟରେ ଆତଙ୍କିତ ହୋଇ ଯାଇଥିଲେ। ଏକ ଶାନ୍ତ ଶିଷ୍ଟ ନଗରର ଏପରି ଏକ ଅବସ୍ଥା ଆଗରୁ କେବେ ନଗର ବାସୀଙ୍କ ଦୃଷ୍ଟି ଗୋଚର ହୋଇନଥିଲା । ସେହିଦିନ ଠୁ ନଗର ଛାଡ଼ି ଲୋକମାନେ ଅନ୍ୟତ୍ର ସ୍ଥାନାନ୍ତର ହୋଇଗଲେ ଧିରେଧିରେ ନଗରଟି ଜନ ଶୂନ୍ୟ ହୋଇ ଯାଇଥିଲା।


ଚିଚେଇଗୁଡ଼ା, କଳାହାଣ୍ଡି

## ସମୀକ୍ଷାୟନ...

# କବି ରତ୍ନାକରଙ୍କ କବିତା କାନ୍‌ଭାସ : ଯେଉଁଠି ଛାଇ ପାଲଟିଯାଏ ବେଲାଳସେନ (୬)



(ଶେଷଭାଗ)

'ମାଗୁଣି' କବିତା କବିଙ୍କ ହୃଦୟରୁ ଝରି ଡ଼ିଥିବା ସମ୍ବେଦନାର ନୈବେଦ୍ୟ ବ୍ୟତୀତ ଭିନ୍ନ କିଛି ନୁହେଁ। ଏହି କବିତାରେ ଭୁବନାନନ୍ଦ ଏକ କଳ୍ପିତ ଚରିତ୍ର। ତା'ର ଡାକ ନା ଭୁବନୀ। ଏହା ଭିତରେ ବିତିଯାଇଛି ସାତଦିନ; ମାତ୍ର ଭୁବନୀର ଠିକଣା ହଜିଛି ଯେ ହଜିଛି। ଗାଁକୁ ଫେରି ନାହିଁ ସେ। ଗାଁର ସମସ୍ତ ଗଠନାତ୍ମକ କାର୍ଯ୍ୟରେ ସେ ହିଁ ଏକ ମାତ୍ର ବ୍ୟକ୍ତି ଯିଏକି ସବୁ ଦାୟିତ୍ୱ ବହନ କରିଥାଏ। ଘରଠାରୁ ସମାଜ ତା' ପାଇଁ ଅଧିକ ଆପଣାର। ଭୁବନୀକୁ ତା'ର ଜେଜୀମା ଖୁବ୍ ଭଲପାଏ। ମାତ୍ର ଭୁବନୀର ଅନୁ ସ୍ଥିତି ଜେଜୀମା'ଙ୍କୁ କଷ୍ଟ ଦେଉଛି। ସେ ଅନେକ ଖୋଜିଛି। ମାତ୍ର ସନ୍ଧାନ ମିଳିନାହିଁ ତା'ର। କିଏ କେତେ କଥା କହିଛି। କେହି କେହି ପରିହାସ ଛଳରେ ରାଜନୀତିରେ ଘାଣ୍ଟି ହେଉଛି ବୋଲି କହିଛନ୍ତି। ହେଲେ ଜେଜୀମା' ନୀରବ ଶ୍ରୋତା ଭଳି ସବୁ ଶୁଣିଛି। କିଛି କହିବାର ଯେମିତି ଜୁ' ନାହିଁ ତା'ର। ଏମିତି ଏକ ଗାଁର ହଠାତ୍ ଚିତ୍ର ବଦଳିଛି। ବାଣ ରୋଷଣିରେ ଦୁଲ୍‌କି ଉଠିଛି ଚଉଦିଗ। ନୂଆଁଣିଆ ଗ୍ଲଘର ଭିତରୁ ବାହାରି ଆସିଛି ସାତସିଆଁ ଶାଢ଼ୀ ପିନ୍ଧି ବୁଢ଼ୀଟିଏ। ଛାତି ଢାଙ୍କିବାକୁ ଅଣ୍ଟୁନଥିବା କପଡ଼ା ପରିହିତା ବୁଢ଼ୀଟି ଚୁପ୍‌ଚାପ୍ ଠିଆ ହୋଇ ବାହାର ଦୃଶ୍ୟକୁ ଦେଖି ଗ୍ଲିଛି କେବଳ। କିନ୍ତୁ ବୁଢ଼ୀ ପ୍ରତି କାହାରି ନଜର ନାହିଁ। ମାତ୍ର ସମବେତ ଜନତା ବୁଢ଼ୀକୁ ଦେଖି ଭୁବନୀର ମା' ବୋଲି କହିଛନ୍ତି। କୌଣସି ଜଣେ ନେତା ବୁଢ଼ୀ ପାଖକୁ ଯାଇ ତା'ର ଭଲମନ୍ଦ ବୁଝିଛନ୍ତି। ବୁଢ଼ୀ ବିକଳ ସ୍ୱରରେ କହିଛି - କେତେ ଦିନ ଆଉ ବଂଚିବି ? ମରିବାକୁ ବସିଲିଣି। ଭୁବନୀ ଭୋଟ୍‌ରେ ମାତିଛି। ସାତଦିନ ହେଲାଣି ଚୌକାଠ ମାଡ଼ିନାହିଁ। କା' ହାତରେ କସ୍ତା ଖଣ୍ଡେ ପଠେଇବ ମୁଁ ଚଳିବି। ସମସ୍ତଙ୍କୁ କହିବି ଭୋଟ ଦେବାକୁ। ବାସ୍ତବରେ ରାଜନୀତି କ୍ଷେତ୍ରରେ ଏଭଳି ଦୃଶ୍ୟ ସବୁଠି ଦେଖିବାକୁ ମିଳୁଛି। ବିକଳ ହୋଇ ସାଧାରଣ ଗରିବ ମଣିଷମାନେ ହାତ ପତାଇ ମାଗନ୍ତି। ଆର୍ଥିକ ଅନଟନରେ ଜୀବନ ବିତାନ୍ତି ସେମାନେ। କିନ୍ତୁ ନେତା ସର୍ବସ୍ୱ ମଣିଷ କେବଳ ପ୍ରତିଶ୍ରୁତିର ସର୍ବତ ବାଣ୍ଟିବାରେ ଲାଗନ୍ତି। ଏଥିରେ କ'ଣ ଭୋକିଲା ମଣିଷର ପେଟ ପୂରିବ ? ନା ଭୁବନୀ ମା'କୁ କସ୍ତାଟିଏ ମିଳିବ ପିନ୍ଧିବାକୁ ? ଏମିତି ଘଟଣା କବିଙ୍କୁ ଖୁବ୍ ବ୍ୟଥିତ କରିଛି। ସେଇଥି ପାଇଁ ତ ଏହି କବିତାଗ୍ରନ୍ଥର ଉପସଂହାର ଯୁଦ୍ଧର ବେଲାଳସେନ ପରି ପ୍ରତିଟି ଦୃଶ୍ୟକୁ ଖୁବ୍ ନିକଟରୁ ଦେଖିଛନ୍ତି। ସମୁଦ୍ରର ବେଳାଭୂମିରେ ବିଶାଳ ବାଲୁକାର ଆସ୍ତରଣ। ସେଇ ବାଲୁକାର ଛାତି ଉପରେ କଂକଡ଼ାର ବାଇଗଣି ପିଠି, ଈଷତ୍ ଲୋହିତ ଗୋଡ଼, ଧୀରଧୀର ଗତି କବିଂକୁ ଭାବାତୁର କରିଛି। ଦର୍ଶକମାନେ କଂକଡ଼ାର ରଂଗ ବେରଂଗ ଦୃଶ୍ୟକୁ ଦେଖୁଛନ୍ତି। କିନ୍ତୁ କଂକଡ଼ା ଅନ୍ତରର କଥା କ'ଣ କେହି ବୁଝି ।ରିଛି ? ମଲାକଂକଡ଼ାଙ୍କ ପରି ଆଜିର ମଣିଷ ତା'ର ଅସ୍ତିତ୍ୱ ହରାଇଛି। କଂକଡ଼ା ପରି ନିଜକୁ ସୁରକ୍ଷିତ ରଖିବାର ଭରପୂର ପ୍ରୟାସ କରୁଛି। ଜୀବନ୍ତ ମଣିଷ ହୋଇବି 'ଶବ ସମ' ପ୍ରତୀୟମାନ ହେଉଛନ୍ତି ସେମାନେ। ସେଇଥି ପାଇଁ କବିଙ୍କ ଶେଷ କଥାର ସ୍ୱର - "ଯେଉଁ ଅସହାୟତା ଆକ୍ରାନ୍ତ କରିଥାଏ ମଣିଷକୁ / ତାହା କ'ଣ ଜୀଅନ୍ତା ମଣିଷର ଶବ ସମ ଅବସ୍ଥା ନୁହେଁ ?"

କବି ରାଉତଙ୍କ କେତେକ କବିତାରେ ଅସ୍ତିସୂଚକ ଆବେଦନ ପାଠକକୁ ଆଶ୍ୱସ୍ତ କରେ। ନାନା ପ୍ରକାର ନେତି ସୂଚକ ଲକ୍ଷଣ ସତ୍ତ୍ୱେ ଏ ସମାଜରେ ତଥାପି ମାନବିକତାର ମୃତ୍ୟୁ ଘଟି ନାହିଁ ବୋଲି 'ଛାଇ' କବିତା ଗ୍ରନ୍ଥରୁ ବେଶ୍ ସ୍ପଷ୍ଟ। ଭାଂଗି ପଡ଼ିଥିବା ହୃଦୟର ବ୍ୟଥା ଓ ଅପ୍ରାପ୍ତି ଜନିତ ବ୍ୟର୍ଥତାକୁ ସେ ରୂପାୟିତ କରିଛନ୍ତି କଳାତ୍ମକ ଅନ୍ୱେଷଣରେ। ଏହି ସଂକଳନଟିରେ କାରୁଣ୍ୟ ଯେତିକି କବିତାର କାରୁକାର୍ଯ୍ୟ ବି ସେତିକି। ସାର୍ବଜନୀନ ସତ୍ୟରେ ଏହି ପୁସ୍ତକଟି କାବ୍ୟଜଗତର ଏକ ନୂତନ ମୂଲ୍ୟବୋଧ ସୃଷ୍ଟି କରି ପାରିଛି। କବିଟିଏ କବିତା ଲେଖିଲାବେଳେ ବିବଶ ହୋଇପାରେ ମାତ୍ର ବେଗ୍ତରା ନୁହେଁ। ବ୍ୟଥା ଓ ବ୍ୟର୍ଥତାର ଆଘାତରେ ସେ ନହୁନୁହାଣ ହୋଇପାରେ ମାତ୍ର ସେ ପ୍ରତି କ୍ଷର ଆସ୍ୱର୍ଦ୍ଧା ନିକଟରେ ପରାଜିତ ନୁହେଁ। ପରାଜୟ ଏବଂ ପତନକୁ କଦାପି ସ୍ୱୀକାର କରେନା ସୃଜନଶୀଳ କବି। ଶତ ଶତ୍ରୁର ଦୁଃଖର ଭିତରେ କ୍ଷତବିକ୍ଷତ ହେଲେ ବି ଏକାକୀ ଯୁଦ୍ଧ ମଇଦାନରେ ଖଡ଼୍‌ଗ ଗ୍ଳନା କରି ପାରେ। ଯାହାର ବାସ୍ତବ ରୂପ ଚିତ୍ର ଦେଖିବାକୁ ମିଳିଛି କବି ରତ୍ନାକର ରାଉତଙ୍କ କବିତାରେ। 'ଛାଇ' କବିତା ଗ୍ରନ୍ଥରେ ଅଧିକାଂଶ କବିତା ଗଦ୍ୟଧର୍ମୀ ମନେ ହେଲେ ହେଁ କାଳିସୀ ଲାଗିଲା ପରି ଅନୁଭବ କରି ହାତ ମୁଠାକୁ ନେଇ ଆସିବାର କଳାଶିଳ୍ପ ଜଣାଅଛି କବିଙ୍କୁ। ଏହି ସଂକଳନରେ ସ୍ଥାନିତ ହୋଇଥିବା କବିତା ମଧ୍ୟରୁ ବିଷଣ୍ଣ ଫଗୁଣ, ଅବସନ୍ନ ଅପରାହ୍ଣ, ତୁମ ତୁମ ଭାବ, ଜବାବ୍, ପନ୍‌ଝା, ଛାଇ, ଶୂନ୍ୟସ୍ଥାନ, ଅନିର୍ବାପିତ ଶିଖା, ବହୁବର୍ଣ୍ଣୀ, ନରୋତ୍ତମ ଦାସ କହେ ଏବଂ ପରୀକ୍ଷା ଆଦିକୁ ଭଲ କବିତା ବୋଲି ନିଆଯାଇପାରେ, ଯେଉଁଠି ଅନ୍ତତଃ ଉତ୍ତେଜନା ଓ ଶାବ୍ଦିକ ପରି ପ୍ରକାଶ ମଧ୍ୟରେ କିଛି କିଛି ସଚ୍ଚୋଟ ସଂପର୍କ ରହିଛି। କବି କବିତା ଗୁଡ଼ିକୁ ଏପରି ଆତ୍ମସ୍ଥ କରି ନେଇଛନ୍ତି ଯେ, ମନେହୁଏ ଅଭିବ୍ୟକ୍ତି ଗୁଡ଼ିକ ନିଜସ୍ୱ ହୋଇଉଠିଛି। ବିଷୟବସ୍ତୁ ଦିଗରୁ ବିଶ୍ଳେଷଣ କରାଗଲେ ସ୍ପଷ୍ଟ ହୁଏ ଯେ, କବି କୌଣସି ଏକ ନିର୍ଦ୍ଦିଷ୍ଟ ଦର୍ଶନ ଉପରେ ନ ଅଟକି ସମସାମୟିକ ସମାଜରେ ଘଟୁଥିବା ନିତିଦିନିଆ କାହାଣୀର ରୂପ ଚିତ୍ର ଅଂକନ କରିଛନ୍ତି। ସମୁଦାୟ କବିତା ଗ୍ରନ୍ଥରେ ଅଛି ନିଃସଂଗତାର ଆଦ୍ୟବାସ ଏବଂ ଅନ୍ତର୍ମୁଖୀନତାର ସ୍ୱର। କବି ରାଉତଙ୍କ ଆକର୍ଷଣୀୟ ଶବ୍ଦ ଯୋଜନା ଓ ସୂକ୍ଷ୍ମ ଆତ୍ମବିଶ୍ଳେଷଣ (self analysis) ଯୋଗୁଁ ଦାରିଦ୍ର୍ୟର ଉତ୍କଟ, ନଗ୍ନ ଓ ନିଷ୍ଠୁର ରୂପର ସଫଳ ପରି ପ୍ରକାଶ ପାଠକୀୟ ଶ୍ରଦ୍ଧା ଦାବି କରନ୍ତି।

ରତ୍ନାକରଙ୍କ ଭାଷା ସାଧାରଣ ଅର୍ଥରେ ଖୁବ୍ ସରଳ ପରି ମନେହୁଏ। ଉଦାସ ଆଖି, ନିଅଣ୍ଟ ପଡୁଥିବା ଦାନା, ପେଟଖଣ୍ଡର ନାଟ, ତୁଣ୍ଡର ଭାଷା, ନିଃସଂଗତାର କାତର ଜୀବନ, ବେସାଲିସ୍ ନିଦ, ବିଦ୍ରୋହର ବାରୁଦ, ଶ୍ରମଣାର ଭାଗ୍ୟ, ଶୂନ୍ୟ ରମଣ, ବାଲାମୀ ଗ୍ଉଳ, ଚେତନାର ଜତୁଗୃହ, ବିମୁକ୍ତ ଆତ୍ମା, ଆତତାୟୀ ମେଘ, ଭାବର ସମୁଦ୍ର ଏବଂ ଭଲପାଇଲା ପରି କାଠ ଗଡ଼ ଆଦି ଶବ୍ଦ ପ୍ରୟୋଗ ତାଙ୍କ କବିତାରେ ଅବାଧ ବ୍ୟବହୃତ ଏବଂ ମହାର୍ଘ ଶବ୍ଦ ସମ୍ଭାରରେ ପ୍ରତୀକ ଚିତ୍ରକଳ୍ପାଦି ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି। କିଛି ସ୍ଥାନରେ ସମୟୋପଯୋଗୀ ଭାବର ସଂକ୍ରମଣ, କ୍ରମବୋଧକ, ବୀପ୍‌ସାଦି ଅବ୍ୟୟ ବ୍ୟବହାର ଅଭିନବ। 'ଛାଇ' କବିତା ସଂକଳନରେ ମୋହଗ୍ରସ୍ତ ଜୀବନବୋଧ, ଅସହାୟତା, ଏକାକୀତ୍ୱବୋଧ, ଜୀବନଯନ୍ତ୍ରଣା, ପ୍ରାପ୍ତି-ଅପ୍ରାପ୍ତିର ଲୁଚକାଳି ଖେଳ ସର୍ବୋପରି ମଣିଷର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଅନେକ କ୍ଷେତ୍ରରେ ସାଂସାରିକ ମୋହଭଂଗ (dissillusionment)ର ଚିତ୍ର ପ୍ରଦାନ କରିଛନ୍ତି। ପରିବର୍ତ୍ତନ ବିହୀନ ଏକ ପ୍ରାଚୀନ ଗୁଳାରେ ସଂସାରରେ ଜୀବନ ଅତିବାହିତ କରିବାର ବିରକ୍ତିଜନକତା (boredom)କୁ ସ୍ୱଷ୍ଟ ଭାବେ ପ୍ରକାଶ କରି ସେଥିରୁ ମୁକ୍ତି ପାଇବା ପାଇଁ ବାଟ ଖୋଜିଛନ୍ତି। ଏଗୁଡ଼ିକର ବ୍ୟକ୍ତିଗତ ଅନୁଭୂତି ପ୍ରାୟ ଅବିକଳ କେତେକ ସ୍ଥାନରେ ଉପସ୍ଥାପନା କିମ୍ବା ଦୀର୍ଘ ବର୍ଣ୍ଣନା ଯୋଗୁଁ outobiographical ହୋଇ ଯାଇଛି। ତଥାପି ବ୍ୟକ୍ତିଗତ ଅନୁଭୂତିକୁ ଏକ ସାର୍ବଜନୀନତା (universal validness) ପ୍ରଦାନ କରିବା ପାଇଁ ଭରପୂର ପ୍ରୟାସ କରିଛନ୍ତି କବି।

ମୋଟ ଉପରେ କବି ରତ୍ନାକର ରାଉତ ପ୍ରଥମ ପର୍ଯ୍ୟାୟରେ (poetic diction) ସ୍ଥିର କରିପାରି ନଥିଲେ ମଧ୍ୟ କେଉଁ ଏକ ଅଦ୍ଭୁତ କମ୍ପ୍ଲେକ୍ସ (ଅବଦମିତ ଇଚ୍ଛାର)ର ଯାଦୁକରୀ ପ୍ରଭାବ ସମୁଦାୟ ବ୍ୟକ୍ତିତ୍ୱ ଉପରେ ପ୍ରଭାବ ବିସ୍ତାର କରିଛି। ସର୍ବୋପରି କବି ରତ୍ନାକର ରାଉତଙ୍କ କବିତା ଗୁଡ଼ିକ ପ୍ରାୟ ସୁଖପାଠ୍ୟ। ତାଙ୍କର ବିଶେଷତଃ ଏହି ଯେ କଳ୍ପନା ଗୁଡ଼ିକୁ ମାଇଲ ମାଇଲ ଦୂରକୁ ଉଡ଼ାଇ ଦେଇ ପାରନ୍ତି; କିନ୍ତୁ ବହୁସ୍ଥଳରେ କବିତାର ଶବ୍ଦରେ ବାସ୍ତବତାର ଏକ ସୂକ୍ଷ୍ମ ଅଥଚ ନିର୍ଦ୍ଦିଷ୍ଟ ଆଭାସ ଲୁଚି ରହିଛି। ସୁତରାଂ 'ଛାଇ' କବିତା ସଂକଳନଟିକୁ ସତ୍ୟ-ସତ୍ୟାଭାସର ଆପେକ୍ଷିତା ଉପରେ ଏକ ଉଚ୍ଚାଙ୍ଗ ସୃଷ୍ଟି ବୋଲି କୁହାଯାଇପାରେ।

ଏପରିକି ରତ୍ନାକରଙ୍କ କବିତା କାନ୍‌ଭାସରେ 'ଛାଇ' ବେଲାଳସେନ ପରି କୁରୁକ୍ଷେତ୍ର ରୂପୀ ସମାଜରେ ନିତ୍ୟ ପ୍ରତିଦିନ ଘଟୁଥିବା

ବିବିଧ ଘଟଣାର ସାକ୍ଷୀ ପାଲଟି ଯାଇଛି। ଯାହା ସତ୍ୟ ଏବଂ ବାସ୍ତବ ତାହାହିଁ କବିତାର ପ୍ରତିଟି ଶବ୍ଦରେ ପ୍ରତିଫଳିତ ହୋଇଛି।

ଏଇଥି ।ଇଁ କବିଙ୍କ 'ଛାଇ' କବିତା ସଂକଳନଟି ନିଶ୍ଚିତ ଭାବେ ପାଠକୀୟ ଶ୍ରଦ୍ଧା ଲାଭ କରି ପାରିବ - ଏହା ନିଃସନ୍ଦେହରେ କୁହାଯାଇପାରେ। (ସମାପ୍ତ)

♥ ବିଭାଗୀୟ ମୁଖ୍ୟ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
(ଜେ.ଏନ୍.ଭି. ହଦଗଡ଼)
କେନ୍ଦୁଝର
ମୋ: ୯୪୩୮୨୯୦୦୭୨



ଡ. ରାଧାରଂଜନ ପଟ୍ଟନାୟକ୍
କାଦ୍ରାବାଦ, ସୁନହଟ, ବାଲେଶ୍ୱର,
ମୋ: ୯୪୩୮୨୯୦୦୭୨

---



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା



୧୦

ଦୀପକ ରଂଜନ ମିଶ୍ର

## ॥ ..... କାମାଗାଟା ମାରୁ ॥

ସୈନିକ ବୋଝେଇ ହୋଇଥିବା ବୋଟ୍‌ଟି ଆସି କାମାଗାଟା ମାରୁ ପାଖରେ ଅଟକେ । ଜାହାଜ ଅବିଳମ୍ବେ ସ୍ଥାନ ନଛାଡ଼ିଲେ ତାଙ୍କ ଉପରେ ଗୁଳିଗୋଳା ବର୍ଷଣ କରାଯିବ ବୋଲି ଡାକବାଜି ଯନ୍ତ୍ରରେ ଘନ ଘନ ପ୍ରଚାର କରାଯାଏ । ଯାତ୍ରୀମାନେ କିନ୍ତୁ ତିଳେ ବି ବିଚଳିତ ନହୋଇ ଆପଣା କଥାରେ ଦୃଢ଼ ରହନ୍ତି । ଲଢ଼େଇ ପାଇଁ ପାଖରେ ଥିବା ଠେଙ୍ଗାବାଡ଼ି, ଜାହାଜର ଯନ୍ତ୍ରାଂଶ ତଥା କୋଇଲା ଖଣ୍ଡ ଗୁଡ଼ିକୁ ନିଜ ପାଖରେ ରଖି ସେମାନେ ବି ପ୍ରସ୍ତୁତ ଥାଆନ୍ତି । ଯାହା ହେବ ଦେଖାଯିବ । ଏକ ଇଞ୍ଚ୍ ବି ଘୁଞ୍ଚିବ ନାହିଁ କାମାଗାଟା ମାରୁ । ସେମାନେ ୱାହେଗୁରୁଙ୍କ ସନ୍ତାନ, ଛାତି ପତେଇ ସଂଗ୍ରାମ କରିବା ଜାଣନ୍ତି, ପିଠି ଦେଖାଇ ପଳାୟନ କରିବା ନୁହେଁ । କିଛି ସମୟ ଫାଙ୍କା ଗୁଳି ଚାଳନା ପରେ ପୋଲିସ୍‌ମାନେ ଦଉଡ଼ିରେ ତିଆରି ଶିଢ଼ି ଫିଙ୍ଗି ଜାହାଜ ଉପରକୁ ଚଢ଼ିବାକୁ ଚେଷ୍ଟା କରନ୍ତି । ଯାତ୍ରୀମାନେ ସେଇ ଦଉଡ଼ିକୁ କାଟିଦେବା ସହ କୋଇଲା ଖଣ୍ଡ ଫିଙ୍ଗି ସେମାନଙ୍କୁ ଲହୁଲୁହାଣ କରିଦିଅନ୍ତି । ବୋଟ୍ ଉପରକୁ ମଧ୍ୟ ଢେଲା ଫିଙ୍ଗି ମାରିବାରୁ ବହୁତ କିଛି ଭାଙ୍ଗିରୁଜି ଯାଏ । ଆପଣା ଲକ୍ଷ୍ୟରେ ଅସଫଳ ହୋଇ ପୋଲିସ୍ ସେଠାରୁ ଫେରିଯାଏ । ଏଥର ଆସେ ରେନ୍‌ବୋ ନାମକ ଯୁଦ୍ଧ ଜାହାଜ । ତୋପ ଫୁଟାଇ କାମାଗାଟା ମାରୁକୁ ସମୂଳେ ଧ୍ୱଂସ କରିଦେବାର ଯୋଜନା ଚାଲେ । ସରକାରଙ୍କ ଏଭଳି ପଦକ୍ଷେପରେ ପ୍ରମାଦ ଗଣନ୍ତି ସେଠିକାର ପ୍ରବାସୀ ଭାରତୀୟମାନେ । ସମସ୍ତେ ଏକତ୍ରିତ ହୋଇ ସାରା ସହରରେ ଜଳାପୋଡ଼ା କରିବାର ଧମକ୍ ଦିଅନ୍ତି । ନିଜ ନିଜ କଥାରେ ସମସ୍ତେ ଅଟଳ ରହିବାରୁ ଶେଷକୁ ସରକାର ପଛକୁ ଫେରିବାକୁ ବାଧ୍ୟ ହୁଅନ୍ତି । ଆପୋସ ସମାଧାନର ପନ୍ଥା ଗ୍ରହଣ କରାଯାଏ । ଯାତ୍ରୀମାନଙ୍କୁ ଖାଦ୍ୟ ପଦାର୍ଥ ଯୋଗାଇଦେବା ସହ ଜାହାଜର ନୂଆ ମାଲିକଙ୍କ ହୋଇଥିବା ଖର୍ଚ୍ଚର ଭରଣା କରିବାକୁ ରାଜି ହୋଇଯାଆନ୍ତି କାନାଡ଼ା ସରକାର । ଶେଷକୁ ୨୩ ଜୁଲାଇ ଦିନ ଜାହାଜ ଫେରିବାକୁ ପ୍ରସ୍ତୁତ ହୁଏ । ରେନ୍‌ବୋ ତା' ପଛେ ପଛେ ଆସି ତାକୁ କାନାଡ଼ାର ସୀମା ପାର କରେଇ ଦେଇ ଫେରିଯାଏ ।

କାନାଡ଼ା ଉପକୂଳରୁ କାମାଗାଟା ମାରୁର ପ୍ରତ୍ୟାବର୍ତ୍ତନ ଥିଲା ଭାରତୀୟମାନଙ୍କର ଆତ୍ମସମ୍ମାନ ପ୍ରତି ଶକ୍ତ କୁଠାରାଘାତ । ସେମାନେ କୌଣସି ଚୋରି କି ଡକାୟତି କରିବାର ଉଦ୍ଦେଶ୍ୟରେ ତ କାନାଡ଼ା ଆସି ନଥିଲେ । ସେଠି ସ୍ଥାୟୀ ଭାବରେ ବସବାସ କରୁଥିବା ତାଙ୍କ ପ୍ରିୟଜନଙ୍କୁ ଦେଖା କରିବା ଉଦ୍ଦେଶ୍ୟରେ କେତେଜଣ ଆସିଥିବା ବେଳେ ଆଉ କେତେଜଣ ଆସିଥିଲେ ଶ୍ରମିକ ରୂପେ କାମ କରିବା ପାଇଁ । ଅଦାଲତ ଗୋଟେ ନିୟମ ପ୍ରଣୟନ କଲେ ତାହା ସମସ୍ତଙ୍କ ପାଇଁ ସମାନ ଭାବରେ ଲାଗୁ ହେବାକଥା । ଭାରତୀୟଙ୍କ ଭଳି ଜାପାନୀ ଓ ଚୀନାମାନେ ବି କାନାଡ଼ା ଆସୁଥିଲେ କର୍ମପନ୍ଥା ଅନ୍ୱେଷଣରେ । ଜାପାନୀ ଓ ଚୀନାଙ୍କୁ ପ୍ରବେଶର ଅଧିକାର ମିଳୁଛି କିନ୍ତୁ ଭାରତୀୟଙ୍କୁ ନୁହେଁ । ଏଭଳି ପକ୍ଷପାତ କାହିଁକି ? କାନାଡ଼ା ଭଳି ଭାରତ ବିତ ଇଂରେଜମାନଙ୍କର ଏକ ଉପନିବେଶ । ସେଇ ଦୃଷ୍ଟିରେ ଭାରତୀୟମାନେ ବି ବ୍ରିଟିଶ୍ ସାମ୍ରାଜ୍ୟର ପ୍ରଜା । ପ୍ରଜାଙ୍କୁ ସାମ୍ରାଜ୍ୟର ସବୁଠିକୁ ଯିବାର ଓ ବସବାସ କରିବାର ଅଧିକାର ମିଳିବା କଥା । ସାରା ବିଶ୍ୱରେ ଥିବା ପ୍ରବାସୀ ଭାରତୀୟମାନେ ଏହାର ଘୋର ବିରୋଧ କରନ୍ତି । ଆମେରିକାର ଗଦର ପାର୍ଟିର କର୍ମକର୍ତ୍ତାମାନେ ଖୋଲାଖୋଲି ଯାତ୍ରୀମାନଙ୍କୁ ସମର୍ଥନ ଜଣାଇବା ସହ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି । ଜାହାଜ ଅଗଷ୍ଟ ୧୬ ତାରିଖ ଦିନ ୟୋକୋହାମା ପହଞ୍ଚେ । ସେଠାରେ ହଂକଂ ସରକାରଙ୍କ ଆଦେଶପତ୍ର ସେମାନଙ୍କୁ ଦିଆଯାଏ । ଜାହାଜ କେଉଁଠି ନଅଟକି ସିଧା କଲିକତା ଯିବାକୁ ସେଥିରେ ନିର୍ଦ୍ଦେଶ ଥାଏ । ଯାତ୍ରୀମାନେ କିନ୍ତୁ ଭାରତ ଫେରିବାକୁ ଚାହୁଁ ନଥାନ୍ତି । ହଂକଂ କିମ୍ବା ସିଙ୍ଗାପୁରରେ ମଜୁରି କରି କିଛି ଅର୍ଥ ଉପାର୍ଜନ କରିବା ଲକ୍ଷ୍ୟ ସେମାନଙ୍କର । କଲିକତା ପର୍ଯ୍ୟନ୍ତ ଯାତ୍ରା ପାଇଁ ଇନ୍ଧନ ତଥା ଖାଦ୍ୟ ବି ମହଜୁଦ୍ ନଥାଏ । ବାବା ଗୁରୁଦିତ୍ ସିଂହ ଏସବୁ ଅସୁବିଧା ଜଣାଇ ତାଙ୍କୁ ଖାଦ୍ୟ ତଥା ଇନ୍ଧନ ଯୋଗାଇ ଦେବାକୁ ଦାବି କରନ୍ତି । କିନ୍ତୁ ୟୋକୋହାମାର ରାଜଦୂତ ଏଇ କଥାରେ ଆଦୌ ସମ୍ମତ ହୁଅନ୍ତି ନାହିଁ । ଏଇଠି ଗଦର ପାର୍ଟିର ସିଧା ସମ୍ପର୍କ ସ୍ଥାପିତ ହୁଏ ଯାତ୍ରୀଙ୍କ ସହିତ । ପାର୍ଟିର ପ୍ରଧାନ, ବାବା ସୋହନ ସିଂହ ଭକ୍‌ନା ୨୦୦ ପିସ୍ତଲ ଆଉ ୨୦୦୦ ଗୁଳି କାଠ ପେଟି ମାନଙ୍କରେ ପ୍ୟାକ୍ କରି ଆଣି ଜାହାଜରେ ଦିଅନ୍ତି । ଯାତ୍ରୀମାନଙ୍କୁ ଭାରତର ବିଭିନ୍ନ ସ୍ଥାନରେ ବ୍ରିଟିଶ୍ ବିରୋଧୀ ଜନଆନ୍ଦୋଳନ ତେଜିବା ପାଇଁ ଉତ୍ସାହିତ କରିବା ସହ ଆଗକୁ ହେବାକୁ ଥିବା ଗଦର୍‌ରେ ଭାଗ ନେବାପାଇଁ ନିମନ୍ତ୍ରଣ କରାଯାଏ । ସେଦିନ ଜାହାଜରେ ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଭକ୍‌ନାଙ୍କ ଅଗ୍ନିବର୍ଷି ସମ୍ବୋଧନ ଶୁଣି ପ୍ରତ୍ୟେକ ଯାତ୍ରୀ ଦେହରେ ଅଗ୍ନି ସଂଯୋଗ ହୁଏ । ସମସ୍ତେ ଆପଣାକୁ ମାତୃଭୂମିର ମୁକ୍ତି ଉଦ୍ଦେଶ୍ୟରେ ସମର୍ପିତ କରିବାର ବଜ୍ର ଶପଥ ନିଅନ୍ତି ।



କଲିକତାର 'ବଜ୍ ବଜ୍' ଠାରେ ଥିବା କାମାଗଟା ମାରୁ ମେମୋରିଆଲ ଓ ମ୍ୟୁଜିୟମ

ଜାହାଜ ୨୧ ଅଗଷ୍ଟରେ 'କୋବି' ପହଞ୍ଚେ । ସେଠି ଗଦର ପାର୍ଟିର ସଦସ୍ୟମାନେ ଏମାନଙ୍କୁ ବହୁତ ସାହାଯ୍ୟ କରିବା ସହ ଏକ ରାଲିର ଆୟୋଜନ କରି ସେଠିକା ରାଜଦୂତଙ୍କୁ ଯାଇ ଭେଟି ମୁଖ୍ୟ ସମସ୍ୟାଗୁଡ଼ିକ ବିଷୟରେ ତାଙ୍କସହ ଆଲୋଚନା କରନ୍ତି । ଟେଲିଗ୍ରାମ ଦ୍ୱାରା ସମସ୍ତ କଥା ହିନ୍ଦୁସ୍ଥାନର ସରକାରଙ୍କୁ ସୂଚିତ କରାଯାଏ । ସରକାର ଯାତ୍ରୀଙ୍କ ଖାଦ୍ୟ ବାବଦକୁ ୧୯,୦୦୦ ୟେନ୍ ଯୋଗାଇ ଦେବା ସହ ଜାହାଜକୁ କଲିକତା ବଦଳରେ ମାଡ୍ରାସ୍ ପଠାଇବାକୁ ଆଦେଶ ଦିଅନ୍ତି । ତା'ସହ ସୁରକ୍ଷା ଦୃଷ୍ଟିରୁ ଜାହାଜରେ ସାମରିକ ବାହିନୀକୁ ଚଢ଼ାଇବାକୁ ମଧ୍ୟ କୁହା ହୋଇଥାଏ । ଏଇ ପ୍ରସ୍ତାବରେ ଯାତ୍ରୀମାନେ ଆଦୌ ରାଜି ହୁଅନ୍ତି ନାହିଁ । ସେମାନେ ମାଡ୍ରାସ୍ କାହିଁକି ଯିବେ ? ପୁଣି ସାଙ୍ଗରେ ସାମରିକ ବାହିନୀ ନେବେ କାହିଁକି ? ସାହାଯ୍ୟ ବାବଦକୁ ମିଳୁଥିବା ପଇସା ନେଇ ସେମାନେ ଆଗକୁ ବଢ଼ନ୍ତି । ୧୬ ସେପ୍ଟମ୍ବରରେ ସିଙ୍ଗାପୁରରେ ପହଞ୍ଚେ ଜାହାଜ । ସେଠି ପୋଲିସ୍ ଛାଇଁ ହୋଇଥାଏ ବନ୍ଦରରେ । କୌଣସି ଯାତ୍ରୀଙ୍କୁ ଓହ୍ଲାଇବାକୁ ଦିଆଯାଏ ନାହିଁ । ଔଷଧ କି ଖାଦ୍ୟଦ୍ରବ୍ୟ କିଛି ବି କିଣି ପାରିବେନି । ଜାହାଜକୁ ବନ୍ଦର ଭିତରକୁ ବି ପ୍ରବେଶ କରେଇ ଦିଆଯାଏନି । ସମୁଦ୍ର ଭିତରେ ତିନିଦିନ ରହି ଶେଷକୁ ଜାହାଜ ଛାଡ଼େ । ୨୬ ସେପ୍ଟେମ୍ବରରେ ଆସି ଜାହାଜ ହୁଗୁଳି ପାଖରେ ପହଞ୍ଚେ ।

ଏପ୍ରିଲ ୪ ତାରିଖରେ ହଂକଂ ଠାରୁ କାନାଡ଼ା ଅଭିମୁଖେ ଆରମ୍ଭ ହୋଇଥିବା ଯାତ୍ରାର ଶେଷକୁ ଆସି କଲିକତାରେ ଅନ୍ତହୁଏ । କେତେ କ'ଣ ଘଟି ଯାଇଛି ସେମାନଙ୍କ ସହ । ଗଲାବେଳେ ସେମାନେ ସିନା ଥିଲେ ଶ୍ରମିକ କିନ୍ତୁ ଦେଶକୁ ପ୍ରତ୍ୟାବର୍ତ୍ତନ ବେଳକୁ ସେମାନେ ସମସ୍ତେ ବନି ଯାଇଥିଲେ ଜଣେ ଜଣେ ବିଦ୍ରୋହୀ । ସେମାନଙ୍କ ଭିତରେ ଜନ୍ମ ନେଇ ସାରିଥାଏ ଜାତୀୟ ଏକତାର ଭାବନା । ଗଦର ପାର୍ଟି ସହ ସୃଷ୍ଟି ହୋଇଛି ଘନିଷ୍ଠ ସମ୍ପର୍କ । ଯାତ୍ରୀମାନଙ୍କ ପ୍ରତି ବିଭିନ୍ନ ବନ୍ଦରରେ ପ୍ରଦର୍ଶିତ ବ୍ୟବହାରକୁ ଆଖିରେ ରଖି ବାବା ସୋହନ ସିଂହ ଭକ୍‌ନା ପୂର୍ବାନୁମାନ କରୁଥାନ୍ତି ଯେ ଭାରତରେ ପହଞ୍ଚିଲେ କିଛି ନା କିଛି ଏମାନଙ୍କ ସହ ନିଶ୍ଚିତ ଘଟିବ । ସେଥିପାଇଁ ସେ ଏକ ରାସ୍ତା ବାଛିଥାନ୍ତି । ବିଦେଶରେ ରହୁଥିବା ଭାରତୀୟମାନଙ୍କୁ ଏମାନଙ୍କ ଦୂରବସ୍ଥା ବିଷୟରେ ଅବଗତ କରାଇ ଇଂରେଜ ବିରୋଧୀ ଆନ୍ଦୋଳନକୁ ତୀବ୍ର କରାଯାଉ । ସେଇ ଉଦ୍ଦେଶ୍ୟରେ ହଂକଂ ସ୍ଥିର ଗୁରୁଦ୍ୱାରାର ଗ୍ରନ୍ଥୀ ଭାଇ ଭଗବାନ ସିଂହ, ଭାଇ ହରନାମ୍ ସିଂହ କହୁଟା ଓ ଭାଇ ବୀର ସିଂହଙ୍କୁ 'କୋବି'ରେ ଓହ୍ଲାଇ ଦିଆଯାଇଥାଏ । ସେମାନେ ବିଭିନ୍ନ ସ୍ଥାନରେ ତାଙ୍କ ପ୍ରଚାର କାର୍ଯ୍ୟ ସମାପନ କରି ପଛକୁ ହିନ୍ଦୁସ୍ଥାନ ଫେରିବେ । ଯାତ୍ରୀଙ୍କ ଭିତରେ ବିଦ୍ରୋହର ଭାବନାକୁ ଉଜ୍ଜୀବିତ ରଖିବା ପାଇଁ ଜାପାନରୁ ଜବାହରମଲ ତଥା ନାରାୟଣଦାସଙ୍କୁ ଜାହାଜରେ ଚଢ଼ାଯାଏ । ଜବାହରମଲ ଥିଲେ ଜଣେ ପ୍ରଭାବଶାଳୀ ବକ୍ତା । ସରକାରୀ ମହଲରେ ଜଣେ ଆତଙ୍କ । ଜାହାଜ କଲିକତା ପହଞ୍ଚିବାର ଯଥେଷ୍ଟ ପୂର୍ବରୁ ସେମାନେ ସମସ୍ତେ ସତର୍କ ହୋଇ ଯାଆନ୍ତି । ଦେଶରେ ସରକାର ସେମାନଙ୍କ ପ୍ରତି କି ପ୍ରକାର ବ୍ୟବହାର ପ୍ରଦର୍ଶନ କରିବ କିଏ ଜାଣିଛି ? ତେଣୁ ତାଙ୍କ ପାଖରେ କୌଣସି ଆପତ୍ତିଜନକ ଜିନିଷ ରହିବା କଥା ନୁହେଁ । ତେବେ ଯାଇ ସେମାନେ ଗିରଫ୍‌ଦାରିକୁ ଏଡ଼ାଇ ଦେଶର ବିଭିନ୍ନ ଅଞ୍ଚଳକୁ ଯାଇ ଗୁପ୍ତରେ ଆପଣା ଅଭିଯାନ ଚଳାଇ ପାରିବେ । ତେଣୁ ପାଖରେ ଥିବା ଗଦର ପତ୍ରିକା ତଥା ଅନ୍ୟ କାଗଜପତ୍ରକୁ ସେମାନେ ସମୁଦ୍ର ଗର୍ଭକୁ ନିକ୍ଷେପ କରନ୍ତି । ବାବା ସୋହନ ସିଂହ ଭକ୍‌ନା ସେମାନଙ୍କୁ ଦେଇଥିବା ୨୦୦ ପିସ୍ତଲ ଓ ଗୁଳିକୁ ଦୁଇଟି କାଠ ସିନ୍ଦୁକରେ ପୂରାଇ ଜାହାଜରେ ଥିବା ପାଣିଟାଙ୍କି ଭିତରେ ଲୁଚାଇ ରଖା ହୋଇଥାଏ । ତାକୁ କାଢ଼ି ଦେଖିଲା ବେଳେ ସେ ସବୁ କଳଙ୍କି ଲାଗି ନଷ୍ଟ ହୋଇଯାଇଥାଏ । ତାକୁ ବି ସବୁ ସମୁଦ୍ରକୁ ଫିଙ୍ଗି ଦିଆଯାଏ ।

କାମାଗାଟା ମାରୁ କାନାଡ଼ା ଉପକୂଳ ଛାଡ଼ିବାର ପନ୍ଦର ଦିନ ମଧ୍ୟରେ ଆରମ୍ଭ ହୋଇଯାଇଥାଏ ପ୍ରଥମ ବିଶ୍ୱଯୁଦ୍ଧ । ବିଭିନ୍ନ ସୂତ୍ରରୁ ବ୍ରିଟିଶ୍ ସରକାର ଭଲଭାବରେ ଅବଗତ ହୋଇ ସାରିଥାନ୍ତି ଏମାନଙ୍କ ଗୁପ୍ତ ଯୋଜନା ବିଷୟରେ । ଏଇ ଯୁଦ୍ଧ ସମୟରେ ହିଁ ଅସ୍ଥିରତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆହୁରି ଅନେକ ଜାହାଜ ଗଦର ପାର୍ଟିର ସଦସ୍ୟଙ୍କୁ ନେଇ ଭାରତ ଆସିବାର ଯୋଜନା କରୁଥାଏ । ସମସ୍ତଙ୍କର ଦୃଷ୍ଟି ନିବଦ୍ଧ ରହିଛି କାମାଗାଟା ମାରୁ ଉପରେ । ତେଣୁ ଏଇ ଜାହାଜର ଯାତ୍ରୀମାନଙ୍କୁ କଦାପି ଛଡ଼ାଯାଇ ପାରିବନି । ସମସ୍ତଙ୍କୁ ଗିରଫ୍ କରି ଜେଲ୍‌ରେ ପୂରାଇ ଦେଲେ ହିଁ କ୍ରମଶଃ ବୃଦ୍ଧି ପାଉଥିବା ଉତ୍ତେଜନାକୁ କିଛି ମାତ୍ରାରେ ପ୍ରଶମିତ କରିବା ସମ୍ଭବ । ଜାହାଜ କଲିକତା ବନ୍ଦରରେ ପହଞ୍ଚିବାର ପୂର୍ବରୁ ସେଠାକାର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଦିଆଯାଏ । ସେପ୍ଟେମ୍ବର ୨୬ ତାରିଖ ଦିନ ଜାହାଜକୁ 'କାଲପୀ' ନାମକ ସ୍ଥାନରେ ଠିଆ କରିଦିଆଯାଏ । ସୁରକ୍ଷାକର୍ମୀମାନେ ଦୁଇଦିନ ପର୍ଯ୍ୟନ୍ତ ତନ୍ନ ତନ୍ନ କରି ସବୁଆଡ଼ ଯାଞ୍ଚ କରନ୍ତି । କିଛି ବି ଆପତ୍ତିଜନକ ଜିନିଷ ନମିଳିବାରୁ ୨୯ ତାରିଖ ଦିନ କଲିକତା ଠାରୁ ଦୁଇ ମାଇଲ୍ ଦୂର 'ବଜ୍‌ବଜ୍' ଘାଟରେ ଜାହାଜ ଲାଗେ । ସରକାର ସବୁ ଯାତ୍ରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥାନ୍ତି ସୁରକ୍ଷାକର୍ମୀଙ୍କୁ । ଜାହାଜର ସଞ୍ଚାଳନ ଦାୟିତ୍ୱରେ ଥିବା ଲୋକମାନଙ୍କୁ ଗିରଫ୍ କରିବା ସହ ଅନ୍ୟ ସମସ୍ତଙ୍କୁ ସ୍ୱତନ୍ତ୍ର ଗାଡ଼ିରେ ପଞ୍ଜାବ ପଠାଇବାର ବ୍ୟବସ୍ଥା କରାଯାଇଥାଏ । ଯାତ୍ରୀମାନେ କିନ୍ତୁ ଆଗକୁ ତାଙ୍କ ପ୍ରତି ହେବାକୁ ଥିବା ଅଘଟଣର ଆଶଂକା କରି ଏକଜୁଟ୍ ହୋଇ ଜାହାଜରେ ବସି ରହନ୍ତି ତାଙ୍କ ମୁଖିଆମାନଙ୍କୁ ଘେରିରହି । ଜାହାଜରେ ସେତେବେଳେ ସମୁଦାୟ ଥାଆନ୍ତି ୩୨୧ ଜଣ ଯାତ୍ରୀ । ବାରମ୍ବାର ଓହ୍ଲାଇବାକୁ ଆଦେଶ ଦେବାପରେ ଶେଷକୁ ବନ୍ଧୁକ ଦେଖାଇ ଧମକ୍ ଦିଆଯାଏ । ନିରୂପାୟ ହୋଇ ଯାତ୍ରୀମାନେ ତଳକୁ ଓହ୍ଲାନ୍ତି । କାହାରିକୁ ନିଜ ଜିନିଷ ମୁଣ୍ଡାଇ ତଳକୁ ଯିବାପାଇଁ ବାରଣ କରାଯାଏ । ତାଙ୍କ ଜିନିଷ ଠିକଣା ସ୍ଥାନରେ ପହଞ୍ଚାଇ ଦିଆଯିବ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା । ସେଇ ବନ୍ଦରରେ ହିଁ ଲାଗିଥାଏ ସ୍ୱତନ୍ତ୍ର ଟ୍ରେନ୍ ସେମାନଙ୍କୁ ପଞ୍ଜାବ ନେଇଯିବା ଉଦ୍ଦେଶ୍ୟରେ । ଯାତ୍ରୀମାନେ କିନ୍ତୁ ପଞ୍ଜାବ୍ ଯିବାପାଇଁ ଅନିଚ୍ଛା ପ୍ରକାଶ କରି ସେଠିକା ପ୍ଲାଟଫର୍ମରେ ବସି ଗୁରୁଗ୍ରନ୍ଥ ସାହେବ୍‌ଙ୍କୁ ମଝିରେ ରଖି କୀର୍ତ୍ତନ କରିବାରେ ଲାଗନ୍ତି । ସେମାନଙ୍କର ଏକା ଜିଦ୍ ସେମାନେ କଲିକତା ଯାଇ ଗଭର୍ଣ୍ଣରଙ୍କୁ ଭେଟି ତାଙ୍କ ଦୁଃଖ ଜଣାଇବେ । କଲିକତା ସ୍ଥିତ ଏକ ଗୁରୁଦ୍ୱାରାରେ ସାଙ୍ଗରେ ଥିବା ଗୁରୁଗ୍ରନ୍ଥ ସାହେବ୍‌ଙ୍କୁ ସ୍ଥାପନ କରି ତା ପରେ ଯାଇ ନିଜ ନିଜ ସ୍ଥାନକୁ ପ୍ରସ୍ଥାନ କରିବେ । ବହୁତ୍ ଧମକ୍ ଚମକ୍ ପରେ ୫୯ ଜଣ ଯାତ୍ରୀ ଟ୍ରେନ୍‌ରେ ଚଢ଼ନ୍ତି । କିନ୍ତୁ ଅବଶିଷ୍ଟ ୨୬୨ ଜଣ ଥାଆନ୍ତି ନଛୋଡ଼ବନ୍ଧା । ସେମାନେ କାହାରି କଥାକୁ କର୍ଣ୍ଣପାତ ନକରି କଲିକତା ଆଡ଼େ ଯିବାପାଇଁ ମୁହାଁନ୍ତି । ପୋଲିସ୍ ଅଫିସର ବନ୍ଧୁକ ଦେଖାଇ ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରିବାରୁ ଭାଇ ଅମର୍ ସିଂହ ନିହଙ୍ଗ୍ ତଥା ଇନ୍ଦୁସିଂହ ସିଜୋ ଆପଣା କୁର୍ତ୍ତାର ବୋତାମ୍ ଖୋଲି 'ହିମ୍ମତ୍ ଅଛି ତ ଗୁଳି ମାର୍' ବୋଲି କହି ପୋଲିସ୍ ଆଡ଼କୁ ଧସେଇ ଯାଆନ୍ତି । ପୋଲିସ୍ ସେମାନଙ୍କ ଆକ୍ରାମକ ବ୍ୟବହାରରେ ନିରୂପାୟ ହୋଇ ବାଟ ଛାଡ଼ିଦେଇ ପଛେ ପଛେ ଚାଲେ । କଲିକତାରୁ ଅଧିକ ପୋଲିସ୍ ଫୋର୍ସ ଆସିବାରୁ ଏଥର ଯାତ୍ରୀମାନେ ବାଧ୍ୟ ହୁଅନ୍ତି ପଛକୁ ଫେରିବାକୁ । ଗତ ରାତିରୁ ସେମାନେ କିଛି ଖାଇ ନଥାନ୍ତି । ପାଣି ମୁନ୍ଦିଏ ପିଇବା କିମ୍ବା ପରିଶ୍ରା କରିବା ପାଇଁ ଅଟକିଲେ ବି ପୋଲିସ୍ ଧକ୍କା ମାରିବା ସହ ଗାଳି ଗୁଲଜ୍ କରିବାକୁ ଲାଗେ । ସେମାନେ ଶେଷକୁ ପୁଣି ପ୍ଲାଟଫର୍ମରେ ଆସି ବସିପଡ଼ନ୍ତି । ବାବା ଗୁରୁଦିତ୍ ସିଂହଙ୍କୁ ଡାକିବା ପାଇଁ ଜଣେ ପୋଲିସ୍ କର୍ମୀ ଆସେ ହାତରେ ବାଡ଼ିଟେ ଧରି । ତା'ର ଦୁର୍ବ୍ୟବହାରରେ ଉତ୍କ୍ଷିପ୍ତ ହୋଇ ଜଣେ ବାଡ଼ିଟି ତା ହାତରୁ ଛଡ଼ାଇ ସେଥିରେ ତାକୁ ଦୁଇବାଡ଼ି କଷିଦିଏ । ପୋଲିସ୍ କର୍ମୀଜଣକ କମରପଟିରୁ ରିଭଲଭର ବାହାର କରି ଗୁଳି ଚଳାଏ । ସବୁଯାତ୍ରୀ ଏକତ୍ରିତ ହୋଇ ଆକ୍ରମଣ କରନ୍ତି । ପୋଲିସ୍ ପଛକୁ ଘୁଞ୍ଚିଯିବାରୁ ସେମାନଙ୍କୁ ଘେରି ରହିଥିବା ସେନାବାହିନୀ ଆଖି ବୁଜି ଯାତ୍ରୀମାନଙ୍କ ଉପରକୁ ଗୁଳିବର୍ଷା କରିବାକୁ ଆରମ୍ଭ କରନ୍ତି । ପ୍ଲାଟଫର୍ମ ରକ୍ତରଞ୍ଜିତ ହୋଇଉଠେ । କଡ଼ରେ ଥିବା ଦୋକାନ ଭିତରେ ବି ଗୁଳିବାଜି ଲୋକେ ଟଳିପଡ଼ନ୍ତି । ସେଦିନ ମାଛି ଅନ୍ଧାର ବେଳକୁ ପ୍ଲାଟଫର୍ମରେ କେତେ ଲୋକ ପୋଲିସ୍ ଦ୍ୱାରା ଗୁଳିକାଣ୍ଡରେ ନିହତ କିମ୍ବା ଆହତ ହୋଇଥିଲେ ତା'ର କିଛି ସଠିକ୍ ହିସାବ ମିଳିପାରେନି । ସରକାରଙ୍କ ପକ୍ଷରୁ ରିପୋର୍ଟ ଦିଆହୋଇଥିଲା ୧୯ ଜଣ ଯାତ୍ରୀ ତଥା ଦୁଇଜଣ ବାହାରିଆ ଲୋକ ନିହତ ହୋଇଥିବାର । କିନ୍ତୁ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ସେଦିନ ପୋଲିସ୍ ଗୁଳିରେ ଟଳି ପଡ଼ିଥିଲେ ୭୦ରୁ ଅଧିକ ନିରୀହ ଲୋକ । କାମାଗାଟା ମାରୁ ଜାହାଜର କେତେ ଯାତ୍ରୀ ନିଖୋଜ୍ ହୋଇଯାଆନ୍ତି । ଅନେକଙ୍କୁ ଗିରଫ୍ କରି ପଞ୍ଜାବର ବିଭିନ୍ନ ଜେଲ୍‌ର କାଳ କୋଠରୀ ଭିତରକୁ ନିକ୍ଷେପ କରାଯାଏ । ବାବା ଗୁରୁଦିତ୍ ସିଂହ ତଥା ତାଙ୍କ ସହଯୋଗୀମାନଙ୍କ ବିରୁଦ୍ଧରେ ଦେଶଦ୍ରୋହର ମାମଲା ଚାଲେ । ଏଇ 'ବଜ୍‌ବଜ୍ ଗୁଳିକାଣ୍ଡ'ରେ ମୃତ୍ୟୁବରଣ କରିଥିବା ପ୍ରତ୍ୟେକ ଭାରତୀୟଙ୍କୁ ଶହୀଦ୍‌ର ମାନ୍ୟତା ଦିଏ ଗଦର ପାର୍ଟି । ସେମାନଙ୍କ ପ୍ରତି ହୋଇଥିବା ଅବିଚାର ତଥା ଅତ୍ୟାଚାରର ବର୍ଣ୍ଣନା କରି ଭାରତୀୟଙ୍କ ପକ୍ଷରେ ବିଶ୍ୱସ୍ତରରେ ଜନମତ ସୃଷ୍ଟି କରିବାର ପ୍ରୟାସ କରାଯାଏ । ହଜାର ହଜାର କର୍ମୀ ଭାରତ ପହଞ୍ଚନ୍ତି ଗଦର କ୍ରାନ୍ତି ଉଦ୍ଦେଶ୍ୟରେ । ସେମାନଙ୍କର ପ୍ରତିନିଧିତ୍ୱ କରନ୍ତି କରତାର ସିଂହ ସରାଭା ତଥା ରାଜେନ୍ଦ୍ର ଲାହିଡ଼ି ଭଳି ମହାନ ଦେଶପ୍ରେମୀ । ମଙ୍ଗୁଆଳ ସାଜନ୍ତି ବିଶିଷ୍ଟ କ୍ରାନ୍ତିକାରୀ ରାସ ବିହାରୀ ବୋଷ ତଥା ସଚ୍ଚିନ୍ଦ୍ରନାଥ ସାନ୍ୟାଲ । କିନ୍ତୁ କୃପାଲ ସିଂହ ଭଳି ଗଦ୍ଦାର ଯୋଗୁଁ ୧୯୧୫ ମସିହା ଫେବୃଆରୀ ୨୧ ତାରିଖରେ ସାରା ଦେଶରେ ଗଦର କ୍ରାନ୍ତି ହୋଇଯାଏ ବିଫଳ । କାମାଗାଟା ମାରୁ କେବେ ସିନା ଜାପାନୀ ମାଲବୁହା ଜାହାଜଟିଏ ଥିଲା କିନ୍ତୁ କାନାଡ଼ାର ଭେଙ୍କୋବର ବନ୍ଦର ଭିତରକୁ ପ୍ରବେଶର ଅନୁମତି ନପାଇ ଫେରିବା ପରେ ତାହା ଭାରତୀୟ ଅସ୍ମିତାର ପ୍ରତୀକ ବନିଯାଇଛି ଯୁଗ ଯୁଗ ପାଇଁ ।

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

# ଜିଲ୍ଲାସ୍ତରୀୟ ୭୩ ତମ ସାଧାରଣତନ୍ତ୍ର ଦିବସ-୨୦୨୨ ପାଳନ ପାଇଁ ପ୍ରସ୍ତୁତି

ବାରିପଦା, ୨୧/୦୧ (ନି.ପ୍ର): ପ୍ରତିବର୍ଷ ପାଳନ କରିଆସୁଥିବା ସାଧାରଣତନ୍ତ୍ର ଦିବସ ଚଳିତ ବର୍ଷ କୋଭିଡ ନିୟମ ନିର୍ଦ୍ଦେଶାବଳୀ କଟକଣାକୁ ଦୃଷ୍ଟିରେ ରଖି ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ସିମୀତ କାର୍ଯ୍ୟକ୍ରମ ଆୟୋଜନ ମଧ୍ୟରେ ୭୩ତମ ସାଧାରଣତନ୍ତ୍ର ଦିବସ-୨୦୨୨ପାଳନ କରାଯିବ। ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ଓ ଆରକ୍ଷୀ ବିଭାଗ ତତ୍ତ୍ୱାବଧାନରେ ଆନୁଷଙ୍ଗିକ ପ୍ରସ୍ତୁତି କାର୍ଯ୍ୟକ୍ରମ ସଂପୃକ୍ତ ବିଭାଗ ସହଯୋଗରେ ସମ୍ପାଦନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ବାରିପଦା ରିଜର୍ଭ ପୋଲିସ ପଡିଆ ଠାରେ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୨ ପାଳନ କରାଯିବ। ସାଧାରଣତନ୍ତ୍ର ଦିବସ ପାଳନର ପ୍ରତ୍ୟୁଷରୁ ଘ ୪:୩୦ ମିନିଟ ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସହରରେ ଡାକବାଜି ଯନ୍ତ୍ର ଜରିଆରେ ରାମଧୂନ ପ୍ରଚାର କରାଯିବ। ବାରିପଦା ରିଜର୍ଭ ପୋଲିସ ପଡିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ଘ.୮.୩୦ମିନିଟ ସମୟରେ ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତୋଳନ ଓ ଅଭିବାଦନ ଗ୍ରହଣ ଏବଂ ଏଥିରେ କେବଳ ପୋଲିସ ବାହିନୀ ପକ୍ଷରୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦର୍ଶନ କରାଯିବ। ଚଳିତ ବର୍ଷ ଉତ୍ସବରେ କୋଣସି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ/ଏନସିସି କ୍ୟାଡେଟ ମାନେ ଅଂଶ ଗ୍ରହଣ କରିପାରିବେ ନାହିଁ। ସେହିପରି ସାଧାରଣ ଲୋକଙ୍କୁ ମଧ୍ୟ ଉତ୍ସବରେ ଯୋଗଦାନ ଦେବାକୁ ବାରଣ କରାଯାଇଛି। କେବେଳ ସୀମିତ ସଂଖ୍ୟକ ଅତିଥି, କୋଭିଡ ଯୋଦ୍ଧାଙ୍କୁ ଉତ୍ସବରେ ଯୋଗ ଦେବାକୁ ଇ-ନିମନ୍ତ୍ରଣ ମଧ୍ୟମରେ ଆମନ୍ତ୍ରଣ କରାଯିବ। ଜିଲ୍ଲାସ୍ତରୀୟ ଉତ୍ସବରେ ଯୋଗଦାନ କରୁଥିବା ଆମନ୍ତ୍ରିତ କୋଭିଡ ଯୋଦ୍ଧା, ପୋଲିସ ବାହିନୀ, ପଦାଧିକାରୀ / ସଂପୃକ୍ତ କର୍ମଚାରୀ ସମସ୍ତେ ମାସ୍କ ପରିଧାନ, ସାମାଜିକ ଦୂରତା ବଜାୟ ରଖିବା ଓ ହାତ ସାନିଟାଇଜ କରିବା ବାଧ୍ୟତା ମୂଳକ କରଯାଇଛି। ଏଥି ନିମନ୍ତେ ରିଜର୍ଭ ପୋଲିସ ପଡିଆରେ ଜାତୀୟ ପତାକା ଉତୋଳନ ମଂଚ ସାଜସଜ୍ଜା, ବ୍ୟାରିକେଡିଂ, ଟେଣ୍ଟ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପ୍ରାଥମିକ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ସେବା, ଆମନ୍ତ୍ରିତ ଅତିଥିଙ୍କ ବସିବା ସ୍ଥାନ ଓ ଅସ୍ଥାୟୀ ପରିମଳ ଆଦି ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଉପଖଣ୍ଡ/ବ୍ଲକ/ପଂଚାୟତ ସ୍ତରରେ ସରକାରଙ୍କ ଗୃହ ବିଭାଗ ମାର୍ଗଦର୍ଶିକା ଅନୁପାଳନ ଭିତରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ ।

## ଅନ୍ୟ ଦଳରୁ ଆସି ବିଜେଡିରେ ହେଲେ ସାମିଲ

ଜଳେଶ୍ୱର ୨୨/୧(ନିପ୍ର): ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି, ବିଭିନ୍ନ ଦଳରୁ ଆସି ଅନ୍ୟ ଦଳରେ ମିଶିବା ସେତିକି ବଢି ବଢି ଚାଲିଛି। ଗତ ୨୧ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଥିବା ବେଳେ ସେହିଦିନ ଜଳେଶ୍ୱରର ଉପାନ୍ତ ପଂଚାୟତ ନଛିମପୁର ଓ ସୁଗୋ ପଂଚାୟତରେ ପ୍ରାୟ ୨୭ଜଣ ଅନ୍ୟଦଳ ଛାଡି ବିଜେଡିରେ ମିଶିଥିବା ଅବନୀ ପାତ୍ର କହିଛନ୍ତି । ଲକ୍ଷ୍ମିକାନ୍ତ ଜେନା, ଶ୍ୟାମସୂନ୍ଦର ଜେନା, ସୀତାରାମ ଜେନା, ଲିପି ଭୂୟାଁ, ସନ୍ତୋଷ ପରିଡା, ଅନୀଲ ଭୂୟାଁ, କାଞ୍ଚନବାଲା ଜେନା, ବାବା ହାତୀ, ଗୌର ଧୂଳ, ବିକର୍ତ୍ତନ ଦେହୁରୀ, ଅମୂଲ୍ୟ ଘଡାଇ, ଅଂଜଳି ମୁର୍ମୁ, ରୁକୁମଣି ଜେନା, ବାସନ୍ତି ବେହେରା, ରତନ ଧୂଳ, କୁନି ଭୂୟାଁ, ରାଧୁ ଦେହୁରୀ, ଶକ୍ତିପଦ ଜେନା, ଜତିନ୍ଦ୍ର ଜେନା, ସୌଭାଗ୍ୟ ଜେନା, ବସନ୍ତ ଜେନା ପ୍ରମୁଖ ବହୁ ବ୍ୟକ୍ତି ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ଦିନେଶ ଜେନାଙ୍କ ବାସଭବନରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ବିଧାୟକ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୨୨/୦୧ (ନି.ପ୍ର): ବିଦୁଛକ ବସ ଦୁର୍ଘଟଣାରେ ମୃତବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ସରକରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। କମିଟିର ସଭାପତି ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୃତକମାନଙ୍କ ଆତ୍ମାର ସଦଗତି ଓ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା। ଜାତୀୟ ରାଜପଥ ସଂପ୍ରସାରଣ ଓ ମରାମତି କାର୍ଯ୍ୟ ଦୀର୍ଘବର୍ଷ ଧରି ଚାଲୁ ରହିଥିବାରୁ ଅନେକ ସମୟରେ ଏହିପରି ଦୁର୍ଘଟଣା ବାରମ୍ବାର ଘଟୁଥିବା ସମ୍ପର୍କରେ ବୈଠକରେ ଉପସ୍ଥିତ ସଭ୍ୟମାନେ ଆଲୋଚନା କରିଥିଲେ। ଏହି ବୈଠକରେ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ପ୍ରଦୀପ ଦାସ, ଉପସଭାପତି ପ୍ରଭାକର ସାହୁଙ୍କ ସମେତ ଯଶୋଦା ନନ୍ଦନ ଆସ, ଡା. ତାରାକାନ୍ତ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ପୁରସ୍ତମ ବେହେରା, ବ୍ରହ୍ମାନନ୍ଦ ଦାସ ଓ ବିଜନ କୁମାର ଦେ ପ୍ରମୁଖ ଯୋଗ ଦେଇଥିଲେ। ଦୀନବନ୍ଧୁ ଲେଙ୍କା ଧନ୍ୟବାଦ ଦେଇଥିଲେ। ବୈଠକ ପରେ ଏକ ପ୍ରତିନିଧି ଦଳ ବାଲେଶ୍ୱର ହସପିଟାଲରେ ପହଞ୍ଚି ଚିକିତ୍ସିତ ଆହତମାନଙ୍କୁ ସାକ୍ଷାତକରି ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ ଓ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ।

# ଆଗାମୀ ପଂଚାୟତ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେବେ ସ୍ୱାଧୀନ ପ୍ରାର୍ଥୀ



ନୀଳଗିରି, ୨୨/୦୧ (ନି.ପ୍ର): ଚଳିତ ପଂଚାୟତ ନିର୍ବାଚନରେ ନୀଳଗିରି ଓ ଔପଦା ବ୍ଲକପାଇଁ ନାମାକନ କରିଥିବା ସ୍ୱାଧୀନ ପ୍ରାର୍ଥୀମାନେ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ରାଜନୈତିକ ଆକଳନରୁ ଜଣାପଡ଼ିଛି । ସୂଚନାଥାଉକି ନୀଳଗିରିର ଅଗ୍ରଣୀ ଶିଶିର ମହାପାତ୍ର ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସମାଜସେବୀ ସବ୍ୟସାଚୀ ମହାପାତ୍ରଙ୍କ ନେତୃତ୍ୱରେ ନୀଳଗିରି ଓ ଔପଦା ବ୍ଲକରେ ନିଜର ୱାର୍ଡସଭ୍ୟ, ସମିତିସଭ୍ୟ, ସରପଂଚ ଏବଂ ଜିଲ୍ଲାପରିଷଦଙ୍କ ନାମାଂକନ ଦାଖଲ କରାଇଛନ୍ତି । ନୀଳଗିରି ବ୍ଲକର ମାଟିଆଳି ପଂଚାୟତର ସରପଂଚ ପାଇଁ ଲକ୍ଷ୍ମୀପ୍ରିୟା ସିଂ, ସିଆଡ଼ିମାଳ ପଂଚାୟତର ମଧୁସ୍ମିତା ସିଂ, ଗରଡିହି ପଂଚାୟତର ବୈଦ୍ୟନାଥ ସିଂ ଔପଦା ବ୍ଲକ କାଣ୍ଡଗରଡ଼ି ପଂଚାୟତର ଲକ୍ଷ୍ମୀଧର ବାରିକ, ସରଂପଚ ପ୍ରାର୍ଥୀ ଭାବେ ନାମାଂକନ ପତ୍ର ଦାଖଲ କରିଥିବା ବେଳେ ଔପଦା ୨ନଂ. ଜୋନରେ ଜିଲ୍ଲାପରିଷଦ ଭାବେ ମୋନାଲିସା ମହାନ୍ତିଙ୍କର ନାମାଂକନ ଦାଖଲ କରିଛନ୍ତି। ଉଭୟ ବ୍ଲକର ୪୨ ଗୋଟି ୱାର୍ଡମେମ୍ବର ପ୍ରାର୍ଥୀଙ୍କର ନାମାକଂନ ପତ୍ର ଦାଖଲ କରିଛନ୍ତି। ଏହି ସ୍ୱାଧୀନ ପ୍ରାର୍ଥୀ ମାନଙ୍କର ଉଭୟ ଶାସକ ଓ ବିରୋଧି ଦଳମାନଙ୍କ ପାଇଁ ବିଜୟର ନିର୍ଣ୍ଣାୟକ ଭୂମିକା ନେବାର ଯଥେଷ୍ଟ ଆଶା ଓ ଆକାଂକ୍ଷା ରହିଛି ।

## ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟାରେ ପ୍ରାର୍ଥୀପତ୍ର ଯାଞ୍ଚ

ବାଲେଶ୍ୱର,୨୨/୦୧ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗତକାଲି ନାମାଙ୍କନ ପତ୍ର ଦାଖଲ ଶେଷ ହେବା ପରେ ଶନିବାର ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି। ବାଲେଶ୍ୱର ଉପ-ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲାର ସମସ୍ତ ବ୍ଲକ ଓ ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ଯାଞ୍ଚ ପ୍ରକ୍ରିୟା ଆୟୋଜିତ ହୋଇଥିଲା। ନିର୍ବାଚନ ଆୟୁକ୍ତଙ୍କ ବିଜ୍ଞପ୍ତିକୁ ଉଲ୍ଲଂଘନ ସହ ଦାଖଲ ହୋଇଥିବା ପ୍ରାର୍ଥିପତ୍ରଗୁଡ଼ିକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଇଥିବା ଲକ୍ଷ୍ୟ କରାଯାଇଥିଲା। ତେବେ ନାମାଙ୍କନରେ ଆବଶ୍ୟକ ପ୍ରମାଣପତ୍ର ଦେଇନଥିବା କିମ୍ବା ପ୍ରାର୍ଥିପତ୍ର ଫର୍ମରେ ତ୍ରୁଟି ଥିଲେ ଯାଞ୍ଚ ଅଧିକାରୀମାନେ ଏହାର ସଂଶୋଧନ ପାଇଁ ସୁଯୋଗ ପ୍ରାର୍ଥୀଙ୍କୁ ଦେଉଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ପ୍ରାର୍ଥୀମାନଙ୍କ ଜାତିଗତ ପ୍ରମାଣପତ୍ର, ଭୋଟର ତାଲିକାରେ ନାମ ପ୍ରଭୃତି ବାବଦରେ ଯାଞ୍ଚ କରାଯାଇଥିବା ବାଲେଶ୍ୱର ଉପ-ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ସୂଚନା ଦେଇଛନ୍ତି। ତେବେ ମିଥ୍ୟା ସତ୍ୟପାଠ ଦେଇଥିବା ପ୍ରାର୍ଥୀଙ୍କ ବିରୋଧରେ ଆପତ୍ତି ଅଭିଯୋଗ ଗ୍ରହଣ ସହ ଆସନ୍ତାକାଲି ଶୁଣାଣି କରାଯିବ ବୋଲି ସେ କହିଛନ୍ତି। ଅବାଧ ତଥା ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସେ ସୂଚନା ଦେଇଥିଲେ।

# ବିଦ୍ୟୁତ ବିଭାଗ ଶ୍ରମିକ ନେତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର,୨୨/୦୧ (ନି.ପ୍ର): ବିଦ୍ୟୁତ ବିଭାଗର ଶ୍ରମିକ-କର୍ମଚାରୀ ନେତା ତଥା 'ପାୱାର ଏମ୍ପ୍ଲଇଜ ୟୁନିୟନ'ର ପୂର୍ବତନ କର୍ମକର୍ତ୍ତା ଦେବେନ ଚନ୍ଦ୍ର ବାରିକଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସଂଗଠନର ସଭାପତି ଜଗଦୀଶ ବେହେରାଙ୍କ ଅଧ୍ୟକ୍ଷତାରେ ବାଲିଆସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ କୁମାର ଜେନା, ଭରତ ଚନ୍ଦ୍ର ସେଠୀ, ସତ୍ୟନାରାୟଣ ବେହେରା, ନବକିଶୋର ଦାସ, ବୃନ୍ଦାବନ ମହାନ୍ତି, ସୁରେନ୍ଦ୍ର ଲେଙ୍କା, ରଘୁନାଥ ବାରିକ ଓ ସଲିଲ୍ ସିଂ, ଏଆଇଟିୟୁସିର ରାଜ୍ୟ ଉପ-ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ଜିଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା, ସହ-ସମ୍ପାଦକ ଶରତ ଚନ୍ଦ୍ର ଦଳାଇ ପ୍ରମୁଖ ସଂଘର କର୍ମକର୍ତ୍ତାମାନେ ଏଥିରେ ଯୋଗଦେଇ ସ୍ୱର୍ଗତ ବାରିକଙ୍କ ଜୀବନାଦର୍ଶ ଓ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ବିଦ୍ୟୁତ ଶ୍ରମିକ, କର୍ମଚାରୀ ଓ ଗ୍ରାହକଙ୍କ ସ୍ୱାର୍ଥରେ ତାଙ୍କର ସଂଗ୍ରାମମୟ ଜୀବନଧାରା ନୂତନ ପିଢ଼ିଙ୍କୁ ଅନୁପ୍ରାଣିତ କରିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଅସୁସ୍ଥତା କାରଣରୁ ସଂଘର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକ ଭିଡ଼ିଓ ବାର୍ତ୍ତାରେ ଶୋକ ପ୍ରକାଶ କରିଥିଲେ। ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେସନ୍ ପକ୍ଷରୁ ରାମକୃଷ୍ଣ ପଣ୍ଡା ପଠାଇଥିବା ଶୋକବାର୍ତ୍ତା ଏହି ଶ୍ରଦ୍ଧାଞ୍ଜଳି ସଭାରେ ପାଠ କରାଯାଇଥିଲା। ଗତ ୨୦ ତାରିଖ ମଧ୍ୟରାତ୍ରରେ ୭୭ବର୍ଷ ବୟସରେ ହୃଦଘାତ ଯୋଗୁଁ ସ୍ୱର୍ଗତ ବାରିକ ପରଲୋକ ହୋଇଥିଲା। ଆଶୀଷ କୁମାର ଜେନା ଶେଷରେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ହାତୀ ଆକ୍ରମଣରେ ଉଜୁଡିଲା ୩ ବାସଗୃହ : ସ୍ଥାୟୀ ସୁଧାର ଦାବି

ଜଳେଶ୍ୱର, ୨୨/୧(ନିପ୍ର): ଗତ କିଛିବର୍ଷ ଧରି ରାଇବଣିଆବାସୀଙ୍କ ପିଛା ଛାଡୁନାହିଁ ହାତୀ । କେତେବେଳେ ପଶ୍ଚିମବଂଗର ଦଲମା ଜଂଗଲରୁ ତ ପୁଣି କେତେବେଳେ ଝାଡଖଣ୍ଡି କିମ୍ବା ଶିମିଳିପାଳ ହାତୀର ଉପଦ୍ରବ ସହିଆସୁଛନ୍ତିରାଇବଣିଆର ଗରିବ ଲୋକେ । କେତେବେଳେ ଘର ଭାଂଗିଲେଣି ତ କେତେବେଳେ ଖଳାରେ ଥିବା ଧାନଚାଉଳ ଓ ଫସଲ ଉଜାଡୁଛନ୍ତି । ୩ବର୍ଷରେ ୩ଜଣଙ୍କୁ ଦଳି ମାରିଥିବା ବେଳେ ଗୃହପାଳିତ ପଶୁଙ୍କର ନାହିଁ ନିସ୍ତାର । ଚଳିତବର୍ଷ ପର୍ଯ୍ୟାୟକ୍ରମେ ୪ଥର ହାତୀଗୁଡିକ ଆସି ରାଇବଣିଆର ଜଂଗଲ ଧ୍ୱଂସ କରିବା ସହିତ ସାହି ଓ ଗାଁରେ ପଶି ଆତଙ୍କ ଖେଳାଇ ଚାଲିଛି । ବ୍ୟାପକ ଜଂଗଲ ଧ୍ୱଂସ ପାଉଥିବାରୁ ହାତୀ ନିଜକୁ ଅସୁରକ୍ଷିତ ମଣି ଜନବସତିମୁହଁ ହେଉଛି । ଚଳିତବର୍ଷ ଏକାଧିକ୍ରମେ ୬୮ଟି ହାତୀ କିଛିଦିନ କଳମା ଓ ବରଡିହା ଓ ଖୁଆଡ ପଂଚାୟତର ବିଭିନ୍ନ ଜଂଗଲ ନିକଟ ଗ୍ରାମମାନଙ୍କରେ ତାଣ୍ଡବ ରଚିଥିଲା । ପ୍ରଥମ ପର୍ଯ୍ୟାୟରେ ୧୩ଟି, ୨ୟ ପର୍ଯ୍ୟାୟରେ ୩ଟି, ୩ୟ ପର୍ଯ୍ୟାୟରେ ୨ଟି ଓ ଗତ ରାତିରେ ଅନ୍ୟ ୩ଟି ଘର ଭାଂଗିଥିବା ଜଣାଯାଇଛି । ଧାନ ଚାଉଳ, ପନିପରିବା ନଷ୍ଟ କରୁଥିବା ବେଳେ ଲୋକେ ହଇରାଣ ହରକତ ହେଉଛନ୍ତି । ବିଶେଷ କରି ରଂଗାମାଟିଆ, ପଥରଶୋଳ, ଭାଡାରାପଦା, ଦୁଧୁଆଶୋଳ, ଆମ୍ବତୁମ୍ବା, ବାଗବୁଡା ଗ୍ରାମଗୁଡିକରେ ହାତୀଗୁଡିକ କ୍ଷତିକରି ଆସିଛନ୍ତି । ବଜାରଶୋଳ ଗାଁର ଜଣେ ଲୋକଙ୍କ ଦଳି ଦେଇଥିବା ବେଳେ ୩ଟି ହାତୀ ଭଦୁଆ କାଜୁ ଜଂଗଲରେ ରହିଆସୁଥିଲେ । ଶୁକ୍ରବାର ରାତିରେ ଦଶରଥ ହାଁସଦା, ଦୁଲି ହାଁସଦା, ବୁଧିଆ ମୁର୍ମୁଙ୍କ ଘର ଭାଂଗିବା ସହିତ ବ୍ୟାପକ କ୍ଷତି ଘଟାଇଛନ୍ତି । ସହାୟତାଠାରୁ ସ୍ଥାୟୀ ପ୍ରତିକାର ଲାଗି ସେ ଅଂଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି । କେତେକ ସ୍ଥାନରେ ଟ୍ରେଞ୍ଚ ଖୋଳାଯାଇଥିଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ ଓ ପ୍ରଭାବ ଶୂନ୍ୟ ହୋଇଛି । ଜଳେଶ୍ୱର, ରାସଗୋବିନ୍ଦପୁର ଓ ପଶ୍ଚିମବଂଗ ମିଳନସ୍ଥଳ ହାତୀ ଯାତାୟାତ କରୁଥିବା ବାଟରେ ଦୀର୍ଘ ଟ୍ରେଞ୍ଚ ଖୋଳାଯିବାରକୁ ଦିଲ୍ଲିପ ସାମଲ, ଗିରିଜା ସାସମଲ, ସୁକୁମାର ଘୋଷ, ମନୋଜ ସାସମଲ, ପ୍ରଫୁଲ୍ଲ ସୁର, ଅଜୟ ମହାନ୍ତି, ଅଂଜନ ସିଂ, ହେମନ୍ତ ଗିରି, ସନ୍ଦିପ ଘୋଷ, ଶ୍ରୀକାନ୍ତ ସିଂ, ଗଂଗାଧର ଦାସ, ସାମଲ ମୁର୍ମୁ, ତପନ ଦାସ, ଅଶ୍ୱିନୀ ଦାସ ପ୍ରମୁଖ ଦାବି କରିଛନ୍ତି ।

# ସରିଲା ନିର୍ବାଚନ ନାମାଙ୍କନ ପତ୍ର, ପ୍ରତ୍ୟାହାରକୁ ଅପେକ୍ଷା

ଜଳେଶ୍ୱର, ୨୨/୧(ନିପ୍ର): ନିର୍ବାଚନ ବିଜ୍ଞାପନ ଅନୁଯାୟୀ ଗତ ୨୧ ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଥିଲା । ଯାଞ୍ଚପରେ ୨୩ତାରିଖ ଓ ପ୍ରତ୍ୟାହାର ପରେ ୨୫ ତାରିଖରେ ସବିଶେଷ ତଥ୍ୟ ମିଳିବାକୁ ଥିବା ବେଳେ ବାଲେଶ୍ୱର ଜିଲାର ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଜଳେଶ୍ୱର ରହିଛି । ସରପଂଚ ଓ ସମିତି ସଦସ୍ୟ କୌଣସି ଦଳୀୟ ବିରୋଧରେ ଥିଲେ ଜିଲା ପରିଷଦ ସଦସ୍ୟଙ୍କ ଚିନ୍ତା ବଢାଉଥିବାରୁ ଆଜି ବହୁ ନେତୃବ୍ୟନ୍ଦ ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ ଜଳେଶ୍ୱର ବ୍ଲକରେ ୪୪୬ଟି ୱାର୍ଡ ଥିବାରୁ ଏଥିରୁ ୧୧୭୭ ଜଣ ୱାଡୟ ସଦସ୍ୟଲାଗି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ୩୫ଟି ପଂଚାୟତ ଲାଗି ୧୭୯ ଓ ସମିତି ସଦସ୍ୟଙ୍କ ଲାଗି ୧୪୭ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ୨ଦିନ ଯାଞ୍ଚ ପ୍ରକ୍ରିୟା ଓ ଅନ୍ୟ ୨ଦିନ ପ୍ରତ୍ୟାହର ତାରିଖ ରହିଛି । ଏହି ୪ଦିନ ମଧ୍ୟରେ ଜିଲା ପରିଷଦ ପ୍ରାର୍ଥୀଭାବେ ତାଙ୍କ ଦଳର ବିଦ୍ରୋହୀ ପ୍ରାର୍ଥୀଙ୍କୁ ସନ୍ତୋଷ୍ଟ କରିବାଲାଗି ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି । ପଂଚାୟତର ସରପଂଚ ଓ ସଦସ୍ୟ ବିଦ୍ରୋହୀ ପ୍ରାର୍ଥୀଙ୍କ ଭୋଟ ଅନ୍ୟ ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ଚାଲିଯିବାର ସମ୍ଭବନା ରହିଛି । ତେଣୁ ରାଜନୈତିକ ଦଳ ଗୁଡିକ ଜିଲାପରିଷଦ ସଦସ୍ୟଙ୍କ ଲାଗି ଚିନ୍ତିତ ହୋଇ ପଡିଛନ୍ତି । ପ୍ରତ୍ୟେକ ରାଜନୈତିକ ଦଳରେ ନିର୍ଦ୍ଧାରିତ ପ୍ରାର୍ଥୀଙ୍କ ବ୍ୟତିତ ଅନ୍ୟ ହାରାହାରି ୨ସଦସ୍ୟ ରହିଛନ୍ତି । ଜଳେଶ୍ୱର ବ୍ଲକରେ ୪ ଜିଲାପରିଷଦ ସଦସ୍ୟ ଥିବା ବେଳେ ୪ଟି ରାନୈତିକ ଦଳରୁ ୧୫ ପ୍ରାର୍ଥୀ ଥିବା ବେଳେ ଅନ୍ୟ ୭ଜଣ ମଧ୍ୟ ସ୍ୱାଧିନ ପ୍ରାର୍ଥୀ ରହିଥିବାରୁ ଦଳିୟ ଚିହ୍ନରେ ଲଢୁଥିବା ସଦସ୍ୟମାନଙ୍କର ଦାୟିତ୍ୱ ବଢି ଯାଇଛି । ଫଳରେ ସେମାନେ ବିଦ୍ରୋହୀ ପ୍ରାର୍ଥୀଭାବେ ଛିଡା ହୋଇଥିବା ଅନ୍ୟ ସଦସ୍ୟମାନଙ୍କୁ ପ୍ରଭାବିତ କରୁଥିବା ଦେଖିବାକୁ ମିଳିଛି । ଆସନ୍ତା ଫେବୃଆରୀ ୧୬ ତାରିଖ ଠାରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବା ବେଳେ ସେଥିରେ ଜଳେଶ୍ୱର ବ୍ଲକ ରହିଥିବାରୁ ଉପରୋକ୍ତ ବିଦ୍ରୋହୀ ପ୍ରାର୍ଥୀମାନଙ୍କ ସମ୍ପର୍କରେ ଦଳୀୟ ପ୍ରାର୍ଥୀମାନେ ଅଧିକ ଚିନ୍ତାଗ୍ରସ୍ତ ହୋଇଛନ୍ତି ଓ ଦଳୀୟ ନେତୃବ୍ୟନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୂଚନାଯୋଗ୍ୟ ପ୍ରତିଦଳରେ ଗୋଷ୍ଠି କନ୍ଦଳ ପ୍ରାର୍ଥୀକୁ ନେଇ ବଢିବାରେ ଲାଗିଛି । ଯାହା ନେତୃବୃନ୍ଦକୁ ଅଡୁଆରେ ପକାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପୂର୍ବତନ ମନ୍ତ୍ରୀ ଅଂଜଳୀ ବେହେରା....

ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ଗଣମାଧ୍ୟମ ଠାରୁ ଦୂରେଇ ରହୁଥିବା ଏହି ନେତ୍ରୀ ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପଦ ହାତେଇବା ପାଇଁ ଲକ୍ଷ୍ୟ ରଖିଛନ୍ତି । ୩୦ ବର୍ଷ ଧରି ସାମରିକ କର୍ମଚାରୀ ଭାବେ କାର୍ଯ୍ୟ କରିଥିବା ସୁବେଦାର ମେଜର ଅଶୋକ କୁମାର ଜେନା ପଂଚାୟତରେ ପ୍ରାର୍ଥୀ ହୋଇଛନ୍ତି । ଚାକିରିରୁ ଅବସର ନେବା ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଟଲଦ ପଂଚାୟତରୁ ସରପଂଚ ପ୍ରାର୍ଥୀ ଭାବେ ନାମାଙ୍କନ କରିଛନ୍ତି । କାରର୍ଗିଲ ଯୁଦ୍ଧ ସାଙ୍ଗକୁ ବାଲେଶ୍ୱର କ୍ଷେପଣାସ୍ତ୍ର ଘାଟିରେ ସଫଳତାର ସହ କାର୍ଯ୍ୟ କରିଛନ୍ତି । ଆଗରୁ ଦେଶକୁ ଶତ୍ରୁ କବଳରୁ ରକ୍ଷା କରୁଥିଲେ ଏବେ ପଂଚାୟତକୁ ଦୁର୍ନୀତି କବଳରୁ ରୋକିବାକୁ ପଣ କରିଛନ୍ତି । ଚଳିତ ପଂଚାୟତ ପଲିଟିକ୍ସରେ ଅଂଶଗ୍ରହଣ କରିଥିବା ପାଠୁଆ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି, ବଲାଙ୍ଗୀର ଖପ୍ରାଖୋଲ ଝାକ୍ରିପାଲି ଗାଁର ସୁଭଦ୍ରା ସୁନା । ଏମ-କମ୍ ପାଠ ପଢିଥିବା ସୁଭଦ୍ରା ଚାରିକି ପଛରେ ନପଡି ପଂଚାୟତ ପ୍ରତିନିଧି ଭାବେ ବହୁଜନ ସମାଜ ପାର୍ଟିରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି । ସେହିପରି ବଲାଙ୍ଗୀର ଜୋନ୍ ୨୬ରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ଆଉ ଜଣେ ଶିକ୍ଷିତ ଯୁବତୀ ଦେବକୀ ତାଣ୍ଡି । ଏମବିଏ ପାଠ ଛାଡି ବହୁଜନ ସମାଜ ପାର୍ଟିରୁ ପ୍ରାର୍ଥୀ ହୋଇଛନ୍ତି । ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସର ପ୍ରାର୍ଥୀଙ୍କ ଅପେକ୍ଷା ଏହି ଦୁଇ ଉଚ୍ଚ ଶିକ୍ଷିତ ପ୍ରାର୍ଥୀଙ୍କୁ ନେଇ ଏବେ ବଲାଙ୍ଗୀର ଜିଲ୍ଲାରେ ଚର୍ଚ୍ଚା ବଢିବାରେ ଲାଗିଛି । ପାଠୁଆଙ୍କ ପଂଚାୟତ ଲଢେଇରେ ସାମିଲ ହୋଇଛନ୍ତି ସମ୍ବଲପୁରର ଉଚ୍ଚ ଶିକ୍ଷିତା ମହିଳା ସୁଜାତା ଖୁଂଟିଆ । ଜମନକିରା ଜୋନ୍ -୧ରୁ ବିଜେଡି ଟିକେଟରେ ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି ସୁଜାତା ।

## ବିବାଦରେ ବିଶ୍ୱେଶ୍ୱର ଟୁଡୁ....

ବିଶ୍ୱେଶ୍ୱର ଟୁଡୁଙ୍କ ନାଁରେ ବାରିପଦା ଟାଉନ ଥାନାରେ ଓଏଏସ ସଂଘ ଏତଲା ଦେଇଛି । ୩୨୩, ୩୨୫, ୩୪୧, ୨୯୪, ୫୦୬ ଆଦି ଦଫାରେ ମାମଲା ରୁଜୁ ହୋଇଛି । ବାରିପଦା ସଦର ଏସଡିପିଓ କହିଛନ୍ତି, ଆଇନ ଅନୁସାରେ ପଦକ୍ଷେପ ନିଆଯିବ । ଶୁକ୍ରବାର ଦିନ ଦୁଇ ସରକାରୀ ଅଧିକାରୀ ଅଶ୍ୱିନୀ କୁମାର ମଲ୍ଲିକ ଏବଂ ଦେବାଶିଷ ମହାପାତ୍ର, ମନ୍ତ୍ରୀଙ୍କ ଅଫିସରେ ପହଁଚିବା ପରେ ସେମାନଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଥିଲା । ଆହତ ହେବା ପରେ ସେମାନଙ୍କୁ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲରେ ଭର୍ତି କରାଯାଇଥିଲା । ତେବେ ଅଭିଯୋଗକୁ ଖଣ୍ଡନ କରିଥିଲେ କେନ୍ଦ୍ରମନ୍ତ୍ରୀ । ପୂର୍ବରୁ ମଧ୍ୟ ସରକାରୀ ଅଧିକାରୀଙ୍କୁ ଧମକ୍ ଓ ଗାଳି ଦେଇ ବିବାଦୀୟ ହୋଇଥିଲେ ।

## ବାଲେଶ୍ୱର ଓ ସୋନପୁରରେ....

ସୋର ଏବଂ ଖନ୍ତାପଡ଼ା ଥାନା ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ୩ ଜଣିଆ ଡାକ୍ତର ଦଳଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ ସେନ ଜଗଦେବ ଘଟଣାସ୍ଥଳକୁ ଯାଇ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ ସାଙ୍ଗକୁ ଡାକ୍ତରଖାନାକୁ ସ୍ଥାନାନ୍ତର ବ୍ୟବସ୍ଥା କରିଥିଲେ। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ସମ୍ପର୍କରେ ତଦାରଖ କରିଥିଲେ। ତେବେ ଏହି ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ୨ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ସେହିପରି ଆଜି ଭୋରରୁ ସୋନପୁର ମହାନଦୀ ବ୍ରିଜ୍ ଉପରେ ବୋଲେରୋ ଟ୍ରକ୍ ମୁହାଁମୁହିଁ ଧକ୍କାରେ ୫ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଆହତଙ୍କୁ ପ୍ରଥମେ ସୋନପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣାର ଶିକାର ହୋଇଥିବା ଲୋକେ ଉଲୁଣ୍ଡା ବ୍ଲକ ନିମ୍ନା ଗାଁରୁ ବିନିକା ବ୍ଲକ କୌଡ଼ିଆମୁଣ୍ଡା ଗାଁକୁ ବାହାଘର ଭୋଜି ଖାଇବାକୁ ଯାଇଥିଲେ । ବାହାଘର ଭୋଜି ଖାଇ ଫେରିବା ବେଳେ ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି । ରାତି ପ୍ରାୟ ସାଢେ ୧୨ରୁ ଗୋଟାଏ ଭିତରେ ମହାନଦୀ ପୋଲ ଉପରେ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ସେପଟେ ବସ୍ତାରେ ମଧ୍ୟ ଦୁର୍ଘଟଣାରେ ଜଣଙ୍କର ଜୀବନ ଯାଇଛି । ବାଇକୁ ଟ୍ରକ ପିଟି ଦେବା ଫଳରେ ଏହି ଅଘଟଣ ଘଟିଛି ।

## ନିର୍ବାଚନୀ ରାଲି ଓ ରୋଡ ଶୋ' ଉପରେ....

ତାରିଖରେ ହେବାକୁ ଥିବା ନିର୍ବାଚନର ପ୍ରଚାର ପାଇଁ କୋହଳ ନୀତି ପୋଷଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ପାଇଁ ରାଜନୀତିକ ଦଳ ଓ ପ୍ରାର୍ଥୀମାନେ ଜାନୁଆରୀ ୨୮ ପରଠାରୁ ସର୍ବସାଧାରଣରେ ମିଟିଂ ଓ ରାଲି କରିପାରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପାଇଁ ରାଜନୀତିକ ଦଳ ଓ ପ୍ରାର୍ଥୀମାନେ ଫେବୃଆରୀ ୧ ପରଠାରୁ ରାଲି କରିବାକୁ ଅନୁମତି ପାଇବେ। ପୂର୍ବରୁ ଡୋର ଟୁ ଡୋର ପ୍ରଚାର ପାଇଁ ସର୍ବାଧିକ ୫ ଜଣ ଲୋକଙ୍କୁ ଅନୁମତି ମିଳୁଥିଲା। ହେଲେ ଏବେ ଏହି ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। କୋଭିଡ କଟକଣା ମଧ୍ୟରେ ରାଜନୀତିକ ଦଳଗୁଡ଼ିକ ଭିଡିଓ ଭ୍ୟାନକୁ ପ୍ରଚାର ପାଇଁ ଖୋଲା ସ୍ଥାନରେ ବ୍ୟବହାର କରିପାରିବେ ବୋଲି କମିଶନ କହିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରା ୫ ରାଜ୍ୟ ପାଇଁ ନିର୍ବାଚନ ତାରିଖ ଘୋଷଣା କରିବା ବେଳେ ରାଲି ଓ ରୋଡ ଶୋ' ଉପରେ ଜାନୁଆରୀ ୧୫ ଯାଏ ରୋକ ଲଗାଇଥିଲେ। ଏହାପରେ ଏହି ଅବଧିକୁ ଜାନୁଆରୀ ୨୨ ଯାଏ ବୃଦ୍ଧି କରାଯାଇଥିଲା। ଆଜି ଏହି ଅବଧି ସରୁଥିବା ବେଳେ କମିଶନ ଏହାକୁ ୩୧ ତାରିଖ ଯାଏ ଦିନ ବଢ଼ାଇ ଦେଇଛନ୍ତି। କରୋନା କଟକଣାକୁ ଭାଙ୍ଗୁଥିବା ଲୋକଙ୍କ ବିରୋଧରେ ଯଦି ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବେ, ତା'ହେଲେ ନିର୍ବାଚନ କମିଶନ ବାଧ ହୋଇ ପଦକ୍ଷେପ ନେବେ। ନିର୍ବାଚନ କମିଶନ ଜାରି କରିଥିବା ଗାଇଡଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବା ଦାୟିତ୍ୱ ମୁଖ୍ୟ ଶାସନ ସଚିବ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାମ। ତେଣୁ ସେମାନେ ସ୍ଥିତି ଉପରେ ନଜର ରଖିବା ଦରକାର ବୋଲି କମିଶନର କହିଛନ୍ତି। ଜାନୁଆରୀ ୧୫ରେ କମିଶନ ବ୍ୟାନ ଅବଧି ୨୨ ତାରିଖ ଯାଏ ବୃଦ୍ଧି କରିଥିଲେ। ହେଲେ ଏହି ସମୟରେ ରାଜନୀତିକ ଦଳଗୁଡ଼ିକ ଇଣ୍ଡୋର ବୈଠକ ପାଇଁ ଅନୁମତି ଦେଇଥିଲେ। ଏଥିରେ ସର୍ବାଧିକ ୩୦୦ ଲୋକ ଯୋଗ ଦେଇପାରିବେ ବୋଲି କମିଶନ ସର୍ତ୍ତ ରଖିଛନ୍ତି।

## ମୁମ୍ବାଇରେ ଅଗ୍ନିକାଣ୍ଡ: ୭ ମୃତ....

ବିଲ୍ଡିଂରେ ନିଆଁ ଲାଗିବା ଦେଖି ସମସ୍ତଙ୍କ ମନରେ ଆତଙ୍କ ଖେଳି ଯାଇଥିଲା । ଦେଖୁ ଦେଖୁ ବିଲ୍ଡିଂର ୧୮ ନମ୍ବର ମହଲା ନିଆଁ କବଳରେ ଆସିଯାଇଥିଲା । ଘଟଣା ସ୍ଥଳରେ ମୁମ୍ବାଇ ମେୟର କିଶୋରୀ ପେଡନେକର ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହାସହ ଡାକ୍ତରଖାନାରେ ଆହତଙ୍କୁ ମଧ୍ୟ ଭେଟିଛନ୍ତି ମେୟର । ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି । ମୃତକ ପରିବାରକୁ ୨ ଲକ୍ଷ ଓ ଆହତ ପରିବାରଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ମୋଦୀ । ସେହିପରି ମହାରାଷ୍ଟ୍ର ସରକାର ମଧ୍ୟ ମୃତକଙ୍କ ପରିବାରଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ।

## ଢିଙ୍କିଆରେ ପୁଲିସର ନିର୍ଯାତନା....

ଆଜି ଢ଼ିଙ୍କିଆ ଗସ୍ତରେ ଅନ୍ୟମାନଙ୍କ ମଧ୍ୟରେ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜିବି ବିଶ୍ୱାଳ, ରାମଚନ୍ଦ୍ର ଖୁଂଟିଆ, ଗଣେଶ୍ୱର ବେହେରା, ଲଲାଟେନ୍ଦୁ ମହାପାତ୍ର, ନଟବର ବାରିକ,ଅରିନ୍ଦମ ସର୍ଖେଲ, ଅଭିଶେକ ମହାନନ୍ଦ, ଅଂଶୁମାନ ମହାନ୍ତି,ମନୋଜ ମହାପାତ୍ର, ଦୀପକ ମହାପାତ୍ର, ସୁବ୍ରତ ମହାପାତ୍ର, ବିପ୍ଳବ ଚୌଧୁରୀ, ସୁଭାଷ ଚନ୍ଦ୍ର ପ୍ରଧାନ, ଜଗତ ଜୀବନ ମହାନ୍ତି, ହରପ୍ରସାଦ ବେହେରା ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ଆଜି ପ୍ରଦେଶ କଂଗ୍ରେସ ପକ୍ଷରୁ ବିଜେଡ଼ି ଏଗନେଷ୍ଟ ଓଡ଼ିଶା ନାମରେ ଟ୍ୱିଟର ଟ୍ରେଣ୍ଡ ଚାଲିଥିଲା ଯାହାକି ସାରା ଭାରତରେ ପଂଚମ ସ୍ଥାନରେ ରହିଛି । ଏଥିରେ ଢ଼ିଙ୍କିଆ ପ୍ରସଙ୍ଗକୁ ହାଇଲାଇଟ କରାଯାଇଥିଲା ।

# ଲତା ମଂଗେସକରଙ୍କ ସ୍ୱାସ୍ଥ୍ୟରେ ଉନ୍ନତି

ମୁମ୍ବାଇ, ୨୨/୦୧ (ନି.ପ୍ର): ମସୁର ଗାୟିକା ଭାରତରତ୍ନ ଲତା ମଂଗେସକର (୯୨)ଙ୍କ ସ୍ୱାସ୍ଥ୍ୟରେ ଧିରେ ଧିରେ ସୁଧାର ଆସୁଛି । ଏହି ଖବର ମଂଗେସକର ପରିବାର ର ପ୍ରବକ୍ତା ଅନୁଷା ଅୟର ଦେଇଛନ୍ତି ।ଅନୁଷା ଅୟର କହିଛନ୍ତି ଯେ, ମଂଗେସକରଙ୍କ ସ୍ୱାସ୍ଥ୍ୟ ଗତ ୨ ସପ୍ତାହ ଧରି ସ୍ଥିର ରହିଥିଲା, କିନ୍ତୁ ଶୁକ୍ରବାର ରାତିରୁ ସ୍ୱାସ୍ଥ୍ୟରେ ସୁଧାର ଆସିବାରେ ଲାଗିଛି । ବ୍ରିଚ କେଣ୍ଡି ହସ୍ପିଟାଲରେ ଡ. ପ୍ରତୀତ ସମଦାନୀଙ୍କ ନେତୃତରେ ମେଡ଼ିକାଲ ଟିମ୍ ଲତା ଦିଦିଙ୍କୁ ଆଇସିୟୁରେ ଚିକିତ୍ସା କରୁଛନ୍ତି । ସେ ଲତା ଦିଦିଙ୍କ ବିଷୟରେ ଭୁଲ ତଥ୍ୟ ନ ଦେବାପାଇଁ ମିଡ଼ିଆଙ୍କୁ ଅନୋରଧ କରିଛନ୍ତି ।

# ୬୦ନଂ ଜାତୀୟ ରାଜପଥରେ ବାଇକ୍‌କୁ ପଛରୁ ପିଟିଲା ଟ୍ରକ୍ : ବାଇକ୍ ଚାଳକ ମୃତ

ଜଳେଶ୍ୱର ୨୨/୧(ନିପ୍ର): ୬୦ନଂ ଜାତୀୟ ରାଜପଥରରେ ଆଜି ଏକ ବାଇକ୍‌କୁ ପଛପଟୁ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେବାକୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖାଲିନା ଗ୍ରାମର ଯତିନ୍ଦ୍ର ନାଥ ସିଟ(୫୦) ପୂର୍ବାହ୍ନରେ ଏକବାଇକ୍ ଯୋଗେ ଅମର୍ଦାରୋଡ ଯାଉଥିଲେ । ବାଇକ୍ ନଂ ଓଡି.୦୧ଆର୍୯୨୦୧ ଥିବା ବେଳେ ଟ୍ରକ୍ ନଂ ଓଆର୍୦୧ଏଲ୍୯୯୨୭ ସୁବର୍ଣ୍ଣରେଖା ପୋଲ ଉପରେ ପଛପଟୁ ଧକ୍କା ଦେଇଥିଲା । କୁହୁଡି ହୋଇଥିବାରୁ ରାସ୍ତା ଠିକ୍‌ଭାବେ ଦୃଶ୍ୟ ହେଉନଥିବାରୁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷ ଦର୍ଶୀଙ୍କ ସୂତ୍ରରୁ ପ୍ରକାଶ । ବାଇକ୍‌ଟିକୁ ୫୦ମିଟର ଯାଏ ଘୋଷାରୀ ନେଇଥିବା ଜଣାଯାଇଛି । ଫଳରେ କିଛି ସମୟ ଧରି ଟ୍ରାଫିକ୍ ଜାମ୍ ହୋଇପଡିଥିଲା । ତାଙ୍କ ଅସହାୟ ବିଧବା ପତ୍ନୀ ଓ ପୁତ୍ରକନ୍ୟାକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି । ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି । ଗତ ଶୁକ୍ରବାର କୁହୁଡିଯୋଗୁଁ ରାସ୍ତା ଦେଖାଯାଉନଥିବା ବେଳେ ମଧୁବନ ଢାବାଠାରେ ଏକ ଧାନଟ୍ରକ ରାସ୍ତାକଡକୁ ଓଲଟି ପଡିଥିଲା । ଅନ୍ୟ ଏକ ଟ୍ରକ ସୁବର୍ଣ୍ଣରେଖା ପୋଲ ଉପରେ ଦୁର୍ଘଟଣା ଘଟାଇ ପଳାଇ ଯିବାକୁ ଚେଷ୍ଟା କରୁଥିବା ବେଳେ ଜଳେଶ୍ୱର ପୋଲିସ ତାକୁ କାବୁ କରିଛି । ଗୁରୁବାର ଦିନ ଚାଲନ୍ତିଠାରେ ଅନ୍ୟ ଏକ ଦୁର୍ଘଟଣାର ମାମଲା ଜଳେଶ୍ୱର ଥାନାରେ ହୋଇଥିବା ଜଣାଯାଇଛି ।

# ସରକାରଙ୍କ ଧାନ କିଣା ବ୍ୟବସ୍ଥା କେବଳ ହରିଲୁଟରେ ଚାଲିଛି

ଭୁବନେଶ୍ୱର,୨୨/୦୧ (ନି.ପ୍ର): ରାଜ୍ୟ ସରକାର ଖରିଫ୍ ଧାନକିଣା ପାଇଁ ନେଇଥିବା ନିଷ୍ପତି ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ । ମିଲ୍ ମାଲିକଙ୍କ ଦୟାରେ ଧାନ କିଣା ଯାଉଛି। ହଜାର ହଜାର ବସ୍ତା ଧାନ ମଣ୍ଡିରେ ପଡ଼ି ରହିଛି। ଧାନ କିଣାରେ ବିଳମ୍ବ ଯୋଗୁଁ ଅଦିନିଆ ବର୍ଷାଦ୍ୱାରା ମଣ୍ଡିରେ ପଡ଼ିଥିବା ଲକ୍ଷାଧିକ କ୍ୱିଣ୍ଟାଲ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି। ଏବେ ମଧ ଖୋଲା ଆକାଶ ତଳେ ଶୀତ କାକରରେ ଚାଷୀ ପଡ଼ି ରହିଛନ୍ତି। ବିଭିନ୍ନ ଆଳ ଦେଖାଇ ପ୍ରତି ବସ୍ତା ପିଛା ୩ ରୁ ୧୦ କେଜି ପର୍ଯ୍ୟନ୍ତ କଟନି ଛଟନି କରାଯାଉଛି। ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଓ କିଷାନ କଂଗ୍ରେସ ଦାୟିତ୍ୱରେ ଥିବା ପିସିସି ଉପସଭାପତି ତଥା କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂହ ସାଲୁଜାଙ୍କ ନେତୃତ୍ୱରେ ଏକ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଧାନ ମଣ୍ଡିର ସ୍ଥିତି ଅନୁଧ୍ୟାନ କରି ଫେରିବା ପରେ ଆଜି କିଷାନ କଂଗ୍ରେସ ପକ୍ଷରୁ ଏହି ଅଭିଯୋଗ କରାଯାଇଛି। ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକର ଚାଷୀ ଏଥିରେ ଗୁରୁତର କ୍ଷତି ସହିଥିବା ବେଳେ ବର୍ତ୍ତମାନ ଦକ୍ଷିଣ, ଉତ୍ତର ଓ ପୂର୍ବାଞ୍ଚଳ ଜିଲ୍ଲାଗୁଡ଼ିକରେ ଧାନ କିଣାରେ ଘୋର ଅବ୍ୟବସ୍ଥା ମଧ ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ମଣ୍ଡି ଖୋଲା ଯାଇ ନାହିଁ। ଆଉ କେତେକ ଜାଗାରେ ମଣ୍ଡି ଖୋଲା ଯାଇଥିଲେ ମଧ ଚାଷୀ ଧାନ ଆଣି ମଣ୍ଡିରେ ରହିଥିବା ବେଳେ ଚାଷୀଙ୍କ ଧାନ କିଣାଯାଉ ନାହିଁ। ଯଦି ସରକାର ଯୁଦ୍ଧକାଳୀନ ଭିତିରେ ଚାଷୀଙ୍କଠାରୁ ନିର୍ଦ୍ଧାରିତ ଏମ.ଏସ.ପି.ରେ ଧାନ ନ କିଣନ୍ତି ଚାଷୀର ଏହି କ୍ଷତି ପାଇଁ ଚଳିତ ପଂଚାୟତ ନିର୍ବାଚନରେ ସରକାରଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ରାଜ୍ୟ କଂଗ୍ରେସ କୃଷକ ସେଲ୍ ପକ୍ଷରୁ ଅଧ୍ୟକ୍ଷ ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କିଷାନ କଂଗ୍ରେସ ନେତା ରଘୁନାଥ ପଲିଆ, ନରେନ୍ଦ୍ର ପଣ୍ଡା, ସ୍ୱପ୍ନେଶ୍ୱର ପୃଷ୍ଟି, ସାନନ୍ଦ ମିଶ୍ର, ସମରେନ୍ଦ୍ର ପରିଚ୍ଛା, ସରୋଜ ରଥ, ପ୍ରିୟବ୍ରତ ପ୍ରଧାନ, ସୁବର୍ଣ୍ଣପୁ ଜିଲ୍ଲା କଂଗ୍ରେସ ସଭାପତି ଗୌରୀ ଶଙ୍କର ପଣ୍ଡା, ବଲାଙ୍ଗୀର ଜିଲ୍ଲା ସଭାପତି ଦିଲ୍ଲୀପ ବେହେରା, କଳାହାଣ୍ଡି ଜିଲ୍ଲା ସଭାପତି ଭାରତ ବେମାଲ ଓ ବରିଷ୍ଠ କଂଗ୍ରେସ ନେତା ପିସିସି ପ୍ରବକ୍ତା ସମରେନ୍ଦ୍ର ମିଶ୍ର ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ ବିଭିନ୍ନ ବ୍ଲକର ଚାଷୀ ପ୍ରତିନିଧିମାନେ ମଣ୍ଡି ଗସ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ଉପକୂଳ ଅଞ୍ଚଳର ଅନ୍ୟତମ ସଙ୍ଗଠକ

ବାଲେଶ୍ୱର,୨୨/୦୧ (ନି.ପ୍ର): ପୂର୍ବତନ ବିଧାୟକ ସ୍ୱର୍ଗତ ଅରୁଣ ଦେଙ୍କ ଏକାନ୍ତ ସହଯୋଗୀ ତଥା ସଦର ବ୍ଲକର ଉପକୂଳ ପଞ୍ଚାୟତମାନଙ୍କରେ ବିଶିଷ୍ଟ ସମାଜସେବୀ ତଥା ସୁସଙ୍ଗଠକ ବର୍ଦ୍ଧନପୁରର ବାବୁରାମ ବଳଙ୍କ ୭୮ ବର୍ଷ ବୟସରେ ଗତକାଲି ପରଲୋକ ହୋଇଯାଇଛି। ଗତ କିଛିମାସ ଧରି ସେ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଘରେ ଚିକିତ୍ସାଧୀନ ଥିଲେ। ଗତକାଲି ହଠାତ ଅସୁସ୍ଥ ହୋଇପଡ଼ିବା ସହ ରାତି ପ୍ରାୟ ୧୨ଟା ୪୫ ମିନିଟରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ମୃତ୍ୟୁ ଖବର ପାଇ ଆଖପାଖ ପଞ୍ଚାୟତବାସୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶନିବାର ସକାଳେ ବର୍ଦ୍ଧନପୁରସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କର ପ୍ରାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ବଳ ବଂଶର ନିଜସ୍ୱ ଶ୍ମଶାନରେ ଶୋକାକୂଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ୧୯୪୪ ମସିହାରେ ପିତା ରାମଚନ୍ଦ୍ର ବଳଙ୍କ ତୃତୀୟ ପୁତ୍ର ଭାବେ ଜନ୍ମ ହୋଇଥିଲେ ସେ। ବାଲ୍ୟ ଶିକ୍ଷା ସମାପ୍ତ ପରେ ରେଳବାଇ ପୁଲିସ କନଷ୍ଟେବଲ ଭାବେ ଚାକିରି ଆରମ୍ଭ କରିଥିଲେ ସେ। ମାତ୍ର କିଛିବର୍ଷ ପରେ ଚାକିରି ଛାଡ଼ି ଗାଁ'କୁ ଫେରି ସମାଜସେବାକୁ ନିଜର ବ୍ରତ ଭାବେ ଗ୍ରହଣ କରିଥିଲେ ସେ। କମ୍ୟୁନିଷ୍ଟ ଆଦର୍ଶରେ ଅନୁପ୍ରାଣୀତ ହୋଇ ଅରୁଣ ଦେଙ୍କ ଏକାନ୍ତ ସହଯୋଗୀ ହୋଇ ଯାଇଥିଲେ। ସମାଜର ଅବହେଳିତ ବର୍ଗଙ୍କ ପାଇଁ ଦେବଦୂତ ସାଜି ପଞ୍ଚାୟତ ଆଖପାଖ ପଞ୍ଚାୟତ ନିର୍ବାଚନରେ ସେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ। ଏମିତିକି ସ୍ୱର୍ଗତ ସୁଧାଂଶୁ ପଣ୍ଡାଙ୍କୁ ବି ସେ ରାଜନୀତି ଆଣି ସରପଞ୍ଚ ଭାବେ ନିର୍ବାଚିତ କରିପାରିଥିଲେ। ସଦର ବ୍ଲକ ଅଞ୍ଚଳରେ ସୁଧାଂଶୁ ପଣ୍ଡା ଓ ବାବୁରାମ ବଳଙ୍କ ଯୋଡ଼ି ସେତେବେଳେ ସମସ୍ତଙ୍କ ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ଥିଲା। ଜଣେ ଆଦର୍ଶବାଦୀ, ସୁସଙ୍ଗଠକ, ମେଳାପୀ ତଥା ପରୋପକାରୀ ବ୍ୟକ୍ତିତ୍ୱ ଭାବେ ତାଙ୍କର ପରଲୋକରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।

## ସମାଜସେବୀ ବାବୁରାମ ବଳଙ୍କ ପରଲୋକ



ବାଲେଶ୍ୱର,୨୨/୦୧ (ନି.ପ୍ର): ପୂର୍ବତନ ବିଧାୟକ ସ୍ୱର୍ଗତ ଅରୁଣ ଦେଙ୍କ ଏକାନ୍ତ ସହଯୋଗୀ ତଥା ସଦର ବ୍ଲକର ଉପକୂଳ ପଞ୍ଚାୟତମାନଙ୍କରେ ବିଶିଷ୍ଟ ସମାଜସେବୀ ତଥା ସୁସଙ୍ଗଠକ ବର୍ଦ୍ଧନପୁରର ବାବୁରାମ ବଳଙ୍କ ୭୮ ବର୍ଷ ବୟସରେ ଗତକାଲି ପରଲୋକ ହୋଇଯାଇଛି। ଗତ କିଛିମାସ ଧରି ସେ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଘରେ ଚିକିତ୍ସାଧୀନ ଥିଲେ। ଗତକାଲି ହଠାତ ଅସୁସ୍ଥ ହୋଇପଡ଼ିବା ସହ ରାତି ପ୍ରାୟ ୧୨ଟା ୪୫ ମିନିଟରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ମୃତ୍ୟୁ ଖବର ପାଇ ଆଖପାଖ ପଞ୍ଚାୟତବାସୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶନିବାର ସକାଳେ ବର୍ଦ୍ଧନପୁରସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କର ପ୍ରାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ବଳ ବଂଶର ନିଜସ୍ୱ ଶ୍ମଶାନରେ ଶୋକାକୂଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜଣେ ଆଦର୍ଶବାଦୀ, ସୁସଙ୍ଗଠକ, ମେଳାପୀ ତଥା ପରୋପକାରୀ ବ୍ୟକ୍ତିତ୍ୱ ଭାବେ ତାଙ୍କର ପରଲୋକରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।

# କବି କାଳୀପଦ ପଣ୍ଡା ପାଇଲେ 'ବାଣୀଶ୍ରୀ ସମ୍ମାନ'

ବାଲେଶ୍ୱର, ୨୨/୦୧ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡାଙ୍କୁ ସମ୍ପ୍ରତି ବସ୍ତା ନିକଟବର୍ତ୍ତୀ ସିଂଲା ଠାରେ ପ୍ରତିଷ୍ଠିତ ବଂଶୀଧର ପାଠାଗାର ଓ ପଠନକେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ୧୯ତମ ବାର୍ଷିକ ମକର ମିଳନ ଉତ୍ସବ - ୨୦୨୨ରେ 'ବାଣୀଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଛି । ପାଠାଗାରର ପ୍ରତିଷ୍ଠାତା ଯୋଗୀ ବଂଶୀଧର ମିଶ୍ରଙ୍କ ଉପସ୍ଥିତିରେ ଏହି ବାର୍ଷିକ ସାରସ୍ୱତ ଲେଖକ, କଳାକାର ଓ ପାଠକ ସମ୍ମେଳନର ଉଦ୍‌ଘାଟନ ଅଧିବେଶନରେ ଓଡ଼ିଶାର ପୂର୍ବତନ ପୋଷ୍ଟମାଷ୍ଟର ଜେନେରାଲ୍ ସନ୍ତୋଷ କୁମାର କାମିଲାଙ୍କ ହସ୍ତରୁ ଶ୍ରୀ ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ । ପ୍ରତିବର୍ଷ



ବଂଶୀଧର ପାଠାଗାର ପକ୍ଷରୁ ଜଣେ ବିଶିଷ୍ଟ ସାହିତ୍ୟିକଙ୍କୁ ବାଣୀଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥାଏ । ଚଳିତବର୍ଷ ପାଠାଗାର ପକ୍ଷରୁ ବିଭୁଦତ୍ତ କର ପ୍ରଦତ୍ତ ଶରତଚନ୍ଦ୍ର କର ସ୍ମାରକୀ 'ବାଣୀଶ୍ରୀ' ସମ୍ମାନକୁ ଶ୍ରୀ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା । ଦୂରଦର୍ଶନକେନ୍ଦ୍ର ଭୁବନେଶ୍ୱର, ଆକାଶବାଣୀ କଟକରେ ତାଙ୍କର ଅନେକ କବିତା ଓ ପ୍ରବନ୍ଧ ପ୍ରଚାରିତ । ଜଣେ ସାରସ୍ୱତ ସଂଗଠକ ଭାବରେ ଫକୀରମୋହନ ସାହିତ୍ୟ ପରିଷଦ ଠାରୁ ଆରମ୍ଭ କରି ଉତ୍କଳ ସାହିତ୍ୟ ସମାଜ, ଲେଖକ ସାମ୍ମୁଖ୍ୟ, ଲେଖକ ସମବାୟ ସମିତି ପ୍ରଭୃତି ବିବିଧ ଅନୁଷ୍ଠାନ ସହ ସଂପ୍ରତି ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖାର ସଂପାଦକ ଭାବେ କାର୍ଯ୍ୟରତ । ଶ୍ରୀ ପଣ୍ଡାଙ୍କୁ ଏଥିପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

# ଜ୍ଞାନଶ୍ରୀ ପକ୍ଷରୁ ଇ-ମହିଳା ପତ୍ରିକା 'କୁମାରୀ' ଲୋକାର୍ପିତ

ବାଲେଶ୍ୱର,୨୨/୦୧ (ନି.ପ୍ର): ଜ୍ଞାନଶ୍ରୀ ପକ୍ଷରୁ ମାସିକ ମହିଳା ଓଡ଼ିଆ ଇ-ପତ୍ରିକା 'କୁମାରୀ' ସ୍ଥାନୀୟ ନାରୀସଙ୍ଘ ପରିସରରେ ଶନିବାର ଲୋକାର୍ପଣ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ 'କୁମାରୀ' ଇ-ପତ୍ରିକାକୁ ଲୋକାର୍ପଣ କରିଥିଲେ। ଯୁବପିଢ଼ିଙ୍କୁ ଭାଷା ସାହିତ୍ୟ ପ୍ରତି ଆକୃଷ୍ଟ ବୃଦ୍ଧିରେ ଏହି ପତ୍ରିକା ବେଶ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ବିଶେଷ କରି ମୋବାଇଲ ମାଧ୍ୟମରେ ବି ଯୁବଗୋଷ୍ଠୀ ଏହି ପତ୍ରିକାକୁ ପଢ଼ି ପାରିବେ ବୋଲି ଶ୍ରୀମତୀ ଜେନା କହିଥିଲେ। କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହିଭଳି ଇ-ପତ୍ରିକା ପ୍ରକାଶ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ତେବେ ଏହା ନିୟମିତ ପ୍ରକାଶ ପାଇଲେ ବୃହତର ପାଠକ ଗୋଷ୍ଠୀ ଉପକୃତ ହୋଇ ପାରନ୍ତେ ବୋଲି ଶ୍ରୀ ଦାସ ମତ ପ୍ରକାଶ କରିଥିଲେ। ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳ, ପତ୍ରିକାର ଉପଦେଷ୍ଟା ଡାକ୍ତର ଅଭିମନ୍ୟୁ କାନୁନଗୋ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ପତ୍ରିକାର ସମ୍ପାଦକ ପ୍ରଶାନ୍ତ କୁମାର ପଟେଲ ଏହି ଲୋକାର୍ପଣ ଉତ୍ସବରେ ସଭାପତିତ୍ୱ କରିଥିଲେ। ଚିରନ୍ତନ ବାନାର୍ଜୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କୈଳାସ ମଲିକ, ସପନ ସିଂ, ହିମାଂଶୁ ଜେନା, ସ୍ୱସ୍ତିକ ମହାପାତ୍ର, ଶିବଶଙ୍କର ଜେନା ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ପରେ କବି ସୁଧାକର ସେଠୀଙ୍କ ସଂଯୋଜନାରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥରେ ବହୁ କବି ଓ କବୟିତ୍ରୀ ଏଥିରେ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ।

# ଗୋଟିଏ ଦିନରେ ୮୮୪୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୨/୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୮୪୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୮୭୨୯୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୯୨୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୯୯ ହଜାର ୪୨୩ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୮୧୫୦ ରହିଛି । ଆଜି ଚିହ୍ନଟ ହୋଇଥିବା ୮୮୪୫ ଜଣଙ୍କ ମଧ୍ୟରୁ ୫୧୨୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୭୧୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୫୨୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୬୦, ବାଲେଶ୍ୱର ଜିଲ୍ଲାରୁ ୨୯୦ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୪୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୧୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲାରୁ ୨୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୯୩ , କଟକରୁ ୬୨୮ ସଂକ୍ରମିତ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ୫୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧୦୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୯୨, ଗଂଜାମ ଜିଲ୍ଲାରେ ୫୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୮୦, ଯାଜପୁରରୁ ୨୦୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୪୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୨୩୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୧୦୯ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୯୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୧୧୦ , ଖୋର୍ଦ୍ଧାରୁ ୨୫୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୨୦୩ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୮୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୯୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୨୦୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୧୬୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୨୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୮୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୨୦୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୧୦୦୧, ଷ୍ଟେଟ୍ ପୁଲରୁ ୫୦୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ବହୁ ପୋଚ ନଷ୍ଟ ସହ ଦେଶୀମଦ ଜବତ



ନୀଳଗିରି, ୨୨/୦୧ (ନି.ପ୍ର): ବାଲେଶ୍ୱର ଅବାକରୀ ବିଭାଗ ଓ ନୀଳଗିରି ସହିତ ଔପଦା ଓ ଖଇରା ଅବକାରୀ ବିଭାଗର ମିଳିତ ଚଢ଼ାଉ କରାଯାଇ୨୫୦୦ ଲିଟର ପୋଚ ନଷ୍ଟ କରିବା ସହ ୧୫୦ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ବାଲେଶ୍ୱର ଅବକାରୀ ଇନିସ୍‌ପେକ୍ଟର ନାରାୟଣ ବେହେରାଙ୍କ ନେତୃତ୍ୱରେ ବାଲେଶ୍ୱର ମୋବାଇଲ ସ୍କ୍ୱାର୍ଡ, ନୀଳଗିରି ଅବକାରୀ ଓ.ଆଇ.ସି., ଖଇରା ଅବକାରୀ ଓ.ଆଇ.ସି. ସମେତ ବହୁ ଅବକାରୀ କର୍ମଚାରୀ କୁଲଡିହା ଅଭୟାରଣ୍ୟ ନିକଟସ୍ଥ ସିଆଡ଼ିମାଳ, ବନ୍ଧସାହି, ବାବନ୍ଧ ଅଚଂଳରେ ଚାଲିଥିବା ବେଆଇନ ମଦ ପ୍ରସ୍ତୁତି ସ୍ଥାନ ଉପରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରେ ୨୫୦୦ ଲିଟର ମଦ ପୋଚ ନଷ୍ଟ କରିବା ସହ ୧୫୦ଲିଟର ଦେଶୀ ମଦ ଜବତ କରିବା ବେଳେ ମଦ ବହୁଥିବା ଟ୍ୟୁବ, ଅନ୍ୟାନ୍ୟ ସାମଗ୍ରୀ ଅବକାରୀ ବିଭାଗ ଜବତ କରିଛି । ତେବେ ଅଭିଯୁକ୍ତମାନେ ଫେରାର ହୋଇଯିବାର ସକ୍ଷମ ହୋଇଥିଲେ ।

# ପୁରୀ ପୌରାଞ୍ଚଳରୁ ୫୦ ସଂକ୍ରମିତ ଚିହ୍ନଟ

ପୁରୀ,୨୨/୦୧ (ନି.ପ୍ର): ଆଜି ଜିଲ୍ଲାରୁ ୧୬୫ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲ୍ଲାର ଚିହ୍ନଟ ସଂକ୍ରମିତମାନଙ୍କ ମଧ୍ୟରୁ କେବଳ ପୁରୀ ସହରର ସଂକ୍ରମିତଙ୍କ ସଂଖ୍ୟା ୫୦ ରହିଛି। ଏତଦ୍‌ବ୍ୟତୀତ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରୁ ୭ଜଣ,ବ୍ରହ୍ମଗିରିରୁ ୩ ଜଣ, ଡ଼େଲାଙ୍ଗରୁ ୧୧ଜଣ,ଗୋପରୁ ୧୧ଜଣ,କାକଟପୁରରୁ ୮ଜଣ,କଣାସରୁ ୩ଜଣ, ନିମାପଡ଼ାରୁ ୬ଜଣ,ନିମାପଡ଼ା ଏନ୍‌ଏସିରୁ ଜଣେ,ପିପିଲିରୁ ୧୪ଜଣ,ପିପିଲି ଏନ୍‌ଏସିରୁ ୫ଜଣ,ପୁରୀ ସଦରରୁ ୨୨ଜଣ ଓ ସତ୍ୟବାଦୀରୁ ୨୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଅନ୍ୟଜିଲ୍ଲାର ଚିହ୍ନଟ ସଂକ୍ରମିତ ମଧ୍ୟରେ ଅନୁଗୁଳର ଜଣେ ଥିବା ଜଣାଯାଇଛି। ସୂଚନାଯୋଗ୍ୟଯେ, ସଂକ୍ରମଣର ଭୟବହତାକୁ ଅଖି ଆଗରେ ରଖି ଗତ୧୦ତାରିଖରୁ ଆସନ୍ତାଜାନୁୟାରୀ ୩୧ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରଖିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିବାବେଳେ ସ୍ୱର୍ଗଦ୍ୱାରରେ ଜିଲ୍ଲାବାହାର ଲୋକଙ୍କ ଶବଦାହ ଓ ମହୋଦଧିରେ ଅସ୍ଥି ବିସର୍ଜନରେ ମଧ ପ୍ରଶାସନିକ କଟକଣା ଜାରି କରାଯାଇଛି।

# ଜଳେଶ୍ୱର ବ୍ଲକର ସରପଂଚ ପଦବୀରେ ନାହିଁ ସଂରକ୍ଷଣ ବ୍ୟବସ୍ଥା

ଜଳେଶ୍ୱର, ୨୨/୧(ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ ଅନୁଷ୍ଠିତ ହେଉଥିବା ତ୍ରିସ୍ତରୀୟ ନିର୍ବାଚନରେ ସରପଂଚ ପଦବୀଲାଗି ସାମ୍ବିଧାନୀକ ବିଧିବ୍ୟବସ୍ଥା ଅନୁଯାୟୀ ସଂରକ୍ଷଣ ହୋଇନଥିବାରୁ ଆଜି ଆଉଜଣେ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ସମିତି ସଦସ୍ୟ ଓ ଜିଲାପରିଷଦ ପଦବୀରେ ସଂରକ୍ଷଣ ବ୍ୟବସ୍ଥା ଥିବା ବେଳେ ସରପଂଚଙ୍କ ଲାଗି ଉଦ୍ଦିଷ୍ଟ ନ ଥିବାରୁ ଏହି ମାମଲା ରୁଜୁ ହୋଇଥିବାର ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା କହିଛନ୍ତି । ଜଳେଶ୍ୱର ବ୍ଲକରେ ୩୫ଟି ପଂଚାୟତ ଥିଲା ବେଳେ ସରପଂଚ ପଦବୀଲାଗି ଆଦିବାସୀଙ୍କ ଲାଗି ପଦବୀ ସଂରକ୍ଷଣ ହୋଇନାହିଁ । ସରକାରଙ୍କ ନିୟମ ଅନୁଯାୟୀ ଜନସଂଖ୍ୟାର ୨୨.୫ ଲୋକେ ସଂପୃକ୍ତ ଗୋଷ୍ଠିର ହୋଇଥିଲେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବାକଥା । ପଂଚାୟତ ଆଇନ୍ ୧୯୬୪ ଧାରା ୧୦ ଅନୁଯାୟୀ ଏପରି ସଂରକ୍ଷଣ ରଖାଯିବା ନିୟମ ରହିଛି । କିନ୍ତୁ ଜଳେଶ୍ୱର ବ୍ଲକରେ ଏପରି ବ୍ୟବସ୍ଥା ହୋଇନଥିବାରୁ ଆଜି ଚୁରମରା ଗାଁର ପ୍ରଭାକର ହାଁସଦାଙ୍କ ନେତୃତ୍ୱରେ ଏକ ମାମଲା ଉଚ୍ଚ ନ୍ୟାୟାଳୟରେ ଦାୟାର ହୋଇଥିଲା । ଡବ୍ଲୁପିସି ନଂ ୧୯୭୯/ ୨୦୨୨ ରେ ଏହି ମାମଲା ରୁଜୁ ହୋଇଥିବା ବେଳେ ସାମ୍ବିଧାନିକ ବ୍ୟବସ୍ଥାର କ୍ଷୁଣ୍ଣୟ ହୋଇଥିବା ଆଇନ୍‌ଜିବୀ ଶ୍ରୀ ଜେନା କହିଛନ୍ତି । ପ୍ରକାଶ ଯୋଗ୍ୟ ଏହା ପୂର୍ବରୁ ଏ ସମ୍ପର୍କରେ ଅନ୍ୟ ୩ଟି ମାମଲା ଉଚ୍ଚ ନ୍ୟାୟାଳରେ ବିଚାରାଧିନ ଅଛି ।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ବିକଳ ସ୍ଥିତି

■ ଦଳୀୟ କନ୍ଦଳରୁ ଜିଲ୍ଲାରେ ସମାନ୍ତରାଳ ପ୍ରାର୍ଥୀଙ୍କ ସଂଖ୍ୟା ବଢ଼ିଛି

■ ୨୫ ତାରିଖ ପୂର୍ବରୁ ଅସନ୍ତୁଷ୍ଟଙ୍କୁ ମନାଇବାକୁ ଆରମ୍ଭ ହୋଇଛି ଉଦ୍ୟମ

ବାଲେଶ୍ୱର,୨୨/୦୧ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗତକାଲି ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଶନିବାର କାମାଙ୍କନ ଯାଞ୍ଚ ଚାଲିଛି। ତେବେ ଚଳିତ ନିର୍ବାଚନରେ ବାଲେଶ୍ୱର ଜିଲାର ବିଭିନ୍ନ ପଦ ପାଇଁ ମୋଟ ୧୫,୯୨୧ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ବେଳେ ଯାଞ୍ଚରେ ସଂଶୋଧନ ପାଇଁ ପ୍ରାର୍ଥୀମାନଙ୍କୁ ସୁଯୋଗ ଦିଆଯାଉଥିବା ପରିଲକ୍ଷିତ ହୋଇଛି । ଏଥିରେ ୯୮୭୦ ଓ୍ୱାର୍ଡ଼ସଭ୍ୟ ପାଇଁ ୧୨,୨୭୯, ୩୫୬ ସରପଞ୍ଚ ପଦ ପାଇଁ ୧୮୯୨,୩୫୬ ସମିତି ସଭ୍ୟ ପଦ ପାଇଁ ୧୫୧୪ ଓ ୪୫ ଜିଲା ପରିଷଦ ସଭ୍ୟ ପଦ ପାଇଁ ୨୩୬ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତେବେ ଏଥର ନିର୍ବାଚନରେ ଜିଲା ପରିଷଦ ସଭ୍ୟ ସମେତ ସରପଞ୍ଚ ଓ ଓ୍ୱାର୍ଡ଼ସଭ୍ୟ ପଦ ପାଇଁ ଦାଖଲ ସର୍ବାଧିକ ପ୍ରାର୍ଥିପତ୍ର ଦଳୀୟ ଅନ୍ତକନ୍ଦଳକୁ ଯେ ପଦାରେ ପକାଇଛି, ଏହାକୁ କେବେ ଅସ୍ୱୀକାର କରାଯାଇ ନପାରେ। ଦଳୀୟ ଟିକଟ ପାଇନଥିବା କିଛି ଅସନ୍ତୁଷ୍ଟ ଆଶାୟୀ ଜିଲା ପରିଷଦ ପଦରେ ସମାନ୍ତରାଳ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ସରପଞ୍ଚ ପଦରେ ଏକାଧିକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବା ନେତାଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଦୀର୍ଘଦିନ ଧରି ଦଳର ଶୃଙ୍ଖଳିତ ଛାମୁଆ କର୍ମୀ ଭାବେ ସଙ୍ଗଠନ ଦାୟିତ୍ୱ ତୁଲାଇ ଆସିଥିବା କର୍ମୀଙ୍କୁ ଚଳିତ ନିର୍ବାଚନରେ ପ୍ରାର୍ଥୀ କରା ନଯିବା ଯୋଗୁଁ ଅଧିକାଂଶ ପଞ୍ଚାୟତରେ ସମାନ୍ତରାଳ ପ୍ରାର୍ଥୀ ଉପନୀତ ହୋଇଥିବା ଜଣାପଡ଼ିଛି। ଚଳିତ ନିର୍ବାଚନରେ ପ୍ରାୟ ପ୍ରତ୍ୟେକ ଦଳ ପକ୍ଷରୁ ଉଚ୍ଚଶିକ୍ଷିତ ସହ ଅର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ବିଶେଷଙ୍କୁ ପ୍ରାର୍ଥୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ମାତ୍ର ଦୀର୍ଘଦିନରୁ ଦଳ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିଆସୁଥିବା କର୍ମୀଙ୍କୁ ଉପେକ୍ଷା କରାଯିବା ଯୋଗୁଁ ନିର୍ବାଚନରେ ଏଭଳି ସମାନ୍ତରାଳ ପ୍ରାର୍ଥୀ ନାମାଙ୍କନ ପରିସ୍ଥିତି ସୃଷ୍ଟି ହୋଇଛି। ସେହିଭଳି କେତେକ ବ୍ଲକରେ ଉପୁଜିଥିବା ଦଳୀୟ କନ୍ଦଳ ଯୋଗୁଁ ସମାନ୍ତରାଳ ପ୍ରାର୍ଥୀଙ୍କ ନାମାଙ୍କନ ପାଇଁ ସୁଯୋଗ ଦେଇଥିବା କୁହାଯାଉଛି। କେତେକ ସ୍ଥାନରେ ଦଳର ସଭାପତି ସହ ବ୍ଲକ ସ୍ତରୀୟ ନେତା ଓ ସ୍ଥାନୀୟ କ୍ଷମତାସୀନ ଲୋକପ୍ରତିନିଧିଙ୍କ ମଧ୍ୟରେ ଦୀର୍ଘଦିନରୁ ଚାଲିଥିବା ଶୀତଳ ଯୁଦ୍ଧ ମଧ୍ୟ ସମାନ୍ତରାଳ ପ୍ରାର୍ଥୀ ନାମାଙ୍କନର ଆଉ ଏକ କାରଣ ହୋଇଛି। ଏହି ସ୍ଥିତି ବାଲେଶ୍ୱରର ସକ୍ରିୟ ଥିବା ପ୍ରାୟ ସମସ୍ତ ରାଜନୈତିକ ଦଳରେ ପରିଲକ୍ଷିତ ହୋଇଛି। ୨୫ ତାରିଖ ପୂର୍ବରୁ ଅସନ୍ତୁଷ୍ଟଙ୍କୁ ମନାଇ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ରାଜନୈତିକ ଦଳଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡ଼ିଛି। ନାମାଙ୍କନ ପରଠାରୁ ଅସନ୍ତୁଷ୍ଟ ପ୍ରାର୍ଥୀଙ୍କୁ ଛାମୁଆ କର୍ମୀମାନେ ବୁଝାସୁଝା କରୁଛନ୍ତି। ଏମିତିକି ଆଜି ଯାଞ୍ଚ ବେଳେ ବି କିଛି କିଛି ପଞ୍ଚାୟତର ଅସନ୍ତୁଷ୍ଟ ପ୍ରାର୍ଥୀଙ୍କୁ ସେଠାକାର କର୍ମୀମାନେ ଏକାନ୍ତକୁ ଡାକିନେଇ ବୁଝାଉଥିବା ଦେଖିବାକୁ ମିଳିଥିଲା। ୨୫ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ନ ହେଲେ ନିର୍ବାଚନ ଫଳାଫଳ ବିପକ୍ଷ ଦଳ ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ ଯିବ, ଏଥିରେ କାହାର ଦ୍ୱିମତ ନାହିଁ।

## ମଦ ଜବତ : ମହିଳା ଗିରଫ

ପୁରୀ,୨୨/୦୧ (ନି.ପ୍ର): ଚୋରାରେ ମଦ ବିକ୍ରି କରୁଥିବା ଅଭିଯୋଗରେ ତେଲେଙ୍ଗାସାହି ରାମଚଣ୍ଡିବସ୍ତିର ସୁପ୍ରିୟା ଜେନା (୨୨)ନାମ୍ନି ଜଣେ ମହିଳାକୁ କୁମ୍ଭାରପଡ଼ା ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ନିକଟରୁ ଦୁଇଟି ଜରିବ୍ୟାଗରେ ଥିବା ୬ଟି ବାକାଡ଼ି ଲେମନ୍, ୬ଟି ଷ୍ଟଲିନ୍ ରିଜର୍ଭ,୧୧ଟା ମ୍ୟାଗଡ୍ରୋଲ ରମ୍,୫ଟି ଗ୍ଲଡ଼ିଅସ୍ ରମ୍ (ପ୍ରତ୍ୟେକ ୧୮୦ମିଲିଲିଟର ଲେଖାଏଁ) ଓ ୧୨ ବୋତଲ ଆସ୍କାଫଂଟି ଜବତ କରାଯାଇଛି। ଆଜି ସକାଳେ ଏଏସ୍‌ଆଇ ପ୍ରମୋଦ କୁମାର ଦଳାଇ ଥାନାର ଅନ୍ୟ କର୍ମଚାରୀମାନଙ୍କ ସହିତ ପାଟ୍ରୋଲିଂ କରୁଥିବା ସମୟରେ ତେଲେଙ୍ଗାସାହି ରାମଚଣ୍ଡି ବସ୍ତିରେ ଚୋରାରେ ମଦ ବିକ୍ରି ହେଉଥିବା ଖବର ପାଇଥିଲେ। ସୂଚନା ଆଧାରରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘରବାରଣ୍ଡାରେ ମଦ ବିକ୍ରି କରୁଥିବା ସୁପ୍ରିୟାକୁ ଧରିଥିଲେ।

# ଅତଡ଼ା ଖାଉଛି ସଜନାଗଡ଼ ବଡ଼ପୋଲ !

ନୀଳଗିରି, ୨୨/୦୧ (ନି.ପ୍ର): ୧୯ନଂ. ରାଜ୍ୟ ରାଜପଥର ନୀଳଗିରି ନିକଟ ସଜନାଗଡ଼ ଠାରେ ନିର୍ମାଣଧୀନ ନୂତନ ଘାଗରା ପୋଲ କାର୍ଯ୍ୟ ଚାଲୁଥିବା ବେଳେ ପୁରୁଣା ପୋଲ ପାର୍ଶ୍ୱରେ ଥିବା ମାଟିକୁ ଜନୈକ ଠିକାଦାର ଜେସିବି ସାହାଯ୍ୟରେ ଭୁଲବଶତଃ ଅଧିକ ତାଡ଼ି ଦେଇଥିବାରୁ ଏବେ ପୋଲ ଉପରେ ଭାରିଯାନ ଚଳପ୍ରଚଳ ଫଳରେ ପୋଲର ଗୋଟିଏ ପାର୍ଶ୍ୱରୁ ମାଟି ଅତଡ଼ା ଖସି ପଡୁଛି। ଫଳରେ ପୁରୁଣା ପୋଲଟି ବିପଦ ସଂକୁଳ ଅବସ୍ଥାରେ ରହିଥିବା ବେଳେ କେତେବେଳେ ଯେ ଅଘଟଣ ନ ଘଟିବା ତାହା କହିବା କଷ୍ଟକର । କାରଣ ଉକ୍ତ ପୋଲ ଦେଇ ପ୍ରତିଦିନ ବାଲେଶ୍ୱର ମୟୂରଭଂଜକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ହୋଇଥିବାରୁ ଉକ୍ତ ପୋଲ ଉପରେ ଶହ ଶହ ଭାରିଯାନ ସହ ଯାତ୍ରୀବାହୀ ବସ୍ ଓ ପଥରରୀ ଯାତାୟତ କରୁଛନ୍ତି । ଲୋକଙ୍କ ସୁରକ୍ଷା ଦିଗରେ ବିଭାଗର ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀକୁ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ପୂର୍ତ



ବିଭାଗର କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମଣ ସିଂକୁ ପଚାରିବାରୁ ଠିକାଦାର ମାଟିକାଟିବା ବେଳେ ପୁରୁଣାପୋଲ ପାର୍ଶ୍ୱରେ ଅଧିକ ମାଟି କାଟି ଦେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ମାଟି କାଟିଲା ବେଳେ ବିଭାଗୀୟ ଯନ୍ତ୍ରୀ କିମ୍ବା ଏସଡି.ଓ. ଉପସ୍ଥିତ ରହି ନ ଥିଲେ କ'ଣ ପାଇଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି। ତେବେ କ'ଣ ନୀଳଗିରି ପୂର୍ତ ବିଭାଗ ଠିକାଦାର ମର୍ଜିରେ କାମ କରୁଛନ୍ତି କି ? ଯଦି ଅଘଟଣ ଘଟେ ଏଥିପାଇଁ ଦାୟୀ କିଏ ରହିବ ବୋଲି ଚର୍ଚ୍ଚା ଚାଲିଥିବା ବେଳେ ନିଜ ମୁଣ୍ଡରୁ ଅଠା ଲିଭାଇବା ପାଇଁ ଆଜି ତରବରିଆ ଭାବେ ଠିକାଦାର ଜଣକ କିଛି ବାଲିବସ୍ତା ଓ ବିପଦ ସଂକୁଳ ଅବସ୍ଥାରେ ଥିବା ପୋଲ ଉପରେ ନାଲିଫିତା ଟାଙ୍ଗିଦେଇ ଭଗବାନଙ୍କ ଭରସାରେ ହାତ ଟେକି ଦେଇଛି । ଏଥିପ୍ରତି ବାଲେଶ୍ୱର ଜିଲ୍ଲାପାଳ ଓ ପୂର୍ତବିଭାଗର ନିର୍ବାହୀ ଯନ୍ତ୍ରୀ ତୁରନ୍ତ ପଦକ୍ଷେପ ନ ନେଲେ ଉକ୍ତ ପୋଲ ଭୁଷୁଡ଼ି ପଡ଼ିବାର ସମ୍ଭାବନା ରହିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo